# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ମେ ୧୧/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 11/2025 | Page 16 | ₹ 7.00

୫୧ଶ ଭାଗ ୧୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 165 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୧୧/୨୦୨୫ | Bhubaneswar, Sunday, May 11/2025 | ପୃଷ୍ଠା-୧


ପାକିସ୍ତାନର ଡ୍ରୋନ୍ ଆକ୍ରମଣରେ ଜମ୍ମୁର ଆବାସିକ କୋଠାଗୁଡ଼ିକ ଶୁକ୍ରବାର ରାତିରେ କ୍ଷତିଗ୍ରସ୍ତ ହୋଇଛି।

# ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

- ପରସ୍ପର ବିରୋଧରେ କାର୍ଯ୍ୟାନୁଷ୍ଠାନ ବନ୍ଦ ପାଇଁ ୨ ଦେଶ ରାଜି
- ସୀମାନ୍ତ ସହରରେ ସନ୍ଦିଗ୍ଧ ଡ୍ରୋନ୍, ଏଲଓସିରେ ଗୁଳି ବିନିମୟ
- ଅସ୍ତ୍ରବିରତି: ପାକ୍ ସରକାର ରାଜି, ମାନୁନାହିଁ ସେନା
- ୧୨ରେ ଡିଜିଏମ୍ଓ ସ୍ତରରେ ପୁଣି ଆଲୋଚନା

ନୂଆଦିଲ୍ଲୀ/ଇସ୍‌ଲମାବାଦ/ ୱାଶିଂଟନ୍,୧୦।୫

ପାକିସ୍ତାନୀ ଆତଙ୍କବାଦୀଙ୍କ ପହଲଗାମ୍ ଆକ୍ରମଣ ଓ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନକୁ ନେଇ ୨ ଦେଶ ମୁହାଁମୁହିଁ ହୋଇଥିବାବେଳେ ଆମେରିକାର ହସ୍ତକ୍ଷେପକ୍ରମେ ଶନିବାର ଅପରାହ୍ନ ୫ଟାରୁ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲା। ଏହାର ୩ ଘଣ୍ଟା ପରେ ପାକିସ୍ତାନୀ ସେନା ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟ ଭଳି ସୀମାନ୍ତ ରାଜ୍ୟଗୁଡ଼ିକୁ ପୁନର୍ବାର ଟାର୍ଗେଟ କରିଛି। ପାକ୍ ରେଞ୍ଜର୍ସ ଅସ୍ତ୍ରବିରତି ଉଲ୍ଲଂଘନ କରି ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ରେଖାରେ ଝୁହାକୁଝୁହା ଗୁଳିଗୋଳା ବର୍ଷଣ କରୁଛନ୍ତି। ସେହିପରି ଉତ୍ତର ଓ ପଶ୍ଚିମ ଭାରତର ଅନେକ ସହର ଆକାଶରେ ପାକିସ୍ତାନୀ ଡ୍ରୋନ୍ ଚକ୍କର ମାରୁଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ସହରଗୁଡ଼ିକରେ ବ୍ଲାକ୍‌ଆଉଟ୍ ଘୋଷଣା କରାଯିବା ସହ ଯୁଦ୍ଧ ସାଇରନ୍ ବଜାଇ ଜନସାଧାରଣଙ୍କୁ ସତର୍କ କରାଯାଉଛି। ଗୋଟିଏ ପଟେ ଭାରତ ଓ ପାକିସ୍ତାନର ନିର୍ବାଚିତ ସରକାରଙ୍କ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିବାବେଳେ ଅନ୍ୟପଟେ ପାକିସ୍ତାନୀ ସେନା ଏହାକୁ ଅବଜ୍ଞା କରି ସୀମାପାର ଆକ୍ରମଣ ଜାରି ରଖିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ପାକିସ୍ତାନୀ ସେନା ଦେଶର ନିର୍ବାଚିତ ସରକାର ଉପରେ କର୍ତ୍ତୃତ୍ୱ ଜାହିର କରିବାର ଇତିହାସ ରହିଛି। ଅନେକ ସମୟରେ ସରକାରଙ୍କ ନୀତିଠାରୁ ଭିନ୍ନ ମତ ପୋଷଣ କରି ସଶସ୍ତ୍ର ବଳ ନିଜସ୍ୱ ରଣନୀତି ଆପଣାଇଥାଏ। ତେଣୁ ଜେନେରାଲ ଆସିମ୍ ମୁନୀରଙ୍କ ନେତୃତ୍ୱାଧୀନ ପାକିସ୍ତାନୀ ସେନା ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ପୁଣିଥରେ ଭାରତ ବିରୋଧରେ ଦୁଃସାହସିକ ପଦକ୍ଷେପ ନେବା ଆରମ୍ଭ କରିଛି ବୋଲି ସଦ୍ୟ ଘଟଣାବଳୀକୁ ଦେଖି ପ୍ରତିରକ୍ଷା ବିଶେଷଜ୍ଞମାନେ କହୁଛନ୍ତି।

ଭାରତ ଓ ପାକିସ୍ତାନ ପରସ୍ପର ବିରୋଧରେ ୩ ଦିନ ଧରି ସାମରିକ କାର୍ଯ୍ୟାନୁଷ୍ଠାନ ନେବା ପରେ ଶେଷରେ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଶନିବାର ଅପରାହ୍ନ ୫ଟାରୁ ଜଳ, ସ୍ଥଳ ଓ ଆକାଶମାର୍ଗରେ କେହି କାହା ଉପରେ ଯୁଦ୍ଧାସ୍ତ୍ର ପ୍ରୟୋଗ କରିବେ ନାହିଁ ବୋଲି ସହମତି ପ୍ରକାଶ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ଏନେଇ ପ୍ରକାଶ କରିବା ପରେ ଉଭୟ ପକ୍ଷ ମଧ୍ୟ ସ୍ପଷ୍ଟ କରିଛନ୍ତି। ତେବେ ସିଜ୍‌ଫାୟାର ପାଇଁ ଭାରତ ଓ ପାକିସ୍ତାନ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍ଓ)ସ୍ତରରେ ଉଦ୍ୟମ ହୋଇଛି ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ ବୋଲି ନୂଆଦିଲ୍ଲୀ କହିଛି।

☞ପୃଷ୍ଠା-୧୦

## ପାକିସ୍ତାନକୁ ସମର୍ଥନ ଜାରି ରହିବ: ଚାଇନା

ଇସ୍‌ଲାମାବାଦ,୧୦।୫(ପି.ଟି.)

ପାକିସ୍ତାନର ସାର୍ବଭୌମତ୍ୱ, କ୍ଷେତ୍ରିୟ ଅଖଣ୍ଡତା ଓ ଜାତୀୟ ସ୍ୱାଧୀନତା ବଜାୟ ରଖିବାରେ ଇସ୍‌ଲାମାବାଦକୁ ସମର୍ଥନ ଦେବା ଜାରି ରହିବ ବୋଲି ଶନିବାର ରାତିରେ ଚାଇନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୟାଙ୍ଗ୍ ୟି ପାକ୍ ଉପପ୍ରଧାନମନ୍ତ୍ରୀ ଇଶାକ୍ ଡାରଙ୍କ ସହ ଫୋନ୍‌ରେ ଆଲୋଚନା ବେଳେ ତାଙ୍କୁ ଏଭଳି ପ୍ରତିଶ୍ରୁତି ଦେଇଥିବା ସେଠାକାର ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଆଲୋଚନା ବେଳେ ଡାର୍ ସାମ୍ପ୍ରତିକ ସ୍ଥିତି ଓ ପରିବର୍ତ୍ତନଶୀଳ ଘଟଣାକ୍ରମ ଉପରେ ୟାଙ୍ଗ୍‌ଙ୍କୁ ଅବଗତ କରାଇଥିଲେ। ୟାଙ୍ଗ୍ ଚାଇନାର ସବୁଦିନିଆ ରଣନୈତିକ ସହଯୋଗୀ ପାକିସ୍ତାନକୁ ସମର୍ଥନ ଜାରି ରଖିବା ନେଇ ବେଜିଂର ଆଭିମୁଖ୍ୟକୁ ପୁଣି ଦୋହରାଇଛନ୍ତି ବୋଲି ଇସ୍‌ଲାମାବାଦ ସୂତ୍ରରୁ ପ୍ରକାଶ।

## ଜମ୍ମୁରୁ ଫେରିଲେ ୧୧୪ ଓଡ଼ିଆ ଛାତ୍ରୀଛାତ୍ର

କଟକ,୧୦।୫(କାର୍ତ୍ତିକ ସାହୁ)

ଜମ୍ମୁସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଓଡ଼ିଶାର ୧୧୪ଜଣ ଛାତ୍ରୀଛାତ୍ର ସୁରକ୍ଷିତ ଭାବେ ଓଡ଼ିଶା ଫେରିଛନ୍ତି। ସେମାନଙ୍କ ମଧ୍ୟରେ ୩୫ଜଣ ଛାତ୍ରୀ ଅଛନ୍ତି। ସରକାରୀ ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସେମାନେ ଜମ୍ମୁରୁ ଦିଲ୍ଲୀ ଓ ପୁଣି ଦିଲ୍ଲୀରୁ ବିଭିନ୍ନ ଟ୍ରେନ୍ ଯୋଗେ ଆସି ଓଡ଼ିଶାର ନିଜ ଅଞ୍ଚଳର ଷ୍ଟେଶନରେ ଶନିବାର ଓହ୍ଲାଇଛନ୍ତି। ପ୍ରତ୍ୟେକ ରେଳଷ୍ଟେଶନରୁ ସେମାନଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ ଦ୍ୱାରା

### ଟ୍ରେନ୍ ଭିତରେ ବନ୍ଦ ଥିଲା ଲାଇଟ୍

ନିଆଯାଇ ସେମାନଙ୍କ ପରିବାର ନିକଟରେ ପହଞ୍ଚାଇ ଦିଆଯାଇଥିବା ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ଜମ୍ମୁରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିରୁ ସୁରକ୍ଷିତ ଭାବେ ଘରକୁ ଫେରିବାକୁ ନେଇ ସରକାରଙ୍କୁ ଜଣାଇଥିଲେ। ଏ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆର୍‌ଟିଓମାନଙ୍କୁ ୮ ତାରିଖ ସନ୍ଧ୍ୟାରେ ☞ପୃଷ୍ଠା-୧୦




ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

No. T-18: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା12.05.2025ରିଖ ସରକାରୀ ଛୁଟି ଦିନ ଥିବା ହେତୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0109/2526

## ୨୭ରେ କେରଳ ଛୁଇଁପାରେ ମୌସୁମୀ

ନୂଆଦିଲ୍ଲୀ,୧୦।୫(ପି.ଟି.)

ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ସାଧାରଣତଃ ଜୁନ୍ ୧ରେ କେରଳ ପହଞ୍ଚୁଥିବାବେଳେ ଏଥର ଆଗୁଆ ଭାବେ ମେ' ୨୭ରେ ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ପୂର୍ବାନୁମାନ ଅନୁଯାୟୀ, ମୌସୁମୀ କେରଳ ସ୍ପର୍ଶ କଲେ, ଏହା ୨୦୦୯ ପରେ ସଅଳ ପହଞ୍ଚିବାରେ ପ୍ରଥମ ଘଟଣା ହେବ। ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ, ୨୦୦୯ ମେ' ୨୩ରେ ମୌସୁମୀ କେରଳ ସ୍ପର୍ଶ କରିଥିଲା। ଜୁଲାଇ ୮ ସୁଦ୍ଧା ମୌସୁମୀ ସାରା ଦେଶରେ ପ୍ରବେଶ କରିଥାଏ ଏବଂ ସେପ୍ଟେମ୍ବର ୧୭ରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇ ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଅପସରି ଯାଇଥାଏ। ଗତବର୍ଷ ମେ' ୩୦ରେ ମୌସୁମୀ କେରଳ ଛୁଇଁଥିଲା। ସେହିପରି ୨୦୨୩ରେ ଜୁନ୍ ୮, ୨୦୨୨ରେ ମେ' ୨୯, ୨୦୨୧ରେ ଜୁନ୍ ୩, ୨୦୨୦ରେ ଜୁନ୍ ୧, ୨୦୧୯ରେ ଜୁନ୍ ୮ ଏବଂ ୨୦୧୮ରେ ମେ' ୨୯ରେ ମୌସୁମୀ କେରଳ ପହଞ୍ଚିଥିଲା। ତେବେ ମୌସୁମୀ ପହଞ୍ଚିବା ତାରିଖ ସହ ଦେଶରେ ହେବାକୁ ଥିବା ମୋଟ ବୃଷ୍ଟିପାତ ପରିମାଣର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ବୋଲି ଆଇଏମ୍‌ଡିର



ଜଣେ ଅଧିକାରୀ କହିଛନ୍ତି। ଚଳିତ ବର୍ଷ ଏଲ୍ ନିନୋ ସ୍ଥିତି ସମ୍ଭାବନା ନ ଥିବାରୁ ବୃଷ୍ଟିପାତ ସ୍ୱାଭାବିକଠାରୁ ଅଧିକ ହେବ ବୋଲି ଗତ ମାସରେ ଆଇଏମ୍‌ଡି ପୂର୍ବାନୁମାନ କରିଥିଲା।

**ଆଜିର ସମ୍ପାଦକୀୟ** ଡୋଭାଲଙ୍କ ସିଦ୍ଧାନ୍ତ

## ପାକିସ୍ତାନକୁ ଆଇଏମ୍ଏଫ୍‌ର ୧ ବିଲିୟନ ଡଲାର ଋଣ | ସମୟକୁ ନେଇ ପ୍ରଶ୍ନ

ନ୍ୟୁୟର୍କ/ ଇସ୍‌ଲାମାବାଦ, ୧୦।୫ (ପି.ଟି.)

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଶୁକ୍ରବାର ପାକିସ୍ତାନକୁ ୧ ବିଲିୟନ ଆମେରିକୀୟ ଡଲାର ଋଣ ମଞ୍ଜୁର କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସର୍ବୋଚ୍ଚରେ ପହଞ୍ଚିଥିବା ବେଳେ ଏହି ସମୟରେ ଅନ୍ତର୍ଜାତୀୟ ଋଣପ୍ରଦାନକାରୀ ସଂସ୍ଥାର ଏଭଳି ନିଷ୍ପତ୍ତି ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ଶନିବାର ପ୍ରାରମ୍ଭରେ ଶୁଣିବାକୁ ମିଳିଥିଲା ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ହୋଇଛି। ପରେ ପାକିସ୍ତାନ ତାହାକୁ ଉଲ୍ଲଂଘନ କରିଥିବା ଖବର ମିଳିଲା। ତେବେ ଏହି ଋଣ ପ୍ରଦାନ ସହ ଅସ୍ତ୍ରବିରତିର ସମ୍ପର୍କ ରହିଥିବା ନେଇ ଆଲୋଚନା ହେଲାଣି। ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ତାଙ୍କ ଯୋଗୁ ହୋଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିବା ବେଳେ ଭାରତ କହିଛି ଯେ ତାହା ପାକିସ୍ତାନ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା ମାଧ୍ୟମରେ ହୋଇଛି। କିନ୍ତୁ ଆମେରିକା ଉପରାଷ୍ଟ୍ରପତି ଜେ ଡି ଭାନ୍ସ ଓ ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ତାଙ୍କ ଦେଶ ହସ୍ତକ୍ଷେପରେ ଏହା ସମ୍ଭବ ହୋଇଛି ବୋଲି କହିଛନ୍ତି। ଏହା ମଧ୍ୟ ଶୁଣିବାକୁ ମିଳିଛି ଯେ, ୧ ବିଲିୟନ ଆମେରିକୀୟ ଡଲାର ଯାଚି ଆମେରିକା ଅସ୍ତ୍ରବିରତିରେ ରାଜି ହେବା ଲାଗି ପାକିସ୍ତାନ ଉପରେ ଚାପ ପକାଇଥିଲା । କାରଣ ୱାଶିଂଟନ ଡିସିର ବିନା ଅନୁମୋଦନରେ ଋଣ ମିଳି ନ ଥାଏ, ଯେହେତୁ ହ୍ୱାଇଟ୍ ହାଉସ ଏଥିଲାଗି ଶେଷ ସ୍ପର୍ଶକାରୀ ଭୂମିକା ନିର୍ବାହ କରିଥାଏ।

ପାକିସ୍ତାନର ଦୁର୍ବଳ ଆର୍ଥିକ ସ୍ଥିତି ଓ ତାହାକୁ ମିଳୁଥିବା ସହାୟତା ରାଷ୍ଟ୍ର ପ୍ରାୟୋଜିତ ସୀମାପାର ଆତଙ୍କବାଦରେ ବିନିଯୋଗ ହେଉଥିବାରୁ ଭାରତ ପୂର୍ବରୁ ବହୁବାର ଅନ୍ତର୍ଜାତୀୟ ମଞ୍ଚରେ ଏହି ପ୍ରସଙ୍ଗ ଉଠାଇ ଆସିଛି। ଶୁକ୍ରବାର ଅନୁଷ୍ଠିତ ଆଇଏମ୍ଏଫ୍ ବୋର୍ଡ ବୈଠକରେ ପାକିସ୍ତାନକୁ ଏକ୍ସଟେଣ୍ଡେଡ୍ ଫଣ୍ଡ ଫ୍ୟାସିଲିଟି (ଇଏଫ୍ଏଫ୍) ଜରିଆରେ ଦିଆଯିବାକୁ ଥିବା ୨.୩ ବିଲିୟନ ଆମେରିକୀୟ ଡଲାର ଋଣ ଉପରେ ସମୀକ୍ଷା କରିବା ଲାଗି କହି ଭାରତ ପ୍ରତିବାଦ କରିଥିଲା। କିନ୍ତୁ ଆଇଏମ୍ଏଫ୍ ଏକ ବିବୃତିରେ ଜଣାଇଥିଲା ଯେ ପାକିସ୍ତାନର ୩୭ ମାସର ଇଏଫ୍ଏଫ୍‌କୁ ୨୫ ସେପ୍ଟେମ୍ବର ୨୦୨୪ରେ ମଞ୍ଜୁରୀ ମିଳିଥିଲା। ତାହା ପାକିସ୍ତାନର ନିରନ୍ତର ବିକାଶ ଦିଗରେ ଅଭିପ୍ରେତ ଥିବାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ପାକିସ୍ତାନକୁ ୧ ବିଲିୟନ ଆମେରିକୀୟ ଡଲାର ମଞ୍ଜୁରୀ କରାଯାଇଛି ବୋଲି ମୁଦ୍ରାପାଣ୍ଠି ପକ୍ଷରୁ କୁହାଯାଇଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ପ୍ରାଣହାନି ପରେ ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା ସାମରିକ ଉତ୍ତେଜନା ପରିପ୍ରେକ୍ଷୀରେ ପାକିସ୍ତାନକୁ ଆଇଏମ୍ଏଫ୍‌ର ଋଣ ପ୍ରଦାନ ବିଶ୍ୱ ସମୁଦାୟକୁ ଏକ ଭୟଙ୍କର ବାର୍ତ୍ତା ଦେଇଛି ବୋଲି ଭାରତ କହିଛି। ଅନ୍ୟପକ୍ଷରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଆଇଏମ୍ଏଫ୍‌ର ଋଣ ପ୍ରଦାନରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ପାକିସ୍ତାନର ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆସୁଥିବା ବେଳେ ଭାରତ ଷଡ଼ଯନ୍ତ୍ର କରି ଆଇଏମ୍ଏଫ୍ ଋଣ ରୋକିବା ଲାଗି କରିଥିବା ପ୍ରୟାସ ବିଫଳ ହୋଇଛି ବୋଲି ଶରିଫ୍ କହିଛନ୍ତି। ☞ପୃଷ୍ଠା-୧୦

SIKSHA 'O' ANUSANDHAN
(DEEMED TO BE UNIVERSITY)
SAAT-2025
Empowering students for a brighter future
LAW PROGRAMMES OFFERED
- BA LLB (H) - Integrated Law
- BBA LLB (H) - Integrated Law
- LLB (H) - 3 Years Law
- LLM

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 09th Best in Law Category
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT,
Please visit: www.soa.ac.in



ସାମ୍ପ୍ରତିକ ସ୍ଥିତିରେ ବିଭିନ୍ନ ଦେଶ ବିଶେଷକରି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୀମା ସଂଘର୍ଷ ଘଟି ଭୂରାଜନୈତିକ ତଥା ସାମରିକ ଉତ୍ତେଜନା ବଢ଼ିବାରେ ଲାଗିଛି। ୨୦୨୨ ଫେବୃଆରୀରୁ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଲାଗିରହିଥିବାବେଳେ ୨୦୨୩ ଅକ୍ଟୋବରରୁ ଇସ୍ରାଏଲ-ଗାଜା ସଂଘର୍ଷ ସ୍ଥିତିକୁ ସଙ୍ଗିନ କରିଦେଇଛି। ଏଭଳି ସମୟରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହୋଇ ପରସ୍ପର ବିରୋଧରେ ଡ୍ରୋନ୍‌ଠାରୁ ନେଇ ମିଶାଇଲ ପର୍ଯ୍ୟନ୍ତ ବ୍ୟବହାର କରିଛନ୍ତି। ଦେଖିବାକୁ ଗଲେ ଯୁଦ୍ଧରେ କେହି ବିଜୟୀ ହୋଇ ନ ଥାଆନ୍ତି। ଉଭୟ ପକ୍ଷର କ୍ଷତି ସାଧିତ ହୋଇଥାଏ। କିନ୍ତୁ ଲାଭାନ୍ୱିତ ହୋଇଥାନ୍ତି ଅସ୍ତ୍ର ବ୍ୟବସାୟ କରୁଥିବା କମ୍ପାନୀ ଓ ରାଷ୍ଟ୍ରଗୁଡ଼ିକ। ତେଣୁ ଅସ୍ତ୍ର ଉତ୍ପାଦନକାରୀ ରାଷ୍ଟ୍ର ସମୂହ ଅନେକ ସମୟରେ ଯୁଦ୍ଧ ସ୍ଥିତି ସୃଷ୍ଟି କରିବାକୁ ଉଦ୍ୟମ କରିଥାନ୍ତି ବୋଲି ଅଭିଯୋଗ ହୋଇଆସୁଛି। ଭାରତ-ପାକିସ୍ତାନ ମଧ୍ୟରେ ୧୮ ଦିନ ଧରି ସାମରିକ ଉତ୍ତେଜନା ଲାଗିରହିଥିବାବେଳେ ଶନିବାର ଅପରାହ୍ନ ୫ଟାରୁ ଦୁଇଦେଶ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଛନ୍ତି। ଆଗକୁ ସ୍ଥିତି କେଉଁ ଆଡ଼କୁ ମୁହାଁଇବ ତାହା ସମୟ କହିବ। କିନ୍ତୁ ଇତିମଧ୍ୟରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ବଢ଼ିଥିବା ସାମରିକ ଉତ୍ତେଜନା ଯୁଦ୍ଧାସ୍ତ୍ର ଶିଳ୍ପ ଓ କାରବାର ସମ୍ପର୍କିତ ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

# ଯୁଦ୍ଧାସ୍ତ୍ର ବେପାର





ପୃଥ୍ୱୀ-୨ ମିଶାଇଲ

## ୨.୪୪୩ ଟ୍ରିଲିୟନ୍ ଡଲାରର ପ୍ରତିରକ୍ଷା ଶିଳ୍ପ

ବିଶ୍ୱର ସମସ୍ତ ସାର୍ବଭୌମ ରାଷ୍ଟ୍ରର ନିଜସ୍ୱ ପ୍ରତିରକ୍ଷା ଅଧିକାର ରହିଛି। ଶତ୍ରୁଦେଶ ଆକ୍ରମଣ କଲେ ଏକ ରାଷ୍ଟ୍ର ଆତ୍ମରକ୍ଷା କରିବା ସହ ପ୍ରତିପକ୍ଷକୁ ଜବାବ ଦେବା ପାଇଁ ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ପଡ଼ିଥାଏ। ଏଥିପାଇଁ ଆଧୁନିକ ଯୁଗରେ ଆର୍ମ ଇଣ୍ଡଷ୍ଟ୍ରି ବା ପ୍ରତିରକ୍ଷା ଶିଳ୍ପ ବା ସାମରିକ ଶିଳ୍ପ ଫୁଲିବାରେ ଲାଗିଛି। ଅସ୍ତ୍ରଶସ୍ତ୍ରଠାରୁ ନେଇ ଡ୍ରୋନ୍, ଯୁଦ୍ଧ ଉପକରଣ, ମିଶାଇଲ୍ ସିଷ୍ଟମ୍, ଯୋଗାଯୋଗ ବ୍ୟବସ୍ଥା, ଏୟାର ଡିଫେନ୍ସ ସିଷ୍ଟମ୍, ମିଶାଇଲ, ଲଜିଷ୍ଟିକାଲ ସପୋର୍ଟ ଆଦି ଏଥିରେ ଅନ୍ତର୍ଭୁକ୍ତ। ଅନେକ ଶିଳ୍ପ ଉନ୍ନତ ରାଷ୍ଟ୍ରର ସରକାର ଅସ୍ତ୍ର ନିର୍ମାଣ କ୍ଷେତ୍ରରେ ନିଜସ୍ୱ ନୀତି ପ୍ରଣୟନ କରିଥାନ୍ତି। ଏହି ନୀତି ବଳରେ ସମ୍ପୃକ୍ତ ରାଷ୍ଟ୍ରଗୁଡ଼ିକ ସାମରିକ ଉପକରଣ କ୍ରୟଠାରୁ ନେଇ ଅସ୍ତ୍ର ପ୍ରୟୋଗ ପର୍ଯ୍ୟନ୍ତ ସବୁକିଛି ଧାର୍ଯ୍ୟ କରନ୍ତି। ୨୦୨୪ରେ ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ) ପକ୍ଷରୁ କରାଯାଇଥିବା ଏକ ଆକଳନ ଅନୁସାରେ ବିଶ୍ୱ ପ୍ରତିରକ୍ଷା ଶିଳ୍ପର ଆକାର ହେଉଛି ୨.୪୪୩ ଟ୍ରିଲିୟନ୍ ଆମେରିକୀୟ ଡଲାର। ୨୦୨୩ରେ ବିଶ୍ୱର ସବୁଠୁ ବଡ଼ ୧୦୦ ଅସ୍ତ୍ର ନିର୍ମାଣକାରୀ କମ୍ପାନୀ ୬୩୨ ବିଲିୟନ୍ ଡଲାର ରାଜସ୍ୱ ଆୟ କରିଥିଲେ।

**ବୈଶ୍ୱିକ ଅସ୍ତ୍ର ବଜାର ଉପରେ ଆମେରିକାର ଆଧିପତ୍ୟ:** ବିଶ୍ୱର ପ୍ରାୟ ଅଧା ଯୁଦ୍ଧାସ୍ତ୍ର ଆମେରିକୀୟ କମ୍ପାନୀଗୁଡ଼ିକ ନିର୍ମାଣ କରି ବିଭିନ୍ନ ଦେଶକୁ ରପ୍ତାନି କରିଥାନ୍ତି।

**୨ୟରେ ଚାଇନା, ୩ୟରେ ରୁଷିଆ:** ଯୁଦ୍ଧାସ୍ତ୍ର କାରବାର କ୍ଷେତ୍ରରେ ଚାଇନା ଦ୍ୱିତୀୟ ସ୍ଥାନରେ ଥିବାବେଳେ ରୁଷିଆ ୩ୟ ସ୍ଥାନରେ ରହିଛି। ଏପରି କି ଘରୋଇ ଅସ୍ତ୍ର ନିର୍ମାଣ କ୍ଷେତ୍ରରେ ମଧ୍ୟ ୨ ଦେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆମେରିକା ବିରୋଧୀ ଏହି ରାଷ୍ଟ୍ରଦ୍ୱୟ ଅସ୍ତ୍ର ରପ୍ତାନି କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରୁ ନ ଥିବା ଅଭିଯୋଗ ହୋଇଥାଏ।

**ୟୁରୋପ:** ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ଅସ୍ତ୍ରନିର୍ମାତାଙ୍କ ଏକ ବୃହତ୍ ବଜାର ରହିଛି। ବିଶେଷକରି ଏରୋସ୍ପେସ୍ ଓ ନାଭାଲ ସିଷ୍ଟମ୍ ନିର୍ମାଣରେ ୟୁରୋପୀୟ କମ୍ପାନୀଗୁଡ଼ିକର ବିଶେଷତ୍ୱ ରହିଛି।

## ଭାରତ, ପାକିସ୍ତାନ ସାମରିକ କ୍ଷମତା

ଏପ୍ରିଲ ୨୨ ତାରିଖରେ ପହଲଗାମ୍‌ରେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା ପରେ ଭାରତ ପକ୍ଷରୁ ଗତ ୬ ତାରିଖ ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆତଙ୍କବାଦୀଙ୍କ ୯ ସ୍ଥାନରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଏହାପରଠାରୁ ୨ ଦେଶ ମଧ୍ୟରେ ସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ପାକିସ୍ତାନ ପକ୍ଷରୁ ଭାରତର ସୀମାବର୍ତ୍ତୀ ଅଞ୍ଚଳକୁ ଟାର୍ଗେଟ କରାଯାଇ ମିଶାଇଲ ଏବଂ ଡ୍ରୋନ୍ ଛଡ଼ାଯାଇଥିଲା, ଯାହାକୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ୍ ନଷ୍ଟ କରିଥିଲା। ସେହିପରି ଭାରତ ମଧ୍ୟ ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ୍‌କୁ ଧ୍ୱଂସ କରିବା ସହ ୫ଟି ଏୟାର ବେସ୍ ଏବଂ ୩ଟି ଅନ୍ୟ ସାମରିକ ଠିକଣା ଉପରେ ଆକ୍ରମଣ କରିଥିଲା।

| ସାମରିକ କ୍ଷମତା | ଭାରତ | ପାକିସ୍ତାନ |
|---|---|---|
| ମୋଟ ସୈନ୍ୟ କର୍ମଚାରୀ | ୫୧,୩୭, ୫୫୦ | ୧୭,୦୪,୦୦୦ |
| ସାମରିକ ବାହିନୀର ସକ୍ରିୟ କର୍ମଚାରୀ | ୧୪,୫୫,୫୫୦ | ୬.୫ ଲକ୍ଷ |
| ଯୁଦ୍ଧ କର୍ମଚାରୀ | ୪୨,୪୧,୫୦୦ | ୯,୬୪,୦୦୦ |
| ନୌସେନା କର୍ମଚାରୀ | ୧,୪୨,୨୫୨ | ୧,୨୪,୮୦୦ |
| ଟ୍ୟାଙ୍କ | ୪,୨୦୧ | ୨,୬୨୭ |
| କମ୍ବାଟ ଟ୍ୟାଙ୍କ | ୩,୧୫୧ | ୧,୮୩୯ |
| କମ୍ବାଟ ହେଲିକପ୍ଟର | ୩୯ | ୪୩ |
| ଅର୍ଦ୍ଧସାମରିକ ବାହିନୀ | ୨୫,୨୭,୦୦୦ | ୫,୦୦,୦୦୦ |
| **ବାୟୁସେନା** ଏୟାରକ୍ରାଫ୍ଟ | ୨,୨୨୯ | ୧,୩୯୯ |
| ଫାଇଟର ଜେଟ | ୫୧୩ | ୩୨୮ |
| ଏରିଆଲ ଟ୍ୟାଙ୍କର | ୬ | ୪ |
| ହେଲିକପ୍ଟର | ୮୯୯ | ୩୭୩ |

## ବିଶ୍ୱର ୧୦ ବଡ଼ ଅସ୍ତ୍ର ନିର୍ମାତା

| କମ୍ପାନୀ | ଦେଶ | ବାର୍ଷିକ କାରବାର (ଡଲାରରେ) | ପ୍ରମୁଖ ଯୁଦ୍ଧାସ୍ତ୍ର |
|---|---|---|---|
| ୧. ଲକ୍‌ହିଡ୍ ମାର୍ଟିନ୍ | ଆମେରିକା | ୬୦ ବିଲିୟନ୍ | ଏଫ୍-୩୫ ଫାଇଟର ଜେଟ୍, ଥାଡ୍ ମିଶାଇଲ, ବ୍ଲାକ୍ ହକ୍ |
| ୨. ରେଥେଓନ୍ ଟେକ୍ନୋଲୋଜି | ଆମେରିକା | ୪୦ ବିଲିୟନ | ପାଟ୍ରିଅଟ୍ ମିଶାଇଲ, ରାଡାର, ଆଭିଓନିକ୍ସ |
| ୩. ନରଥ୍ରୋପ୍ ଗନ୍‌ମ୍ୟାନ୍ | ଆମେରିକା | ୩୬ ବିଲିୟନ୍ | ବି-୨୧ ବମ୍ବର, ଡ୍ରୋନ୍, ମିଶାଇଲ୍ ଡିଫେନ୍ସ ମିଶାଇଲ |
| ୪. ବୋଇଂ ଡିଫେନ୍ସ | ଆମେରିକା | ୩୦ ବିଲିୟନ୍ | ଆପାଚେ, ଚିନୁକ୍, କେସି-୪୬, ସାଟେଲାଇଟ୍ |
| ୫. ଜେନେରାଲ ଡାଇନାମିକ୍ସ | ଆମେରିକା | ୨୫ ବିଲିୟନ୍ | ଆବ୍ରାହମ୍ ଟ୍ୟାଙ୍କ, ଭର୍ଜିନିଆ ସବ୍‌ମାରାଇନ୍ସ |
| ୬. ବିଏଇ ସିଷ୍ଟମ୍ସ | ଆମେରିକା | ୨୩ ବିଲିୟନ୍ | ୟୁରୋଫାଇଟର ଟାଇଫୁନ୍, ନାଭାଲ ଶିପ୍ |
| ୭. ଏଭିଆଇସି ଆଭିଏଶନ୍ ଇଣ୍ଡଷ୍ଟ୍ରି | ଚାଇନା | ୨୦ ବିଲିୟନ୍ | ଫାଇଟର ଜେଟ୍ (ଜେ-ସିରିଜ୍), ହେଲକପ୍ଟର |
| ୮. ନୋରିନ୍‌କୋ ଚାଇନା | ଚାଇନା | ୧୭ ବିଲିୟନ୍ | ଆର୍ମୋର୍ଡ ଭେହିକିଲ୍ସ, ଆର୍ଟିଲିଆରି |
| ୯. ଲିଓନାର୍ଡୋ ଏସ୍‌ପିଏ | ଇଟାଲୀ | ୧୪ ବିଲିୟନ୍ | ଏଡବ୍ଲ୍ୟୁ ହେଲିକପ୍ଟର, ୟୁରୋଫାଇଟର, ଇଲେକ୍ଟ୍ରୋନିକ୍ସ |
| ୧୦. ଥାଲେସ୍ ଗ୍ରୁପ୍ | ଫ୍ରାନ୍ସ | ୧୧ ବିଲିୟନ୍ | ରାଡାର, ଅପ୍‌ଟ୍ରୋନିକ୍ସ, ମିଶାଇଲ |

## ତୁଳନାତ୍ମକ ଚିତ୍ର

ଗ୍ଲୋବାଲ ଫାୟାର ପାୱାରର ସାମରିକ ଶକ୍ତି ର୍ୟାଙ୍କିଂ ଅନୁଯାୟୀ, ଭାରତ ବିଶ୍ୱର ଚତୁର୍ଥ ଶକ୍ତିଶାଳୀ ସାମରିକ ଶକ୍ତି ହୋଇଥିବାବେଳେ ପାକିସ୍ତାନ ହେଉଛି ଦ୍ୱାଦଶ ଶକ୍ତିଶାଳୀ ସାମରିକ ଶକ୍ତି। ଭାରତ ସାମରିକ କ୍ଷେତ୍ରରେ ସର୍ବାଧିକ ଖର୍ଚ୍ଚ କରୁଥିବା ବିଶ୍ୱର ପଞ୍ଚମ ଦେଶ। ୨୦୨୪ରେ ଭାରତ ନିଜର ସାମରିକ ଶକ୍ତି ପାଇଁ ୮୬.୧ ବିଲିୟନ ଡଲାର ଖର୍ଚ୍ଚ କରିଥିଲା, ଯାହା ଏହାର ଜିଡିପିର ମୋଟ ୨.୩%। ସେହିପରି ପାକିସ୍ତାନ ନିଜର ସାମରିକ ଶକ୍ତି ପାଇଁ ଗତବର୍ଷ ୧୦.୨ ବିଲିୟନ ଡଲାର ଖର୍ଚ୍ଚ କରିଥିଲା, ଯାହା ଏହାର ଜିଡିପିର ମୋଟ ୨.୭%। ମିଲିଟାରୀ ୱାଚ୍ ମାଗାଜିନ ଅନୁଯାୟୀ, ଭାରତ ଟାୟାର-୨ ମିଲିଟାରୀ ପାୱାର ହୋଇଥିବାବେଳେ ପାକିସ୍ତାନ ହେଉଛି ଟାୟାର-୩ ମିଲିଟାରୀ ପାୱାର। ଷ୍ଟକ୍‌ହୋମ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ)ର ରିପୋର୍ଟ ଅନୁଯାୟୀ, ୨୦୨୦ରୁ ୨୦୨୪ ମଧ୍ୟରେ ୟୁକ୍ରେନ ପରେ ଭାରତ ହେଉଛି ଦ୍ୱିତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର ଆମଦାନକାରୀ ଦେଶ। ସେହିପରି ୨୦୧୫-୧୯ରୁ ୨୦୨୦-୨୪ ମଧ୍ୟରେ ପାକିସ୍ତାନର ଅସ୍ତ୍ରଶସ୍ତ୍ର ଆମଦାନୀ ୬୧% ବୃଦ୍ଧି ପାଇଛି। ୧୯୯୦ ପରଠାରୁ ଚାଇନା ପାକିସ୍ତାନକୁ ସର୍ବାଧିକ ଅସ୍ତ୍ରଶସ୍ତ୍ର ଯୋଗାଇଛି। ୨୦୨୦-୨୪ ମଧ୍ୟରେ ପାକିସ୍ତାନର ୮୧% ଅସ୍ତ୍ରଶସ୍ତ୍ର ଆମଦାନୀ ଚାଇନାଠାରୁ ହୋଇଛି। ପାକିସ୍ତାନର ୧୦% ଅସ୍ତ୍ରଶସ୍ତ୍ର ଆମଦାନୀ ନେଦରଲାଣ୍ଡଠାରୁ ଏବଂ ୬% ତୁର୍କୀଠାରୁ ହୋଇଛି। ସେହିପରି ଏହା ମଧ୍ୟରେ ରୁଷିଆ ସବୁଠାରୁ ଅଧିକ ଅସ୍ତ୍ରଶସ୍ତ୍ର ଭାରତକୁ ଯୋଗାଇଛି। ଭାରତର ୮୧% ଅସ୍ତ୍ରଶସ୍ତ୍ର ଆମଦାନୀ ରୁଷିଆଠାରୁ ହୋଇଛି। ସେହିପରି ଏହି ଅବଧିରେ ଭାରତର ୩୩% ଅସ୍ତ୍ରଶସ୍ତ୍ର ଆମଦାନୀ ଫ୍ରାନ୍ସଠାରୁ, ୧୮% ଇସ୍ରାଏଲଠାରୁ ହୋଇଛି।







| ସାମରିକା କ୍ଷମତା (ନୌସେନା) | ଭାରତ | ପାକିସ୍ତାନ |
|---|---|---|
| ବୁଡ଼ା ଜାହାଜ | ୧୮ | ୮ |
| ଏୟାରକ୍ରାଫ୍ଟ କ୍ୟାରିୟର | ୨ (ଆଇଏନ୍‌ଏସ୍ ବିକ୍ରମାଦିତ୍ୟ, ଆଇଏନ୍‌ଏସ୍ ବିକ୍ରାନ୍ତ) | ୦ |
| ଏୟାର ଡିଫେନ୍ସ ସିଷ୍ଟମ | ଏସ୍-୪୦୦ (ସୁଦର୍ଶନ ଚକ୍ର), ବରାକ-୮ (ଏମ୍‌ଆର୍‌ଏସ୍‌ଏମ୍), ଆକାଶ | ଏଚ୍‌କ୍ୟୁ-୯/ପି, ଏଲ୍‌ୱାଇ-୮୦, ଏଲ୍‌ୱାଇ-୮୦ଇଭି |
| ଅଣୁ ଅସ୍ତ୍ର | ୧୮୦ | ୧୭୦ |
| ନ୍ୟୁକ୍ଲିଆର ମିଶାଇଲ | କେ-୪, କେ-୧୫ , ଅଗ୍ନି-୫. ଅଗ୍ନି-୪, ଅଗ୍ନି-୩ , ଅଗ୍ନି-୨, ଅଗ୍ନି-୧, ପୃଥ୍ୱୀ-୨, ପ୍ରହାର, ନିର୍ଭୟ | ଏଚଏଟିଏଫ୍ ୧-୮ , ଶାହିନ ୩, ଆବାବିଲ |



ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ମେନ୍ଧାର ସେକ୍ଟର ବେହରା ଗ୍ରାମରେ ପାକିସ୍ତାନୀ ସେନାର ଶେଲ୍ ମାଡ଼ରେ ଏକ ଘର କ୍ଷତିଗ୍ରସ୍ତ ହୋଇଛି।

## ଅପରେଶନ ସିନ୍ଦୂରରେ ଅଜହରଙ୍କ ସମ୍ପର୍କୀୟ ସମେତ ୫ ଶୀର୍ଷ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ,୧୦।୫



ରୌଫ୍ ଅଜହର

ଭାରତୀୟ ସେନା ସିନ୍ଦୂର ଜରିଆରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀର(ପିଓକେ)ରେ ଥିବା ଲଶ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ୯ଟି ଭିତ୍ତିଭୂମିକୁ ଧ୍ୱଂସ କରିଥିଲା। ଏଥିରେ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ ଆଜହରଙ୍କ ଭାଇ ତଥା ୧୯୯୯ର କାନ୍ଦାହାର ବିମାନ ଅପହରଣର ମାଷ୍ଟରମାଇଣ୍ଡ ରୌଫ୍ ଅଜହରଙ୍କ ସମେତ ୫ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ନିହତ ହୋଇଥିବା ଶନିବାର ଭାରତୀୟ ଏଜେନ୍ସି ସ୍ପଷ୍ଟ କରିଛନ୍ତି। ଏହି ଆତଙ୍କବାଦୀମାନଙ୍କ ଶେଷକୃତ୍ୟରେ ପାକିସ୍ତାନୀ ସେନାର ବରିଷ୍ଠ ଅଧିକାରୀ, ପୋଲିସ ଅଫିସର ଓ ରାଜନେତା ଯୋଗଦେଇଥିଲେ, ଯାହା ଆତଙ୍କବାଦୀ ସଂଗଠନ ସହ ପାକ୍ ସରକାରଙ୍କ ଗୋପନ ବୁଝାମଣା ଥିବାର ଖୋଲା ପ୍ରମାଣ।

୭ ତାରିଖ ରାତିରେ ଭାରତୀୟ ସେନାର ଆକ୍ରମଣ ବେଳେ ଜେଇଏମ୍‌ର ବାହାବଲପୁର ମୁଖ୍ୟାଳୟରେ ଉପସ୍ଥିତ ଥିବା ମାସୁଦ୍ ଅଜହରଙ୍କ ଭିଣୋଇ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ମହମ୍ମଦ ୟୁସୁଫ ଅଜହର ନିହତ ହୋଇଥିଲେ। ସେହିପରି ଜେଇଏମ୍ ଆତଙ୍କବାଦୀଙ୍କ ତାଲିମ କେନ୍ଦ୍ର ବାହାବଲପୁରର ମର୍କଜ ସୁଭାନ ଆଲ୍ଲା ଦାୟିତ୍ୱରେ ଥିବା ମାସୁଦଙ୍କ ଅନ୍ୟଜଣେ ଭିଣୋଇ ହାଫିଜ ମୁହମ୍ମଦ ଜମିଲ ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଥିଲେ। ମୁରିଦ୍‌କେରେ ମର୍କଜ ତାଇବା ଦାୟିତ୍ୱରେ ଥିବା ଲଶ୍କର-ଇ-ତୋଇବା ଆତଙ୍କବାଦୀ ମୁଦାସର ଖାଦିଆନ୍ ଖାସ୍ ଓରଫ ଅବୁ ଜୁନ୍ଦଲ ଆକ୍ରମଣରେ ପ୍ରାଣ ହରାଇଥିଲେ। ଲଶ୍କର ଆତଙ୍କବାଦୀ ଖଲିଦ ଓରଫ ଅବୁ ଆକାଶ ଜମ୍ମୁ-କଶ୍ମୀରର ଏକାଧିକ ଆତଙ୍କବାଦୀ ଆକ୍ରମଣ ସହ ସମ୍ପୃକ୍ତ। ଫୈସଲାବାଦରେ ତାଙ୍କ ଶେଷକୃତ୍ୟ ବେଳେ ପାକ୍ ସେନା ଅଧିକାରୀ ଓ ସ୍ଥାନୀୟ ଡେପୁଟି କମିଶନର ଉପସ୍ଥିତ ଥିଲେ। ପିଓକେରେ ଜେଇଏମ୍‌ର ଅପରେଶନାଲ କମାଣ୍ଡରଙ୍କ ପୁଅ ମହମ୍ମଦ ହାସନ ଖାନ୍ ମଧ୍ୟ ଅପରେଶନ ସିନ୍ଦୂରରେ ନିହତ ହୋଇଥିଲେ।

# ଆତଙ୍କବାଦୀ କାର୍ଯ୍ୟ ଭାରତ ବିରୋଧୀ ଯୁଦ୍ଧ

ନୂଆଦିଲ୍ଲୀ,୧୦।୫(ପି.ଟି.)

ଭାରତ ମାଟିରେ ଭବିଷ୍ୟତରେ କୌଣସି ଆତଙ୍କବାଦୀ କାର୍ଯ୍ୟକୁ ଦେଶ ବିରୋଧରେ 'ଯୁଦ୍ଧର କାର୍ଯ୍ୟ' ଭାବେ ବିବେଚନା କରାଯିବ ଏବଂ ତଦନୁଯାୟୀ ଜବାବ ଦିଆଯିବ ବୋଲି ଶନିବାର କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ ଏହି ଦେଶକୁ କେନ୍ଦ୍ର ସରକାର ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଏହି ନିଷ୍ପତ୍ତି ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଆତଙ୍କବାଦ ଘଟଣା ବିରୋଧରେ ଏକ ଅନ୍ତିମ ରେଖା ଟାଣିବାକୁ ଚାହିଁଛନ୍ତି। ପାକିସ୍ତାନ ସହ ସମ୍ପୃକ୍ତ ଆତଙ୍କବାଦୀମାନେ ଯଦି ପୁଣିଥରେ ଭାରତକୁ ଟାର୍ଗେଟ କରନ୍ତି, ତେବେ ପହଲଗାମ୍ ପରବର୍ତ୍ତୀ ଅନୁରୂପ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଦିଆଯାଇଛି।

### ଇସ୍‌ଲାମାବାଦକୁ ନୂଆଦିଲ୍ଲୀର କଡ଼ା ଚେତାବନୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଏନ୍‌ଏସ୍‌ଏ ଅଜିତ ଡୋଭାଲ, ସିଡିଏସ୍ ଜେନେରାଲ ଅନିଲ ଚୌହାନ ଓ ୩ ବାହିନୀର ମୁଖ୍ୟ ଯୋଗ ଦେଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶନିବାର ଶୀର୍ଷ ସୁରକ୍ଷା ଅଧିକାରୀମାନଙ୍କର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ଭାରତୀୟ ସଶସ୍ତ୍ର ବଳର ମୁଖ୍ୟମାନେ ଯୋଗଦେଇଥିଲେ। ବୈଠକରେ ବ୍ୟାପକ ବିଚାରବିମର୍ଶ ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଇଛି। ଗତମାସ ୨୨ ତାରିଖରେ ଜମ୍ମୁ-କଶ୍ମୀରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଆକ୍ରମଣ ଘଟାଇଥିଲା। ଏହି ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ପାକିସ୍ତାନୀ ଆତଙ୍କବାଦୀମାନେ ଉପତ୍ୟକାରେ ଅନେକ ସମୟରେ ସୁରକ୍ଷା ବଳ ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରି ହିଂସାକାଣ୍ଡ ଘଟାଇ ଆସିଛନ୍ତି। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରେ ପାକିସ୍ତାନ ସମ୍ପୃକ୍ତ ଥିବା ଆତଙ୍କବାଦୀ ଆକ୍ରମଣ ଘଟଣାର ଦୃଢ଼ ଜବାବ ଦିଆଯାଇଆସୁଛି। ଗତ ୭ ତାରିଖରେ ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରି ଏହାକୁ ଧ୍ୱଂସ କରିଥିଲା। ଏହାପରେ ପାକିସ୍ତାନ ଭାରତର ଉତ୍ତର ଓ ପଶ୍ଚିମସୀମାରେ ଥିବା କେତେକ ସାମରିକ ସ୍ଥଳ ଓ ଆବାସିକ ଅଞ୍ଚଳକୁ ଟାର୍ଗେଟ କରି ଏକାଧିକ ଆକ୍ରମଣ ଉଦ୍ୟମ କରିଥିଲା, ଯାହାର ଠିକଣା ଜବାବ ଭାରତୀୟ ସେନା ଦେଇଛି।

## ପାକିସ୍ତାନର ଶେଲ୍ ମାଡ଼ରେ କଶ୍ମୀର ଅଫିସରଙ୍କ ସମେତ ୬ ମୃତ

ଜମ୍ମୁ,୧୦।୫

ପାକିସ୍ତାନୀ ସେନାର ମୋର୍ଟାର ଶେଲ୍ ଏବଂ ଡ୍ରୋନ୍ ଆକ୍ରମଣରେ ଶନିବାର ଜମ୍ମୁ-କଶ୍ମୀର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ, ସେନାର ଜୁନିୟର କମିଶନ୍ଡ ଅଫିସର (ଜେସିଓ)ଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଉକ୍ତ ଆକ୍ରମଣ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ୟୁଏଭିର ଭଗ୍ନାବଶେଷ ପଡ଼ିଥିବା ଅଞ୍ଚଳଠାରୁ ଲୋକଙ୍କୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।

ସୀମାରେ ଶୁକ୍ରବାର ରାତି ସାରା ଗୁଳିଗୋଳା ବର୍ଷଣ ଜାରି ରହିଥିବାରୁ ଲୋକେ ଉଜାଗର ରହିଥିଲେ। ଶନିବାର ଭୋର ୫ଟା ବେଳେ ଜମ୍ମୁ ଓ ଅନ୍ୟ ବୃହତ୍ ସହରରେ ଏୟାର ରେଡ୍ ସାଇରନ୍ ସହ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା। ଶତ୍ରୁପକ୍ଷର ସମସ୍ତ ଡ୍ରୋନ୍ ଓ କ୍ଷେପଣାସ୍ତ୍ରକୁ ଭାରତୀୟ ସେନା ପ୍ରତିହତ କରିଥିବା ପ୍ରତିରକ୍ଷା ଅଧିକାରୀ କହିଛନ୍ତି। ପାକିସ୍ତାନର ଶେଲ୍ ମାଡ଼ରେ ରାଜୌରୀର ଅତିରିକ୍ତ ଜିଲା ଉନ୍ନୟନ କମିଶନର ରାଜକୁମାର ଥାପା ଓ ତାଙ୍କ କାର୍ଯ୍ୟାଳୟର ୨ ଜଣ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସରକାରୀ ମେଡିକାଲ କଲେଜକୁ ନିଆଯାଇଥିବାବେଳେ ସେଠାରେ ଥାପାଙ୍କ ମୃତ୍ୟୁ ଘଟିଥିଲା। ସେହିପରି ପୁଞ୍ଚ୍‌ର କ୍ରିଷ୍ଣା ଘାଟି ସେକ୍ଟର ନିକଟରେ ପାକିସ୍ତାନୀ ସେନାର ଶେଲ୍ ମାଡ଼ରେ ସୁବେଦାର ମେଜର ପୱନ କୁମାରଙ୍କ ମୃତ୍ୟୁ ଘଟିଛି। ରାଜୌରୀ ସହର ଶିଳ୍ପାଞ୍ଚଳରେ ଶେଲ୍ ମାଡ଼ ଯୋଗୁ ଐଶା ନୁର (୨) ଏବଂ ମହମ୍ମଦ ଶୋଏବ୍(୩୫)ଙ୍କ ମୃତ୍ୟୁ ଘଟିଥିବାବେଳେ ପୁଞ୍ଚ୍‌ର କଙ୍ଘା-ଗଲହୁଟ୍ଟା ଗ୍ରାମରେ ମୋର୍ଟାର ଶେଲ୍ ଆକ୍ରମଣରେ ରଶିଦା ବି (୫୫) ପ୍ରାଣ ହରାଇଛନ୍ତି।



ପାକିସ୍ତାନର ଶେଲ୍ ମାଡ଼ରେ ପ୍ରାଣ ହରାଇଥିବା ରାଜୌରୀ ଅତିରିକ୍ତ ଜିଲା ଉନ୍ନୟନ କମିଶନର ରାଜକୁମାର ଥାପାଙ୍କ ବାସଭବନରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପହଞ୍ଚି ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଉଛନ୍ତି।

## ସର୍ବଦଳୀୟ ବୈଠକ ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ,୧୦।୫

ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଡାକିବାକୁ ଶନିବାର କଂଗ୍ରେସ ପ୍ରସ୍ତାବ ଦେଇଛି। ସରକାର ସବୁ ଦଳଙ୍କୁ ବିଶ୍ୱାସକୁ ନିଅନ୍ତୁ। ଏଥିସହିତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଗତ ୧୮ ଦିନ ମଧ୍ୟରେ ଘଟିଥିବା ଘଟଣା ସମ୍ପର୍କରେ ଆଲୋଚନା କରାଯିବାକୁ ବିରୋଧୀ ଦଳ ଦାବି କରିଛି। ଭାରତ ଓ ପାକିସ୍ତାନ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଅପରାହ୍ନରେ କହିବାର କିଛି ସମୟ ପରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଏହା ଘୋଷଣା କରିଥିଲେ।

## ପାକିସ୍ତାନର ୮ ସାମରିକ ସ୍ଥଳରେ ଭାରତର ଆକ୍ରମଣ

ନୂଆଦିଲ୍ଲୀ,୧୦।୫

ପାକିସ୍ତାନୀ ସେନା ଭାରତର ସାମରିକ ଭିତ୍ତିଭୂମି ସମେତ ଆବାସିକ ଅଞ୍ଚଳରେ ଆକ୍ରମଣ କରିବା ପରେ ଭାରତୀୟ ବାୟୁସେନା ଶନିବାର ଏହାର ଦୃଢ଼ ଜବାବ ଦେଇଛି। ପାକିସ୍ତାନର ରାଡାର ୟୁନିଟ୍, ଅସ୍ତ୍ର ଭଣ୍ଡାର ସମେତ ୮ଟି ସାମରିକ ସ୍ଥଳକୁ ଟାର୍ଗେଟ କରି ବାୟୁସେନା ଆକ୍ରମଣ କରିଛି। ରଫିକି, ମୁରିଦ୍ ଚକଲାଲା, ରହିମ ୟାର୍ ଖାନ୍, ସୁକ୍କୁର, ଚୁନିଆନ୍, ପସରୁର ଏବଂ ସିଆଲକୋଟ୍‌ରେ ଥିବା ମିଲିଟାରି ଟାର୍ଗେଟ୍‌କୁ ଆକ୍ରମଣ କରାଯାଇଥିଲା। ଶୁକ୍ରବାର ରାତିରେ ପଞ୍ଜାବରେ ଥିବା ଏୟାରବେସ୍‌କୁ ପାକିସ୍ତାନୀ ସେନା ମିଶାଇଲ୍ ଆକ୍ରମଣ କରିଥିଲା। ଜମ୍ମୁ-କଶ୍ମୀରର ୩ ଏୟାରବେସ୍‌ରେ ଥିବା ମେଡିକାଲ ସେଣ୍ଟର ଏବଂ ସ୍କୁଲ୍‌ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ପାକିସ୍ତାନର ସିଆଲକୋଟ ଜିଲାର ଲୁନିଠାରେ ଥିବା ଏକ ଆତଙ୍କବାଦୀ ଲଞ୍ଚପ୍ୟାଡ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯାଇଥିବା ବିଏସ୍‌ଏଫ୍ କହିଛି। ଶୁକ୍ରବାର ରାତିରେ ପାକିସ୍ତାନୀ ସେନା ଜମ୍ମୁ ସେକ୍ଟରର ବିଏସ୍‌ଏଫ୍ ପୋଷ୍ଟକୁ ଟାର୍ଗେଟକରି ଗୁଳିବର୍ଷା କରୁଥିବାବେଳେ ଲଞ୍ଚପ୍ୟାଡ୍‌କୁ ଧ୍ୱଂସ କରାଯାଇଛି।

## ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ପ୍ରତ୍ୟାହୃତ

ଚଣ୍ଡିଗଡ଼, ୧୦।୫

ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହେବା ପରେ ଶନିବାର ସନ୍ଧ୍ୟାରୁ ପଞ୍ଜାବ କର୍ତ୍ତୃପକ୍ଷ ରାଜ୍ୟରୁ ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଛନ୍ତି। ସଙ୍ଗରୁର, ରୁପନଗର ଏବଂ ଫଜିଲକା ଜିଲା ପ୍ରଶାସନ ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଥିବାବେଳେ ଜଲନ୍ଧର, କପୁରଥାଲା ଏବଂ ପଟିଆଲା ଜିଲା କର୍ତ୍ତୃପକ୍ଷ କଟକଣା ନିର୍ଦ୍ଦେଶନାମାଗୁଡ଼ିକୁ ବାତିଲ କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନାକୁ ନେଇ ଶନିବାର ସନ୍ଧ୍ୟାରୁ ବ୍ଲାକ୍‌ଆଉଟ୍ ପାଇଁ ବିଭିନ୍ନ ଜିଲା କର୍ତ୍ତୃପକ୍ଷ ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ଅସ୍ତ୍ରବିରତି ନିଷ୍ପତ୍ତି ପରେ ଏହି କଟକଣାକୁ ପ୍ରତ୍ୟାହାର କରାଗଲା ବୋଲି ପଟିଆଲ ଡେପୁଟି କମିଶନର କହିଛନ୍ତି।

## ନାଗରିକ ସୁରକ୍ଷା ସାଇରନ୍ ଶବ୍ଦ ବ୍ୟବହାର କରନାହିଁ

ନୂଆଦିଲ୍ଲୀ,୧୦।୫

### ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ କେନ୍ଦ୍ରର ପରାମର୍ଶ

ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ନିଜର କାର୍ଯ୍ୟକ୍ରମ ପ୍ରସାରଣ ବେଳେ ନାଗରିକ ସୁରକ୍ଷା ଏୟାରରେଡ୍ ସାଇରନ୍ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାର ଏକ ଆଡଭାଇଜରି ଜାରି କରିଛନ୍ତି। କେବଳ ସମୂହ ସଚେତନତା ଅଭିଯାନ ପାଇଁ ଏହି ଶବ୍ଦ ବ୍ୟବହାର ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଶନିବାର କହିଛନ୍ତି। ନାଗରିକ ପ୍ରତିରକ୍ଷା ଆଇନ, ୧୯୬୮ର ଧାରା ୩(୧) (ଡବ୍ଲ୍ୟୁ)(୦)ରେ ପ୍ରଦତ୍ତ କ୍ଷମତା ଅନୁଯାୟୀ, ସମସ୍ତ ମିଡିଆ ଚ୍ୟାନେଲକୁ ସେମାନଙ୍କ କାର୍ଯ୍ୟକ୍ରମରେ ସିଭିଲ୍ ଡିଫେନ୍ସ ଏୟାରରେଡ୍ ସାଇରନ୍ ଶବ୍ଦ ବ୍ୟବହାର ନ କରିବା ପାଇଁ ଅନୁରୋଧ କରାଯାଉଛି ବୋଲି ଲିଖିତ ଆଡଭାଇଜରିରେ କୁହାଯାଇଛି। ଏଭଳି ସାଇରନ୍ ସବୁବେଳେ ବ୍ୟବହାର କରାଗଲେ ଆକାଶମାର୍ଗରୁ ଆକ୍ରମଣ ବେଳର ସାଇରନ୍ ପ୍ରତି ନାଗରିକଙ୍କ ସମ୍ବେଦନଶୀଳତା ହ୍ରାସ ପାଇବ ଏବଂ ପ୍ରକୃତ ଏୟାରରେଡ୍ ବେଳେ ସେମାନେ ଏହି ସାଇରନ୍‌କୁ ଏକ ନିୟମିତ ଘଟଣା ଭାବି ଭୁଲ୍ ବୁଝିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି।

## ନବଜାତକଙ୍କ ନାମ 'ସିନ୍ଦୂର' ରଖୁଛନ୍ତି ରାଜସ୍ଥାନୀ ମା'

ଜୟପୁର, ୧୦।୫



ଭାରତ ଏବଂ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଲୋକମାନେ ନିଜ ନିଜ ଦେଶପ୍ରେମକୁ ବିଭିନ୍ନ ଉପାୟରେ ପ୍ରକାଶ କରିଛନ୍ତି। ଆତଙ୍କବାଦ ବିରୋଧରେ ଭାରତ ସରକାରଙ୍କ 'ଅପରେଶନ ସିନ୍ଦୂର'ରେ ଅନୁପ୍ରାଣିତ ହୋଇ ରାଜସ୍ଥାନର ଅନେକ ମା' ସେମାନଙ୍କ ନବଜାତକଙ୍କ ନାମକୁ ସିନ୍ଦୂର ରଖୁଛନ୍ତି। ଝୁନ୍‌ଝୁନ୍ ଜିଲା ନୱଲଗଡ଼ ହସ୍ପିଟାଲରେ ବର୍ତ୍ତମାନ ସୁଦ୍ଧା ୩ ଜଣ ନବଜାତକଙ୍କ ନାମ ସିନ୍ଦୂର ରଖାଯାଇଛି। ସ୍ଥାନୀୟ ଖାଝର ଗ୍ରାମର ଜଣେ ମହିଳା ସୀମା କହିଛନ୍ତି, ଅପରେଶନ ସିନ୍ଦୂର ମାଧ୍ୟମରେ ପହଲଗାମ୍ ଆକ୍ରମଣରେ ମୃତ ପର୍ଯ୍ୟଟକଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ମିଳିଥିଲା। ତେଣୁ ସେ ତାଙ୍କ ନବଜାତ ଶିଶୁପୁତ୍ରର ନାମ ସିନ୍ଦୂର ରଖିଛନ୍ତି। ଏହି ନାମ ସର୍ବଦା ତାଙ୍କ ପୁଅକୁ ଦେଶକୁ ଭଲ ପାଇବା ପାଇଁ ପ୍ରେରଣା ଯୋଗାଇବ। ଉକ୍ତ ଶିଶୁର ଜେଜେମା' କହିଛନ୍ତି, ସେ ତାଙ୍କ ନାତିକୁ ସେନାକୁ ପଠାଇବେ, ଯାହାଫଳରେ ସେ ଦେଶର ସେବା କରିପାରିବ। ସେହିପରି ଗ୍ରାମର ଅନ୍ୟଜଣେ ମହିଳା ସଞ୍ଜୁ କହିଛନ୍ତି, ୪ ଦିନ ତଳେ ଜନ୍ମ ହୋଇଥିବା ତାଙ୍କ ପୁଅର ନାମ ସେ ସିନ୍ଦୂର ରଖିଛନ୍ତି। ପହଲଗାମ୍ ଆକ୍ରମଣରେ ଅନେକ ମା' ଏବଂ ଭଉଣୀ ସେମାନଙ୍କ ସିନ୍ଦୂର ହରାଇଥିଲେ। ଏହି ନାମରେ ଅପରେଶନ କରି ଭାରତୀୟ ସେନା ଆତଙ୍କବାଦକୁ ଦୃଢ଼ ଜବାବ ଦେଇଥିବା ସେ କହିଛନ୍ତି। ସେହିପରି କାସୈରୁ ଗ୍ରାମର କାଞ୍ଚନ କହିଛନ୍ତି, ସେ ତାଙ୍କ ନବଜାତ ଶିଶୁକନ୍ୟାର ନାମ ସିନ୍ଦୂର ରଖିଛନ୍ତି। ଏପରି କରି ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ସେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ନୱଲଗଡ଼ ହସ୍ପିଟାଲର ଡାକ୍ତର ଜିତେନ୍ଦ୍ର ଚୌଧୁରୀ କହିଛନ୍ତି, ଆତଙ୍କବାଦ ବିରୋଧରେ 'ଅପରେଶନ ସିନ୍ଦୂର'କୁ ନେଇ ଘୋଷଣା କରାଯିବା ପରେ ବର୍ତ୍ତମାନ ସୁଦ୍ଧା ହସ୍ପିଟାଲରେ ଜନ୍ମ ହୋଇଥିବା ୩ ନବଜାତକଙ୍କ ନାମକୁ ସେମାନଙ୍କ ଅଭିଭାବକ ସିନ୍ଦୂର ରଖିଛନ୍ତି। ସମ୍ପ୍ରତି ଲୋକଙ୍କ ମଧ୍ୟରେ ଥିବା ଗଭୀର ଦେଶପ୍ରେମ ଭାବନାକୁ ଏହା ଦର୍ଶାଉଛି ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କଠାରୁ ଯାହା ଆସେ -ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ- ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ- ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। -ଶ୍ରୀମା

# ଡୋଭାଲଙ୍କ ସିଦ୍ଧାନ୍ତ



ଆକାର ପଟେଲ

ଭାରତର ଡିଫେନ୍ସ ପ୍ଲାନିଂ କମିଟି (ପ୍ରତିରକ୍ଷା ଯୋଜନା କମିଟି) ୧୯ ଏପ୍ରିଲ ୨୦୧୮ରେ ଗଠନ ହୋଇଥିଲା। ଏହାର ଅଧ୍ୟକ୍ଷ ଥିଲେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ। ଏଥିରେ ବୈଦେଶିକ ସଚିବ, ପ୍ରତିରକ୍ଷା ସଚିବ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍, ତିନି ବାହିନୀର ମୁଖ୍ୟ ତଥା ଅର୍ଥ ବିଭାଗର ସଚିବମାନେ ସଦସ୍ୟ ଥିଲେ। ପ୍ରାଥମିକତା ଭିତ୍ତିରେ ଜାତୀୟ ପ୍ରତିରକ୍ଷା ଓ ସୁରକ୍ଷା ଦିଗକୁ ଦେଖିବା, ଅତ୍ୟାବଶ୍ୟକ ବୈଦେଶିକ ନୀତି, ପରିଚାଳନାଗତ ନିର୍ଦ୍ଦେଶ ଓ ତତ୍‌ସହ ଜଡ଼ିତ ଆବଶ୍ୟକତା, ଉପଯୋଗୀ ରଣନୀତି ଏବଂ ସୁରକ୍ଷା ସମ୍ପର୍କିତ ସିଦ୍ଧାନ୍ତ, ପ୍ରତିରକ୍ଷା ସ୍ଥିତି ତଥା ଭିତ୍ତିଭୂମିର ବିକାଶ, ଜାତୀୟ ସୁରକ୍ଷା ରଣନୀତି, ରଣନୀତିକ ପ୍ରତିରକ୍ଷା ଦୃଷ୍ଟିକୋଣ ଓ ନୀତି, ଅନ୍ତର୍ଜାତୀୟ ପ୍ରତିରକ୍ଷା କାର୍ଯ୍ୟକଳାପ ରଣନୀତି ଭଳି ଅନେକ ଦାୟିତ୍ୱ ଏହା ଉପରେ ନ୍ୟସ୍ତ କରାଯାଇଥିଲା। ଏହାର ପ୍ରଥମ ବୈଠକ ୩ ମେ ୨୦୧୮ରେ ହୋଇଥିଲା ଏବଂ ତା'ପରେ ଆଉ କୌଣସି ବୈଠକ ହୋଇଥିବା ଜଣାଯାଏ ନାହିଁ। ଜାତୀୟ ସୁରକ୍ଷା ନୀତି ଅଭାବରୁ ଭାରତ ସମ୍ଭବତଃ ତଥାକଥିତ ଡୋଭାଲ ସିଦ୍ଧାନ୍ତ ଉପରେ ନିର୍ଭରଶୀଳ। ଭିଡିଓରେ ଉପଲବ୍ଧ ଏହି ନୀତି ଲିଖିତ ଭାବେ ସାମ୍ନାକୁ ଆସି ନ ପାରେ। ଫେବୃଆରୀ ୨୦୧୪ରେ, ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତି ପାଇବା ପୂର୍ବରୁ, ଡୋଭାଲ ଥାଞ୍ଜାଭୁରସ୍ଥିତ ଶାସ୍ତ୍ର ବିଶ୍ୱବିଦ୍ୟାଳୟରେ କହିଥିଲେ, ''ଆତଙ୍କବାଦ ଏକ ଅନ୍ତର୍ଜାତୀୟ ବିଷୟ ହୋଇଥିବାରୁ ଏବଂ ପାକିସ୍ତାନ ଏହାକୁ ପ୍ରୋତ୍ସାହିତ କରିବା ଯୋଗୁ ଭାରତ ପ୍ରତି ଏହା ଏକ ରଣନୀତିକ ବିପଦ। ଆତଙ୍କବାଦକୁ କେବଳ ଏକ ବିଚାର ଓ ଶବ୍ଦ ଭାବେ ଦେଖାଯିବାରୁ ଏହା ବିରୋଧରେ ଲଢ଼େଇ ହୋଇପାରିଲା ନାହିଁ। ପ୍ରକୃତ ଶତ୍ରୁକୁ ପରାସ୍ତ କରାଯାଇପାରିଥିଲେ ଆତଙ୍କବାଦ ସହ ଲଢ଼େଇ ହୋଇପାରିଥାନ୍ତା କିମ୍ବା ସେମାନଙ୍କ ଶକ୍ତି ହ୍ରାସ ହୋଇଥାନ୍ତା। ଏଣୁ ଏହି କ୍ଷେତ୍ରରେ ଭାରତକୁ ଶତ୍ରୁ ଭାବେ ପାକିସ୍ତାନର ନାମ ନେବାକୁ ପଡ଼ିଥିଲା।'' ଡୋଭାଲ ପ୍ରଶ୍ନ କରିଥିଲେ, ତୁମେ ପାକିସ୍ତାନକୁ ଶତ୍ରୁ ଭାବେ ଚିହ୍ନଟ କରି କିଭଳି ନିୟନ୍ତ୍ରଣ କରିବ। ଏବଂ ସେ ସମ୍ପର୍କରେ ବୁଝାଇଦେଇଥିଲେ।

ସୀମାପାର ଆତଙ୍କବାଦ ବା ଉଗ୍ରବାଦରେ ପାକିସ୍ତାନର କ୍ଷମତା ଏବଂ ଆଣବିକ ଯୁଦ୍ଧର ଧମକ ଯୋଗୁ ଭାରତର ସେନା ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ଅକ୍ଷମତା ପ୍ରକାଶ କରିବା ହିଁ ଜାତୀୟ ସୁରକ୍ଷା ରଣନୀତି ପ୍ରତି ସମସ୍ୟା ଥିଲା। ତେବେ ଆମେ ଏହାକୁ କିଭଳି ନିୟନ୍ତ୍ରଣ କରିବା? ସେ କହିଥିଲେ, ''ଏହା ସହଜ। ତୁମେ ଜାଣ, ଆମେ ତିନୋଟି ଉପାୟରେ ଶତ୍ରୁର ମୁକାବିଲା କରୁ। ଗୋଟିଏ ହେଉଛି ରକ୍ଷାତ୍ମକ ପଦ୍ଧତି। ଯଦି କେହି ଭାରତକୁ ପ୍ରବେଶ କରିବାକୁ ଆସେ ଆମେ ତାକୁ ଜଗୁଆଳି ଦ୍ୱାରା ରୋକିବୁ। ଅନ୍ୟଟି ହେଉଛି ରକ୍ଷାତ୍ମକ-ଆକ୍ରମଣ, ଅର୍ଥାତ୍ ନିଜକୁ ରକ୍ଷା କରିବା ଲାଗି ଆକ୍ରମଣ କରିବା ଏବଂ ଯେଉଁଠାରୁ ଆକ୍ରମଣ ହେଉଛି ଆମେ ସେଠାରେ ପହଞ୍ଚିବା। ତୃତୀୟଟି ହେଉଛି, ସିଧାସଳଖ ଆକ୍ରମଣ।'' ସେ କହିଥିଲେ, ମନମୋହନ ସିଂଙ୍କ ସରକାରରେ ଆମେ କେବଳ ରକ୍ଷାତ୍ମକ ଉପାୟରେ କାମ କରିଥିଲୁ। ସେ ମଧ୍ୟ ସୁପାରିସ କରିଥିଲେ, ପାରମ୍ପରିକ ଯୁଦ୍ଧ ବଦଳରେ ଭାରତ ପାକିସ୍ତାନ ଉପରେ ବିଭିନ୍ନ ବାଟରେ ଆକ୍ରମଣ କରୁ। ତାଙ୍କ ମତରେ, ''ପାକିସ୍ତାନକୁ ଅନେକ ଉପାୟରେ ବିପଦରେ ପକାଇବା ଲାଗି କାମ କରିପାରିବା, ଯାହା ଅର୍ଥ ବ୍ୟବସ୍ଥା, ଆଭ୍ୟନ୍ତରୀଣ ସୁରକ୍ଷା, ରାଜନୈତିକ ହୋଇପାରେ। ଅନ୍ତର୍ଜାତୀୟ ସ୍ତରରେ ଅଲଗା କରି ମଧ୍ୟ ଏହା କରାଯାଇପାରିବ। ମୁଁ ସବିଶେଷ ବର୍ଣ୍ଣନା କରୁନାହିଁ କିନ୍ତୁ ରକ୍ଷାତ୍ମକ ପଦ୍ଧତିକୁ ତୁମେ ପରିବର୍ତ୍ତନ କର।'' ଏହା ସହ ସେ ସୂଚାଇ ଦେଇଥିଲେ, ''ଆଣବିକ ସ୍ତରରେ ଯୁଦ୍ଧ ପହଞ୍ଚିବା ଉପରେ କୌଣସି ନିୟନ୍ତ୍ରଣ ନ ଥିବାରୁ ଆକ୍ରମଣ ପଦ୍ଧତିର ବାଟ ବନ୍ଦ ହୋଇଯାଇଥିଲା। ତାଙ୍କ ମତରେ ରକ୍ଷାତ୍ମକ ପଦ୍ଧତି ଅର୍ଥହୀନ। ପାକିସ୍ତାନ ପ୍ରତି ଥିବା ବିପଦ ଭାରତ ତୁଳନାରେ ଅନେକ ଗୁଣ ଅଧିକ। ଭାରତ ରକ୍ଷାତ୍ମକ ଉପାୟରୁ ତାହାର ଗତି ରକ୍ଷାତ୍ମକ-ଆକ୍ରମଣକୁ ବଦଳାଇଛି ବୋଲି ଯେତେବେଳେ ପାକିସ୍ତାନ ଜାଣିବ, ସେତେବେଳେ ଏହାର କ୍ଷତି ସହିବାକୁ ସେମାନେ ଅସମର୍ଥ ବୋଲି ଅନୁଭବ କରିପାରିବେ। ବେଲୁଚିସ୍ତାନ ହରାଇପାରନ୍ତି। ଏଠି ଆଣବିକ ଯୁଦ୍ଧ ହେବ ନାହିଁ କି ସୈନ୍ୟ ଲଢ଼ିବେ ନାହିଁ। କ୍ଷତି କରିବାର ତୁମେ ଯଦି ଉପାୟ ଜାଣିଛ, ତେବେ ଆମେ ତା'ଠାରୁ ଅଧିକ ଜାଣିଛୁ।''

ଡୋଭାଲ ଆହୁରି ମଧ୍ୟ କହିଥିଲେ, ''ଆମର ସମସ୍ୟା ହେଉଛି ଆମେ ସବୁବେଳେ ରକ୍ଷାତ୍ମକ ପଦ୍ଧତି ଅବଲମ୍ବନ କରିଆସୁଛୁ। ଯଦି ଆମେ ସ୍ୱ ରକ୍ଷା ପାଇଁ ଆକ୍ରମଣ ବାଟ ଧରିଥାଆନ୍ତୁ, ତେବେ ମୃତାହତଙ୍କ ସଂଖ୍ୟା ହ୍ରାସ କରିପାରିଥାନ୍ତୁ।'' ଏହା ଥିଲା ଡୋଭାଲଙ୍କ ସିଦ୍ଧାନ୍ତ, ଯାହା ଆତଙ୍କବାଦ ଯୋଗୁ ଭାରତ ପ୍ରତି ସୃଷ୍ଟି ହୋଇଥିବା ରଣନୀତିକ ବିପଦକୁ ସାମ୍ନାକୁ ଆଣିଥିଲା। ଏହି ଅଲିଖିତ ସିଦ୍ଧାନ୍ତ ସରକାରଙ୍କ ଦ୍ୱାରା ଗ୍ରହଣୀୟ ହେଲା କି ନାହିଁ ତାହା ଅସ୍ପଷ୍ଟ ରହିଛି। କିନ୍ତୁ ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ଡୋଭାଲଙ୍କ ଦଶନ୍ଧିର ପ୍ରଭାବ ପଡ଼ିଛି। ଭାରତ ୨୦୨୦ରେ ଅପରପକ୍ଷର ଆହ୍ୱାନର ସମ୍ମୁଖୀନ ହୋଇଥିଲା। ଏହି ସ୍ଥିତିରେ ପୂର୍ବତନ ସେନାଧ୍ୟକ୍ଷ ପ୍ରକାଶ ମେନନ୍ ଦର୍ଶାଇଥିଲେ ଯେ, ଅନେକ ଦଶନ୍ଧି ଧରି ସେନା ପ୍ରତି ଭାରତର ରାଜନୈତିକ ମାର୍ଗଦର୍ଶନ ପାକିସ୍ତାନ କୈନ୍ଦ୍ରିକ (ବିପଦ ଭାବେ) ଥିଲା। କିନ୍ତୁ ଏବେ ଚାଇନାର ବିପଦ ଆମ ଦ୍ୱାରଦେଶରେ ପହଞ୍ଚିଛି। ତେବେ ଉପା ଅମଳରେ 'ରକ୍ଷା ମନ୍ତ୍ରୀସ୍ ଡାଇରେକ୍ଟିଭ୍ସ' ବା ରକ୍ଷାମନ୍ତ୍ରୀଙ୍କ ଔପଚାରିକ ନିର୍ଦ୍ଦେଶ (ଯାହା ଯୁଦ୍ଧ ଆଶଙ୍କାରେ ସୈନ୍ୟବାହିନୀଗୁଡ଼ିକ କେତେ ପରିମାଣର ଅସ୍ତ୍ରଶସ୍ତ୍ର ରଖିବା ଉଚିତ) ଡକ୍ୟୁମେଣ୍ଟରେ ପୂର୍ବତନ ଜେନେରାଲ ମେନନ୍ କହିଥିଲେ, ''ଲଗାତର ଏକ ସୁସଙ୍ଗତ ବା ସ୍ପଷ୍ଟ ଜାତୀୟ ସୁରକ୍ଷା ରଣନୀତି ସହ ନେତୃତ୍ୱ ଅଭାବ ଲାଗି ରହିଛି। ଏନ୍‌ଏସ୍‌ଏ ନେତୃତ୍ୱରେ ଗଠିତ ପ୍ରତିରକ୍ଷା ଯୋଜନା କମିଟିକୁ ଏହି ଦାୟିତ୍ୱ ଦୁଇ ବର୍ଷ ପୂର୍ବେ ଦିଆଯାଇଥିଲା। ଅଦ୍ୟାବଧି କିଛି ବି ପଦକ୍ଷେପ ନିଆଯାଇନାହିଁ।

ପହଲଗାମ୍ ଆକ୍ରମଣ ପରେ ଏବେ ପୁନର୍ବାର ପାଶ୍ଚାତ୍ୟ ଯୁଦ୍ଧ ଭଳି ସ୍ଥିତି ଉପୁଜିଛି। ଚାଇନା ସହ ସଂଘର୍ଷ ଘଟିବାର ପାଞ୍ଚବର୍ଷ ଏବଂ ପ୍ରତିରକ୍ଷା ଯୋଜନା କମିଟି ଗଠନ ହେବାର ସାତବର୍ଷ ବିତିଗଲାଣି। ସମ୍ଭବତଃ ଏବକାର ଘଟଣାଗୁଡ଼ିକ ସରକାରଙ୍କୁ ଜାତୀୟ ସୁରକ୍ଷା ନୀତି ଲାଗୁ କରିବାକୁ ଉତ୍ସାହିତ କରିବ ଏବଂ ଏହି ଆଧାରରେ ଆମ ଉପରେ ପାରମ୍ପରିକ କିମ୍ବା ଆତଙ୍କବାଦ ଆକ୍ରମଣ ହେଲେ ଆମେ ପଦକ୍ଷେପ ନେବାକୁ ଅଗ୍ରସର ହୋଇପାରିବା।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 3 | | | 7 | | 9 | 6 |
| | | | | | 4 | 5 | | |
| | 4 | | | | 6 | | | 1 |
| | | 4 | | | | | 8 | 7 |
| 8 | 5 | | | | | | | 9 |
| 2 | 7 | | | | | | | |
| | | | | | 9 | | | |
| | | 9 | 6 | 4 | 3 | | | |
| 3 | | | 1 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 3 | 6 | 9 | 2 | 4 | 1 | 7 |
| 2 | 4 | 6 | 1 | 3 | 7 | 8 | 5 | 9 |
| 9 | 7 | 1 | 8 | 4 | 5 | 6 | 3 | 2 |
| 5 | 9 | 2 | 4 | 7 | 3 | 1 | 8 | 6 |
| 3 | 8 | 7 | 2 | 6 | 1 | 9 | 4 | 5 |
| 6 | 1 | 4 | 9 | 5 | 8 | 2 | 7 | 3 |
| 4 | 3 | 8 | 5 | 2 | 9 | 7 | 6 | 1 |
| 7 | 6 | 9 | 3 | 1 | 4 | 5 | 2 | 8 |
| 1 | 2 | 5 | 7 | 8 | 6 | 3 | 9 | 4 |

ଗତକାଲିର ଉତ୍ତର

# ମହାକାଶ ଯାତ୍ରା ଓ ପ୍ରଳୟର ଧାରା



ଡ. ନିଖିଳାନନ୍ଦ ପାଣିଗ୍ରାହୀ

''ଯେତେ ଯାହା ଅସୁବିଧା ସତ୍ତ୍ୱେ ମନୁଷ୍ୟ ପୃଥିବୀର ମାଧ୍ୟକର୍ଷଣକୁ ଅତିକ୍ରମ କରୁ ଏବଂ ଅନ୍ତତଃ ସୌରମଣ୍ଡଳୀୟ ମହାକାଶରେ ନିଜ ପାଇଁ ସ୍ଥାନ ସଂରକ୍ଷଣ କରୁ। ପୃଥିବୀର ସବୁ ପ୍ରକାର ବିପଦ ତା' ପ୍ରତି ରହିଛି... ଆମେ ମହାକାଶକୁ ସ୍ଥାନାନ୍ତରିତ ହେବାରେ ସୁଫଳ ସମ୍ପର୍କରେ ଅନେକ କିଛି କହିସାରିଛୁ। ତେବେ ସବୁ ବିଷୟ କହି ହେବ ନାହିଁ, ଏପରି କି କଳ୍ପନା କରିହେବ ନାହିଁ।''-( କନ୍‌ଷ୍ଟାଣ୍ଟିନ ସିଓଲଭିସ୍କି, 'ଦା ଏମ୍ସ ଅଫ୍ ଆଷ୍ଟ୍ରୋନଟିକ୍ସ, ୧୯୨୯)। ଏହି ଉଦ୍ଧୃତିରେ ସେ ତାଙ୍କ ପୂର୍ବ ପ୍ରଦତ୍ତ ମହାକାଶ ଯାତ୍ରା କଥନକୁ ଦୃଢ଼ କରିଛନ୍ତି। କନ୍‌ଷ୍ଟାଣ୍ଟିନ(୧୮୫୭-୧୯୩୫) ଜଣେ ରୁଷୀୟ ରକେଟ-ବିଜ୍ଞାନୀ। ମହାକାଶ ଯାତ୍ରା ସମ୍ବନ୍ଧରେ ସେ ଜଣେ ଅଗ୍ରଣୀ ଗବେଷକ। ତାଙ୍କ ପ୍ରଣୀତ ରକେଟ ସମୀକରଣ ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ। କୋରୋଲେଭ ଓ ଗ୍ଲୁସ୍କୋ ପରି ସୋଭିଏଟ ରକେଟ ଯନ୍ତ୍ରୀ ତାଙ୍କୁ ଅନୁସରଣ କରି ପରବର୍ତ୍ତୀ କାଳରେ ସୋଭିଏଟ ମହାକାଶ କାର୍ଯ୍ୟସୂଚୀକୁ ଆଗେଇ ନେଇଥିଲେ।

ତେବେ ଗତ ଶତାବ୍ଦୀର ପ୍ରଥମାର୍ଦ୍ଧରେ କନ୍‌ଷ୍ଟାଣ୍ଟିନ ପୃଥିବୀର ମାନବ ସମାଜର ଅସ୍ତିତ୍ୱ ନେଇ ଯେଉଁ ଆଶଙ୍କା ପ୍ରକଟ କରିଥିଲେ, ତାହା ତାଙ୍କ ଦୂରଦୃଷ୍ଟିର ପରିଚାୟକ। ପ୍ରଶ୍ନ ଉଠୁଛି, ବାସ୍ତବରେ ମାନବ ସମାଜ ଧରାପୃଷ୍ଠରୁ ନିଶ୍ଚିହ୍ନ ହେବ କି? କେତୋଟି ସମ୍ଭାବ୍ୟ କାରଣ ହେଉଛି- ଜଳବାୟୁ ପରିବର୍ତ୍ତନ, ପ୍ରଚଣ୍ଡ ଆଣବିକ ବିସ୍ଫୋରଣ, ଜୀବାଣୁ ବୋମାର ପ୍ରୟୋଗ, ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ଓ ଜୈବିକ ଯୁଦ୍ଧର ଅପରିଣାମଦର୍ଶୀ, ପାରସ୍ପରିକ ଆକ୍ରମଣ, ସନ୍ତାନ ପ୍ରସବ ପାଇଁ ଅନିଚ୍ଛା, ନାରୀର ଉତ୍ପାଦିକତାରେ ହ୍ରାସ, ଅନ୍ତରୀକ୍ଷରୁ ଗ୍ରହାଣୁର ପୃଥିବୀ ଉପରେ ପ୍ରଚଣ୍ଡ ଆଘାତ, ଭୟଙ୍କର ଅଗ୍ନିତ୍ପାତ, ଜୈବଜଗତର ବିପର୍ଯ୍ୟସ୍ତ ଭାରସାମ୍ୟ ଇତ୍ୟାଦି। ଉକ୍ତ କାରଣଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ କାରକର ପ୍ରାଦୁର୍ଭାବ ଆମ ପ୍ରତି ମହା ବିପତ୍ତି। ଏହା ଇଂରାଜୀରେ ଓମ୍ନିସାଇଡ ଭାବେ ପରିଚିତ।

ଏମିତି ବିପର୍ଯ୍ୟୟର ଆମେ ସମ୍ମୁଖୀନ ହେଲେ, ହୁଏତ ସମ୍ପୂର୍ଣ୍ଣ ପ୍ରଳୟ ନ ଘଟି ଖଣ୍ଡପ୍ରଳୟ ପୃଥିବୀରେ ଦେଖାଦେଇପାରେ। ତେବେ ଖଣ୍ଡପ୍ରଳୟ ହେବା ସ୍ଥିତିରେ ପୁଣି ସ୍ୱାଭାବିକ ପରିସ୍ଥିତି ଫେରିବା ପାଇଁ ଯେଉଁ ସମ୍ଭାବନା ଅଛି, ଏହି ସମ୍ବନ୍ଧରେ ଗବେଷକମାନେ କମ୍ପ୍ୟୁଟର ମଡେଲିଂ ସାହାଯ୍ୟରେ ଅନୁସନ୍ଧାନ କରିଛନ୍ତି। ସେମାନେ ନିମ୍ନତମ ଜୀବନକ୍ଷମ ଜନସଂଖ୍ୟା (ମିନିମମ୍ ଭାଇଏବଲ ପପୁଲେଶନ ବା ଏମ୍‌ଭିପି) ଦ୍ୱାରା ଏହା ପ୍ରକାଶ କରିଛନ୍ତି। ସଂକ୍ଷେପରେ ଏହା ହେଉଛି ୫୦/୫୦୦ ନିୟମ। ଅର୍ଥାତ୍ ନିଜ ଘନିଷ୍ଠ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରଜନନ ନ ଘଟିବାକୁ ଜନସଂଖ୍ୟା ସର୍ବନିମ୍ନ ପଚାଶ ହେବା ଆବଶ୍ୟକ ଏବଂ ଜିନୀୟ ମନ୍ଥର ପରିବର୍ତ୍ତନ (ଜେନେଟିକ ଡ୍ରିଫ୍ଟ)କୁ ହ୍ରାସ କରିବାକୁ ଏହି ସଂଖ୍ୟା ୫୦୦ ହେବାକୁ ପଡ଼ିବ। ତେବେ ଧରାଯାଉ ଉପରୋକ୍ତ ଉଭୟଙ୍କର ବିଲୋପକ ଯୋଗୁ କମ୍ପ୍ୟୁଟର ମଡେଲ ଦ୍ୱାରା ପ୍ରସ୍ତୁତ ୫୦/୫୦୦ ସର୍ତ୍ତଟି ଉଲ୍ଲଂଘନ ହୁଏ, ତେବେ ମାନବ ଜାତିର ଚିହ୍ନବର୍ତ୍ତି ଲୋପ ପାଇଯିବ। ଏଥିରୁ ବର୍ତ୍ତିବା ପାଇଁ ଅନ୍ୟ ଗ୍ରହରେ ବସତି ସ୍ଥାପନର ଆବଶ୍ୟକତା ରହିଛି ବୋଲି ବହୁ ଦୂରଦ୍ରଷ୍ଟା ବୈଜ୍ଞାନିକ ସତର୍କବାଣୀ ଶୁଣାଇଛନ୍ତି। ପ୍ରକାଶଥାଉ କି ଉପର ବର୍ଣ୍ଣିତ ସମସ୍ତ କାରଣ ମାନବକୃତ ନୁହେଁ। ଏଥିରୁ କେତେକ ପ୍ରାକୃତିକ କାରକ ରହିଛି, ଯାହା ମଣିଷର ନିୟନ୍ତ୍ରଣ ବାହାରେ; ଯାହାକି ପୃଥିବୀକୁ ବାସ ଅନୁପଯୋଗୀ କରିଦେବ।

ତେଣୁ ୱାରେନ ଏଲିସ କହିଛନ୍ତି, ''ମଣିଷ ମହାକାଶ ଯାତ୍ରା କରିବା ପଛରେ ଏକମାତ୍ର ଓ ସବୁଠାରୁ ସରଳ କାରଣ ହେଉଛି, ଯଦି ତୁମ ଜାତି (ସ୍ପେସିସ୍)କୁ ବଞ୍ଚାଇବାକୁ ଚାହୁଁଛ, ତେବେ ଗୋଟିଏ ସ୍ଥାନରେ(ପୃଥିବୀରେ) ବାନ୍ଧି ହୋଇ ନ ରହି ଏକାଧିକ ସ୍ଥାନ(ଗ୍ରହ)ରେ ସ୍ୱାମୀ-ସ୍ତ୍ରୀ ଯାଇ ରହ। ଏହା ହେଉଛି ସିଧାସିଧା କଥା।'' - ୱାରେନ ଏଲିସ, 'ଅନ୍ ସ୍ପେସ୍ ଟ୍ରାଭେଲ ୱାଇର୍‌ଡ'। ତେବେ ମହାକାଶ ଯାତ୍ରା ପାଇଁ ଅନେକ ପ୍ରତିବନ୍ଧକ ରହିଛି। ପୃଥିବୀର ମାଧ୍ୟାକର୍ଷଣ ସମେତ ବାୟୁଶୂନ୍ୟତା, ବିକିରଣ, ମାଇକ୍ରୋଗ୍ରାଭିଟି, ଓଜନହୀନତା, ପ୍ରତିକୂଳ ପରିବେଶ ଇତ୍ୟାଦି ଯାତ୍ରୀମାନଙ୍କ ଉପରେ କୁପ୍ରଭାବ ବିଚାର୍ଯ୍ୟ। ତତ୍ ସହ ମହାକାଶ ଯାନ ଉତ୍କ୍ଷେପଣ କରିବା ଅପେକ୍ଷା ମାନବବାହୀ ମହାକାଶଯାନ ଅତ୍ୟଧିକ ବ୍ୟୟସାପେକ୍ଷ।

ଏ ବାବଦରେ ଅତ୍ୟଧିକ ବ୍ୟୟଭାର ବହନ କରିବାକୁ ଅଳ୍ପ କେତୋଟି ରାଷ୍ଟ୍ର ଆର୍ଥିକ ପୃଷ୍ଠପୋଷକତା କରିଛନ୍ତି। ଆମେରିକା, ରୁଷିଆ ଅଗ୍ରଗଣ୍ୟ। ତେବେ ସମ୍ପ୍ରତି ୟୁନାଇଟେଡ ଷ୍ଟେଟସ୍ କଂଗ୍ରେସ ଦ୍ୱାରା ପ୍ରଣୀତ ଫେଡେରାଲ ବଜେଟ ମାଧ୍ୟମରେ ନାସା ଦୁର୍ମୂଲ୍ୟ



ମହାକାଶୀୟ ଗବେଷଣା ଜାରି ରଖିଛି। ପନ୍ଦରଟି ଦେଶକୁ ନେଇ ଗଠିତ ୟୁରୋପିଆନ ସ୍ପେସ୍ ଏଜେନ୍ସି (ଇଏସ୍‌ଏ) ୧୯୭୫ରେ ମହାକାଶ ଅଭିଯାନରେ ହାତ ଦେଇଛି। ଭାରତ, ଜାପାନ, ଚାଇନା ଏବଂ ଅନ୍ୟ କେତେକ ଦେଶ ଏହାର ଉପାଦେୟତାକୁ ହୃଦୟଙ୍ଗମ କରି ପଦକ୍ଷେପମାନ ଇତ୍ୟବସରରେ ଗ୍ରହଣ କରିଛନ୍ତି।

କିନ୍ତୁ ଆମକୁ ଚକିତ କରେ ଯେ ବ୍ୟକ୍ତିଗତ ସ୍ତରରେ ମଧ୍ୟ କିଛି ଉଦ୍‌ଯୋଗୀଙ୍କ ଏହା ଦୃଷ୍ଟିଆକର୍ଷଣ କରିଛି। ୨୦୨୧ ପାଇଁ ଟାଇମ୍ ମାଗାଜିନ ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ୧୯୭୧ରେ ଜନ୍ମିତ ଏବଂ ଦକ୍ଷିଣ ଆଫ୍ରିକା, କାନାଡା, ୟୁଏସ୍‌ଏର ସମ୍ପ୍ରତି ନାଗରିକତ୍ୱ ଗ୍ରହଣ କରିଥିବା ଏଲନ ମସ୍କଙ୍କୁ ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ମନୋନୀତ କରିଛି। ବିଶ୍ୱର ଏହି ସର୍ବଶ୍ରେଷ୍ଠ ଧନୀ ଜଣକ ନିଜର ଘରଟି ମଧ୍ୟ ବିକ୍ରି କରିଥିବାରୁ ସମ୍ପ୍ରତି ଏକପ୍ରକାର ବାସହୀନ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ସେ ନିଜ ବିପୁଳ ଧନରାଶି ମହାକାଶ କ୍ଷେତ୍ରରେ ଉପଯୋଗ କରିଛନ୍ତି। ତାଙ୍କ ପ୍ରତିଷ୍ଠିତ ସ୍ପେସ୍-ଏକ୍ସ ଇନ୍‌ସ୍ପିରେଶନ-୪ ନାମକ ଅଭିଯାନରେ ପ୍ରଥମ ଥର ପାଇଁ ସାଧାରଣ ବ୍ୟକ୍ତିଙ୍କୁ ମହାକାଶ ଭ୍ରମଣର ଅଭିଜ୍ଞତା ଦେଇଥିଲା। ଏହି ପରିପ୍ରେକ୍ଷୀରେ ବ୍ରିଟେନ୍‌ର ରିଚାର୍ଡ ବ୍ରାନସନଙ୍କ ଭର୍ଜିନ ଗାଲାକ୍ଟିଟ, ଆମାଜନର ଜେଫ୍ ବୋ ଜେସ୍‌ଙ୍କ ବ୍ଲୁ ଓରିଜନ୍‌ର ନ୍ୟୁ ସେଫର୍ଡ ରକେଟରେ ୨୦ ଜୁଲାଇ ୨୦୨୧ରେ ଅନ୍ତରୀକ୍ଷ ଭ୍ରମଣ ଉଲ୍ଲେଖନୀୟ।

ଏମାନେ ସମସ୍ତେ ଅର୍ବୁଦପତି। ଏମାନଙ୍କ ଲକ୍ଷ୍ୟ ହେଉଛି କେବଳ ଆନନ୍ଦଦାୟକ ମହାକାଶ ପର୍ଯ୍ୟଟନ ନୁହେଁ। ପୃଥିବୀବାସୀ ଯେମିତି ମହାକାଶର ପରିବେଶ ସହ ପରିଚିତ ହେବେ, ତାହାର ପରିକଳ୍ପନା। ତେଣୁ ୮୨ ବର୍ଷୀୟା ବେଲି ପଙ୍କଙ୍କଠାରୁ ଆରମ୍ଭ କରି ୧୮ ବର୍ଷ ବୟସ୍କ ଅଲିଭର ଡାଏମେନ ଯାତ୍ରୀ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ। ଭବିଷ୍ୟତରେ ସର୍ବସାଧାରଣ ଅନ୍ତରୀକ୍ଷର ବାତାବରଣକୁ ଆପଣେଇବାରେ ଏହାର ସହାୟକ ଭୂମିକା ରହିବ। ତେବେ ଏହା ସମ୍ଭବ ହୋଇଛି ସେମାନଙ୍କ ଅଚଳାଚଳ ସମ୍ପତ୍ତି ଯୋଗୁ। ତେଣୁ ବହୁ ବର୍ଷ ପୂର୍ବେ ବିଚକ୍ଷଣ ସମାଜଶାସ୍ତ୍ରୀ ଚାଣକ୍ୟ ଲେଖିଥିଲେ: ''ଧନିକଃ ଶ୍ରୋତ୍ରିୟୋ ରାଜା ନଦୀ ବୈଦ୍ୟସ୍ତୁ ପଞ୍ଚମଃ ପଞ୍ଚ ଯତ୍ର ନ ବିଦ୍ୟନ୍ତେ, ନ ତତ୍ର ଦିବସେ ବସତେ।'' ଯେଉଁଠାରେ ଶେଠ, ବେଦପାଠୀ ବିଦ୍ୱାନ, ରାଜା, ବୈଦ୍ୟ ଏବଂ ନଦୀ ନାହିଁ, ଏହି ପାଞ୍ଚଟି ସ୍ଥାନରେ ଗୋଟିଏ ଦିନ ମଧ୍ୟ ରହିବା ଠିକ୍ ନୁହେଁ। ଶେଠର ଅର୍ଥ ଏଠାରେ ଘରୋଇ କମ୍ପାନୀ ମାଲିକ।

ପ୍ରିୟ ପାଠକେ! ଆମ ପାଇଁ ଏହି ଯୋଜନା ହଠାତ୍ ଆବଶ୍ୟକ ନ ପଡ଼ିପାରେ। କିନ୍ତୁ ଭବିଷ୍ୟତରେ ଯଦି ଦୈବାତ ପ୍ରଳୟ ଏହି ଧରାଧାମରେ ଦେଖାଦେବ, ସେତେବେଳେ ସମସ୍ତେ ମହାକାଶ କଲୋନି ବାସିନ୍ଦା (ଜନବସତି) ବା ଗ୍ରହାନ୍ତରୀ ହେବାକୁ ଆତୁର ହେବେ। ସେତେବେଳେ ଏହା ସେମାନଙ୍କ ପାଇଁ ହେବ ରକ୍ଷା କବଚ, ଯେଉଁ ସମୟରେ ଲୋକେ ପ୍ରାଣ ବିକଳରେ ଉଚ୍ଚାରଣ କରିବେ: ଯଃ ପଳାୟତି, ସଃ ଜୀବତି। ଅର୍ଥାତ୍ ଆପେ ବଞ୍ଚିଲେ ବାପର ନା। ତେବେ ଯେତେ ତରବର ହେଲେ ସୁଦ୍ଧା ୱାରେନ ଏଲିସ୍‌ଙ୍କ ଭାଷାରେ ପତ୍ନୀଙ୍କୁ ସାଥିରେ ନେବା ପାଇଁ ଭୁଲିବେ ନାହିଁ! ଆଦାମ ଏକା ରହିଲେ କ'ଣ ହେବ, ଯଦି ପାଖରେ ଇଭ୍ ନ ଥାଏ?

ମୋ: ୯୦୭୮୭୪୩୮୪୩

# ସଙ୍କଟରେ ସଂସ୍କୃତି



ଅନନ୍ତ ଚରଣ ସ୍ୱାଇଁ

'ଦିନେ ନାହିଁ କାଳେ ନାହିଁ, ଗହ୍ମା ପୁନେଇଁ ଦିନ ମାଇଁ ମାଇଁ' ଏ କଥାଟି ଆମ ପାଇଁ ଆଜି ସମ୍ପୂର୍ଣ୍ଣ ସତ୍ୟ। ବର୍ଷ ତମାମ ଭୁଲି ଯାଉଛେ ଆମ ଭାଷା, ଆମ ସଂସ୍କୃତି, ଆମ ପରମ୍ପରା, ଆମ ଇତିହାସ ଓ ଆମ ଐତିହ୍ୟ। ଦେଖାଯାଏ ବିଭିନ୍ନ କାର୍ଯ୍ୟକ୍ରମରେ ଏସବୁ ଆମ ମନରେ ଉଜ୍ଜୀବିତ ହୋଇଉଠେ। ଗୋଟିଏ ଦିନ କିମ୍ବା ଗୋଟିଏ ପକ୍ଷ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ଉପରେ ଗୁରୁତ୍ୱ ଦେଲେ, ଅବିଲୁପ୍ତପ୍ରାୟ ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପୁନରୁଦ୍ଧାର ଓ ସୁରକ୍ଷା ହୋଇପାରିବ ନାହିଁ।

ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ଏବଂ ସଂସ୍କୃତିର ପୁନରୁତ୍ଥାନ ଓ ସୁରକ୍ଷା ପାଇଁ ବିଭିନ୍ନ ସାମାଜିକ ଓ ରାଜନୈତିକ ଆନ୍ଦୋଳନ ଆରମ୍ଭ ହୋଇଥିଲା। ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ ପ୍ରମୁଖ ମହାନ୍ ବ୍ୟକ୍ତିତ୍ୱଙ୍କ ନେତୃତ୍ୱରେ ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ ପାଇଁ ଆନ୍ଦୋଳନ ଜୋର ଧରିଥିଲା। ଫଳସ୍ୱରୂପ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। କେବଳ ଅତୀତର ସ୍ମୃତିଚାରଣ ନୁହେଁ; ସଙ୍କଟରେ ଥିବା ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଓ ବିକାଶ ପାଇଁ ଆମକୁ ପଦକ୍ଷେପ ନେବାକୁ ପଡ଼ିବ।

ପାଶ୍ଚାତ୍ୟ ସଂସ୍କୃତି ଓ ଆଧୁନିକତାର ପ୍ରଭାବରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା କ୍ରମଶଃ ଲୋପ ପାଇବାରେ ଲାଗିଛି। ଆଜିର ଯୁବପିଢ଼ି ପାଶ୍ଚାତ୍ୟ ସଂସ୍କୃତି ଆଡ଼କୁ ଅଧିକ ଆକର୍ଷିତ ହେଉଛି। ଭୁଲିଯାଉଛନ୍ତି ଆମ ପ୍ରାଚୀନ ପରମ୍ପରା, ଆମ କଳା, ଆମ ସାହିତ୍ୟ, ଆମ ପର୍ବପର୍ବାଣି, ଆମ ଖାଦ୍ୟପେୟ, ଆମ ଲୋକ ସଂଗୀତ, ଲୋକ ନୃତ୍ୟ, ଚିତ୍ରକଳା ଇତ୍ୟାଦି ଇତ୍ୟାଦି।

ପର୍ବପର୍ବାଣି ଉପରେ ଆଧୁନିକତାର ପ୍ରଭାବ ଦେବ ଦେବୀଙ୍କ ବିସର୍ଜନ ଶୋଭାଯାତ୍ରାରୁ ଜାଣିହେବ। ପୂର୍ବେ, ପର୍ବ ପର୍ବାଣିରେ ପାରମ୍ପରିକ ପୋଷାକ, ଭୋଜନ, ଭଜନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଥିଲା। ଏବେକାର ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଭସାଣି ବେଳେ ପାରମ୍ପରିକ ନୃତ୍ୟ ପରିବର୍ତ୍ତେ ଆଧୁନିକ ସିନେମା ଗୀତ ସହ ତାଳ ଦେଇ ଅଶ୍ଳୀଳ ନୃତ୍ୟ ପରିବେଷଣ ଏକ ନିୟମିତ ଧାରାରେ ପଡ଼ିଗଲାଣି। ଆଧୁନିକତାର ପ୍ରବେଶ ଫଳରେ ଆଧ୍ୟାତ୍ମିକତା ହ୍ରାସ ପାଉଛି। ବିଶୃଙ୍ଖଳା ବୃଦ୍ଧି ସହ ପରିବେଶ ହେଉଛି ବିଷାକ୍ତ।

ସେହିପରି ବିବାହ ପରି ଏକ ମାଙ୍ଗଳିକ କାର୍ଯ୍ୟକ୍ରମରେ ବିବାହ ପୂର୍ବରୁ ହଳଦୀ ବା ମେହେନ୍ଦି ଉତ୍ସବ, ନୃତ୍ୟ, ସଙ୍ଗୀତର ଆୟୋଜନ ଓ ପ୍ରାକ୍ ବିବାହ ଫଟୋ ଶୁଟିଂ, ବିବାହ କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ପାଲଟି ଗଲାଣି। ଏସବୁ ପ୍ରଥା ଆମ ସମାଜରେ ପ୍ରଚଳିତ ଥିବା ପରି ମନେହୁଏ ନାହିଁ। ହୁଏତ ଅଳ୍ପ କେତେକ ସମ୍ପ୍ରଦାୟରେ ଏହି ଅନୁଷ୍ଠାନଗୁଡ଼ିକ ସୀମିତ ଥାଇପାରେ। ଏସବୁ ପ୍ରଥାକୁ ଅନୁସରଣ କରିବାରେ ସେପରି କିଛି ପ୍ରତିବନ୍ଧକ ନାହିଁ। ଏହାର ବ୍ୟାପକ ପ୍ରସାର ଦ୍ୱାରା ଆମ ମୌଳିକ ପ୍ରଥାର ଅବକ୍ଷୟ ହେବାରେ



ଲାଗିଛି। କିଛି ଦିନ ପରେ ହୁଏତ ବିବାହ ସମ୍ବନ୍ଧିତ ସମସ୍ତ ପାରମ୍ପରିକ ରୀତି ନୀତି ଲୋପ ପାଇଯିବ।

ପୁରୁଣା ଦିନର ପାଲା, ଦାସକାଠିଆ ଆସର, ଚକୁଳିଆ ପଣ୍ଡା ଗାଁ ବୁଲା, ରଜଦୋଳି ଗୀତ, କୁମାର ପୂର୍ଣ୍ଣିମାର ପୁଚି ଖେଳ, ଭାଲୁକୁଣି ଓଷା, ମଣ୍ଡା, ଚକୁଳି, ଆରିଷା, ଏଣ୍ଡୁରି ପିଠା ଏବଂ ଆହୁରି ଅନେକ ପାରମ୍ପରିକ ପ୍ରଥା ଆଜି ବିଲୁପ୍ତପ୍ରାୟ।

ଭାଷା ଓ ସଂସ୍କୃତିର ସମ୍ପର୍କ ନିବିଡ଼। ଭାଷା ବିନା ସଂସ୍କୃତିର ଅସ୍ତିତ୍ୱ ନ ଥାଏ। ଓଡ଼ିଆ ଭାଷାର ଗୁରୁତ୍ୱ ଦିନକୁ ଦିନ କମିବାରେ ଲାଗିଛି। ଓଡ଼ିଆ ପଢ଼ିବାକୁ ଆଗ୍ରହ କମି ଯାଉଛି। ଓଡ଼ିଆରେ ଦୁଇଧାଡ଼ି ଲେଖିବା ତ ଦୂରର କଥା ଅନେକ ପିଲା ଓଡ଼ିଆ ଠିକ ଭାବରେ କହିପାରୁ ନାହାନ୍ତି। ଏବେ ବି ଅନେକ ପରିବାରରେ ଓଡ଼ିଆରେ କଥା ହେବା ପାଇଁ ପସନ୍ଦ କରୁ ନାହାନ୍ତି। ଓଡ଼ିଆରେ ଶିକ୍ଷାଦାନ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଗୁଣାତ୍ମକ ମାନ ହ୍ରାସ ପାଉଛି। ଓଡ଼ିଆ ଶବ୍ଦ ବା ଓଡ଼ିଆ ବାକ୍ୟ ଆଉ ଓଡ଼ିଆ ଲିପିରେ ଲେଖା ଯାଉନାହିଁ। ଓଡ଼ିଆ ବାକ୍ୟ, ଇଂଲିଶ ଲିପିରେ ଲେଖାଯାଉଛି। ଏହି ପ୍ରକ୍ରିୟା ଜାରି ରହିଲେ, ହୁଏତ କିଛି ବର୍ଷ ମଧ୍ୟରେ ଓଡ଼ିଆ ଲିପି ବା ଅକ୍ଷର ସମ୍ପୂର୍ଣ୍ଣ ଲୋପ ପାଇଯିବ।

ନିକଟରେ ଜଣେ ଜଗନ୍ନାଥ ସଂସ୍କୃତି ପ୍ରବଚକ କହିଲେ, ଟେଲିଫୋନରେ ହେଲୋ କହିବା ପରିବର୍ତ୍ତେ ଜୟ ଜଗନ୍ନାଥ କହି ସମ୍ବୋଧନ ଆରମ୍ଭ କଲେ ଏହା ଆମ ଭାଷା ଓ ସଂସ୍କୃତି ପ୍ରତି ହେବ ଯଥେଷ୍ଟ ସମ୍ମାନ।

ଓଡ଼ିଆ ଭାଷାକୁ ବଞ୍ଚାଇରଖିବାକୁ ଅତୀତରେ ଓଡ଼ିଆମାନେ ହିଁ ଚେଷ୍ଟା କରିଥିଲେ। ସେମାନଙ୍କ ତ୍ୟାଗ ,ନିଷ୍ଠା, ଆନ୍ଦୋଳନର ଫଳ ସ୍ୱରୂପ ଓଡ଼ିଶା ହୋଇଥିଲା ସ୍ୱତନ୍ତ୍ର ପ୍ରଦେଶ, ଓଡ଼ିଆ ଭାଷାକୁ ମିଳିଥିଲା ସ୍ୱତନ୍ତ୍ର ଭାଷାର ମାନ୍ୟତା। ଓଡ଼ିଶାକୁ ସ୍ୱାତନ୍ତ୍ର୍ୟ ଆଣିଦେବାରେ ଥିଲା ସମସ୍ତ ଓଡ଼ିଆଙ୍କ ଆନ୍ତରିକ ଇଚ୍ଛା। କିନ୍ତୁ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା। ଯେଉଁ ଓଡ଼ିଆମାନେ ଦିନେ ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ସାରା ଜୀବନ ଚେଷ୍ଟା କରିଥିଲେ ଆଜି ସେହି ଓଡ଼ିଆମାନଙ୍କ ଦାୟାଦମାନେ ଓଡ଼ିଆ କହିବା, ଓଡ଼ିଆ ପଢ଼ିବା,ଓଡ଼ିଆ ଲେଖିବା, ନିଜ ପିଲା ପିଲିଙ୍କୁ ଓଡ଼ିଆ ଶିକ୍ଷା ଦେବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ହଜିଯାଉଛି ଓଡ଼ିଆ ସଂସ୍କୃତି, ଭୁଲି ଯାଉଛନ୍ତି ଓଡ଼ିଆ ଭାଷା, ସେହି ଓଡ଼ିଆମାନେ ହିଁ ଓଡ଼ିଆ ଅସ୍ତିତ୍ୱର ମୂଳ ଉତ୍ପାଟନ ପାଇଁ ଦାୟୀ। ଦୋଷ ଦେବା କାହାକୁ?

କିଛି କ୍ଷଣ ପାଇଁ ଅତୀତର ରୋମନ୍ଥନ କରି ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ସ୍ମରଣ କରିବା, ଓଡ଼ିଆ ଜାତିର ଉନ୍ନତି ଓ ଓଡ଼ିଆ ଭାଷାକୁ ଅଧିକ ବଳିଷ୍ଠ ଓ ଆଦୃତ କରିବାର ସଂକଳ୍ପ ନେଇଗଲେ ଲୋପପାଉଥିବା ଆମ ସଂସ୍କୃତି, ଆମ ଐତିହ୍ୟ ଓ ଆମ ଭାଷାର ପୁନରୁଦ୍ଧାର ହୋଇପାରିବ ନାହିଁ ଏଥିପାଇଁ ଦରକାର ସାମୂହିକ ପ୍ରଚେଷ୍ଟା, ଆନ୍ତରିକତା, ଓଡ଼ିଆ କହିବା, କୁହାଇବା, ଓଡ଼ିଆ ଲେଖିବା, ଓଡ଼ିଆ ପଢ଼ିବା, ଅନ୍ୟ ଭାଷା ପରି ନିଜ ପିଲାମାନଙ୍କୁ ଓଡ଼ିଆ ପଢ଼େଇବାର ସଂକଳ୍ପ। ଜାତି, ଧର୍ମ, ବର୍ଣ୍ଣ, ଧନୀ, ଗରିବ ଓ ଦଳଗତ ନିର୍ବିଶେଷରେ ସମସ୍ତେ ମିଳିତ ଭାବେ ଚେଷ୍ଟାକଲେ ଉତ୍କଳର ପୂର୍ବ ଐତିହ୍ୟ ଫେରିଆସିବ। ସଙ୍କଟାପନ୍ନ ସଂସ୍କୃତିର ପୁନରୁଦ୍ଧାର ହୋଇ ଓଡ଼ିଶା ଏକ ଉନ୍ନତ ରାଜ୍ୟରେ ପରିଣତ ହୋଇପାରିବ।

ପଲେଇ, ଚାନ୍ଦୋଳ, କେନ୍ଦ୍ରାପଡ଼ା,
ମୋ: ୭୩୮୧୦୪୬୪୭୭

## ଏଇ ଭାରତରେ

ଅହମଦାବାଦର ଜିତ୍ ଜ୍ୟୋଷୀ ଓ ଓମ୍ ଠାକୁର ସହରର ବିଭିନ୍ନ ପାର୍କରେ ମିନି ଲାଇବ୍ରେରି ଖୋଲୁଛନ୍ତି। ଜିତ୍ ଜ୍ୟୋଷୀଙ୍କ ବୟସ ୨୦ ଓ ସେ ଏବେ ବି.କମ୍ ପଢୁଛନ୍ତି। ୧୯ ବର୍ଷୀୟ ଓମ୍ ଜଣେ ବିବିଏର ଛାତ୍ର। ସହରର ପାର୍କଗୁଡ଼ିକ ସେମାନେ ପଠନ କେନ୍ଦ୍ର କରିଦେଇଛନ୍ତି। ପାର୍କକୁ ଯେଉଁମାନେ ଯାଉଛନ୍ତି ସେମାନେ ସେଠାରେ ବହି ପଢ଼ିବା ସହ ବ୍ୟାୟାମ କରୁଛନ୍ତି। ପାର୍କଗୁଡ଼ିକର ମିନି ଲାଇବ୍ରେରିରୁ ଲୋକେ ମାଗଣାରେ ବହି ନେଇ ପଢୁଛନ୍ତି। ପାର୍କ ଲାଇବ୍ରେରି ସରକାରୀ ଅନୁମତିରେ ଖୋଲୁଛନ୍ତି। ପରେ ପାର୍କରେ ଛୋଟ ଛୋଟ ବକ୍ସ କରି ସେଥିରେ ବହି ରଖାଯାଉଛି ଓ ପ୍ରତ୍ୟେକଟି ପାର୍କ ନିକଟରେ ରହୁଥିବା ଦୁଇଜଣ ସ୍ୱେଚ୍ଛାସେବୀ ଏହାର ଦେଖାରଖା କରୁଛନ୍ତି। ସେମାନେ 'ୟୋର ରିଡିଂ ସର୍କଲ' ଅଭିଯାନ ମାଧ୍ୟମରେ ଏଭଳି ସଫଳତା ପାଇପାରିଛନ୍ତି। ସେମାନେ ବହି ସଂଗ୍ରହ କରି ତାହାକୁ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ପ୍ରଥମେ ସେପ୍ଟେମ୍ବର ୨୦୨୩ରେ 'ୟୋର ରିଡିଂ ସର୍କଲ' ଅଭିଯାନରେ ଅହମଦାବାଦର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିପାଇଁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଖୋଲିଥିଲେ ଓ ଲାଇବ୍ରେରି ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପ୍ରଥମ ମିନି ଲାଇବ୍ରେରି ପରିମଲ ଗାର୍ଡେନରେ ଖୋଲିଥିଲେ। ଗୁଜରାଟର ବିଭିନ୍ନ ସ୍କୁଲରେ ଲାଇବ୍ରେରି ଖୋଲିବାକୁ ସେମାନେ ଯୋଜନା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ମେ ୧୯୭୬

- ଭାରତ ଇରାକ୍‌ରୁ ୩୦ ଲକ୍ଷ ଟନ୍ ଅବିଶୋଧିତ ତୈଳ ଆମଦାନୀ କରିବ ବୋଲି ଚୁକ୍ତିବଦ୍ଧ ହୋଇଛି।
- କ୍ଷୁଦ୍ରଶିଳ୍ପ ଗବେଷଣା ଓ ଉନ୍ନୟନ ପରିଷଦ ଦେଶର ଅନୁନ୍ନତ ଅଞ୍ଚଳରେ ପ୍ରତିଷ୍ଠିତ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ନିଯୁକ୍ତି ବ୍ୟବସ୍ଥାକୁ ସମ୍ପ୍ରସାରଣ କରିବା ନେଇ ୫ଟି ଯୋଜନା ପ୍ରସ୍ତୁତ।

## ପାଠକ ଶ୍ରେଷ୍ଠ ବିଚାରକ

### ଝିଣ୍ଟିକା ମାରି ବଣି ପୋଷା ଚାଲିଛି

ମହାଶୟ,

କେଉଁଠୁ ଆରମ୍ଭ କରିବି ଭାବିଛି, ଖଡ଼ି ଛୁଆଁଠାରୁ ଆରମ୍ଭ କରିବି। ଖଡ଼ିଛୁଆଁ ନୀତି ଆଜି ବଦଳିଛି। ଖଡ଼ିଛୁଆଁ କେବଳ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସୀମିତ ଥିଲା। ଏବେ ମନ୍ତ୍ରୀ ନେତାଙ୍କ ମାଧ୍ୟମରେ ଓ ପୋଲିସ ଛାଉଣୀରେ ଖଡ଼ିଛୁଆଁ ଚାଲିଛି। ଖଡ଼ିଛୁଆଁ ପାଇଁ ସମୟ ସ୍ଥିରୀକୃତ ଥିଲେ ମଧ୍ୟ ଦିନ ଠିକ୍ ନ ଥିଲା। ଏବେ କୋଟି କୋଟି ଟଙ୍କା ଖର୍ଚ୍ଚରେ ଚାଲିଛି। ଏହି ଖଡ଼ିଛୁଆଁ ପର୍ବ ସେହିପରି ବିଭାଗଗୁଡ଼ିକରେ କର୍ମଚାରୀ ଆବଶ୍ୟକ ଥିଲେ ଉପଯୁକ୍ତ ପରୀକ୍ଷା କରି ବିଭାଗର ଅଧିକାରୀ କର୍ମଚାରୀ ଚୟନ କରି ନିଯୁକ୍ତି କରୁଥିଲେ। ଏବେ କିନ୍ତୁ ଚାଲିଛି ନିଯୁକ୍ତି ମେଳା ପୋଲିସଙ୍କ ସଜାଗ ଭିତରେ। ଝିଣ୍ଟିକା ମାରି ବଣି ପୋଷିଲା ପରି ଲୋକମାନଙ୍କୁ ଦରଦାମ ବୃଦ୍ଧିରେ ଶୋଷଣ କରି କରାଯାଉଛି ନୂଆ ନୂଆ ଯୋଜନା। ପ୍ରତ୍ୟକ୍ଷଭାବେ ଦରବୃଦ୍ଧିରେ ଲୋକଙ୍କୁ ମାରି, ମନଭୁଲା ଯୋଜନାମାନ କରି ପରୋକ୍ଷ ଭାବେ ରଣକରି ଜନତାଙ୍କୁ ଶୋଷଣ ଚାଲିଛି। ଏହା କେବଳ ଅଳ୍ପ ବିଷ(ସ୍ଲୋ ପଏଜନ) ଭାବେ ମରିବା କଥା। ଏଇ ହେଲା ସରକାରଙ୍କ ଲୋକ ଉପକାର କଥା।

**- ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୂପୁର ଯେଉଁ ପଦେ ବଜାଉଥିଲା ମୋଦେ
ପରାଣ-ବିହଗର ବେହାଗ
ଅଳକ-ଦାମେ ଯାର ଅଳକା କଲି ଛାର
ପୁରୁଣା ହୋଇଛି ସେ ସୋହାଗ।
(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୨୩ ସ୍କୁଲରେ ନୂତନ କୋଠରି ପାଇଁ ୯.୭୭ କୋଟି ମଞ୍ଜୁର

**ବ୍ୟାସନଗରକୁ ଶିକ୍ଷା କ୍ଷେତ୍ରରେ ପ୍ରଥମ ଡିଏମ୍ଏଫ୍ ପାଣ୍ଠି**




**ଯାଜପୁର,୧୦।୫(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲାର ସୁକିନ୍ଦା ଖଣି ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌରାଞ୍ଚଳର ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠି ମଞ୍ଜୁର ହୋଇଛି। ଯାଜପୁର ଜିଲାପାଳ ତଥା ଡିଏମ୍ଏଫ୍ର ମ୍ୟାନେଜିଂ ଟ୍ରଷ୍ଟି ପି.ଅନ୍ୱେଷା ରେଡ୍ଡି ସହରର ୨୩ଟି ସ୍କୁଲର ଅତିରିକ୍ତ ଶ୍ରେଣୀ କୋଠରୀଗୁଡିକ ନିର୍ମାଣ ପାଇଁ ୯ କୋଟି ୭୭ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହାସହ ୧।୫।୨୦୨୫ରେ ପ୍ରଥମ ପର୍ଯ୍ୟାୟରେ ୨ କୋଟି ୯୩ ଲକ୍ଷ ୧୦ ହଜାର ଟଙ୍କା ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନକୁ ପ୍ରଦାନ କରିଛନ୍ତି। ଏହି ପୌରାଞ୍ଚଳର ଶିକ୍ଷା ବିକାଶ କ୍ଷେତ୍ରରେ ଡିଏମ୍ଏଫ ପାଣ୍ଠି ମଞ୍ଜୁର ଏହା ପ୍ରଥମ ବୋଲି କୁହାଯାଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗି ରହିଥିବା ଏହି ସହରର ବିକାଶ କାର୍ଯ୍ୟରେ ଡିଏମ୍ଏଫ ପାଣ୍ଠି ମଞ୍ଜୁର କରିବାକୁ ପୂର୍ବରୁ ସହରବାସୀଙ୍କ ପକ୍ଷରୁ ବହୁବାର ଦାବି ହୋଇଥିଲେ ହେଁ ବିଫଳ ହୋଇଥିଲା। ତେବେ କୋରେଇ ବିଧାୟକ ଆକାଶ ଦାସନାୟକ ଏବଂ ପ୍ରଶାସନର ଏହି ସଫଳ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଖଣିଜକ୍ଷେତ୍ର କଲ୍ୟାଣ ଯୋଜନାକୁ ଆଧାର କରି ୨୦୧୫ ଜାନୁଆରୀ ୧୨ରେ ରାଜ୍ୟ ସରକାର ଡିଏମ୍ଏଫ ନିୟମାବଳୀ ପ୍ରଣୟନ କରିଥିଲେ। ଏହି କ୍ରମରେ ଯାଜପୁର ଜିଲାରେ ଜିଲାପାଳ ଏହି ପାଣ୍ଠିର ମ୍ୟାନେଜିଂ ଟ୍ରଷ୍ଟି ଥିବାବେଳେ ଏମ୍ପି, ସୁକିନ୍ଦା ବିଧାୟକ, ସୁକିନ୍ଦା ପଞ୍ଚାୟତ ସମିତି ଅଧକ୍ଷା, ସୁକିନ୍ଦା ଜିଲା ପରିଷଦର ସଭ୍ୟାସଭ୍ୟ, ସୁକିନ୍ଦା ସରପଞ୍ଚଙ୍କୁ ଏହି କମିଟିରେ ରଖାଯାଇଛି। ମୁଖ୍ୟତଃ ଏହି ଅର୍ଥରାଶି ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଖଣି ମାଲିକ ସରକାରଙ୍କୁ ଦେଉଥିବା ରାଜସ୍ୱର ୩୦ ପ୍ରତିଶତ ଅର୍ଥ ଡିଏମ୍ଏଫ ପାଣ୍ଠିକୁ ଯାଇଥାଏ । କିନ୍ତୁ ଆଦାୟ ହେଉଥିବା ଡିଏମ୍ଏଫ୍ ପାଣ୍ଠିରୁ ସୁକିନ୍ଦା ଖଣି ଓ ଦାନଗଡି ଶିଳ୍ପାଞ୍ଚଳରେ ବିନିଯୋଗ ନୈରାଶ୍ୟଜନକ ହେଉଥିଲା। ଅନ୍ୟପକ୍ଷେ ଅଣ ଖଣି ଅଞ୍ଚଳରେ ଡିଏମ୍ଏଫ୍ ପାଣ୍ଠିରୁ ସମ୍ମିଳନୀ, ଡାକ୍ତରଖାନା ପାଇଁ ଜମି କିଣା, ଆଦର୍ଶ ବିଦ୍ୟାଳୟ, ପର୍ଯ୍ୟଟନ, ଶିକ୍ଷା ଆଦି କ୍ଷେତ୍ରରେ ବିପୁଳ କୋଟି ଟଙ୍କା ଖର୍ଚ୍ଚ ହେଉଥିବାରୁ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ ୧୦ ବର୍ଷ ମଧ୍ୟରେ ଡିଏମ୍ଏଫର ଗାଇଡଲାଇନ ଅନୁସାରେ ବ୍ୟାସନଗର ସହରର ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ପାଇଁ ଡିଏମଏଫ୍ ପାଣ୍ଠି ବିନିଯୋଗ ନୈରାଶ୍ୟଜନକ ରହିଥିଲା। ତେବେ ବର୍ତ୍ତମାନ ମଞ୍ଜୁର ହୋଇଥିବା ଡିଏମ୍ଏଫ ପାଣ୍ଠି ଉପଯୁକ୍ତ ଭାବେ ବିନିଯୋଗ କରାଯାଇ ଶିକ୍ଷା କ୍ଷେତ୍ରର ବିକାଶରେ ସହାୟକ ହୋଇ ପାରିବ ବୋଲି ସହରବାସୀ ଆଶା ପ୍ରକାଶ କରିଛନ୍ତି।

ରିପୋର୍ଟ ଅନୁସାରେ ସାପଗଡିଆ ଉଚ୍ଚ ପ୍ରାଥମିକ(ୟୁପି) ସ୍କୁଲରେ ୪ଟି ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ୭୮ ଲକ୍ଷ ଟଙ୍କା, ଉମାପଦା ମେହେର ୟୁପି ସ୍କୁଲରେ ୨ଟି ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ପାଁ ୪୦ ଲକ୍ଷ, ଚୋର୍ଦ୍ଦା ଜବାହାର ୟୁପି ସ୍କୁଲରେ ୨ଟି ଅତିରିକ୍ତ ଶ୍ରେଣୀ କୋଠରୀ ପାଇଁ ୪୦ ଲକ୍ଷ, ଓଏମସି କଲୋନୀ ୟୁପି ସ୍କୁଲରେ ୨ଟି ଅତିରିକ୍ତ ଶ୍ରେଣୀ କୋଠରୀ ପାଇଁ ୪୦ ଲକ୍ଷ ଟଙ୍କା, ରାମ୍ପାସ ୟୁପି ସ୍କୁଲର ୨ଟି ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ୪୦ ଲକ୍ଷ, ଧବଳଗିରି ୟୁପି ସ୍କୁଲର ୪ଟି ଅତିରିକ୍ତ ଶ୍ରେଣୀ କୋଠରୀ ପାଇଁ ୭୮ ଲକ୍ଷ, କୁସୁନପୁର ପ୍ରାଥମିକ ସ୍କୁଲରେ ୨ଟି ଅତିରିକ୍ତ ଶ୍ରେଣୀ କୋଠରୀ ପାଇଁ ୪୦ ଲକ୍ଷ, ଜାବରା ପ୍ରାଥମିକ ସ୍କୁଲରେ ୧ଟି ଅତିରିକ୍ତ ଶ୍ରେଣୀ କୋଠରୀ ପାଇଁ ୨୧ ଲକ୍ଷ, ପାଇକରାପୁର ସ୍କୁଲରେ ୨ଟି ଅତିରିକ୍ତ ଶ୍ରେଣୀ କୋଠରୀ ପାଇଁ ୪୦ ଲକ୍ଷ, ଯୋଡାବର ସ୍କୁଲରେ ୨ଟି କୋଠରୀ ପାଇଁ ୪୦ ଲକ୍ଷ, ସାତକଣା ସ୍କୁଲରେ ୨ଟି କୋଠରୀ ପାଇଁ ୪୦ ଲକ୍ଷ, ଚୂନାଭାଟି ସ୍କୁଲରେ ୧ଟି କୋଠରୀ ପାଇଁ ୨୧ ଲକ୍ଷ, ବିନାୟକ ବିହାର ସ୍କୁଲରେ ୨ଟି କୋଠରୀ ପାଇଁ ୪୦ ଲକ୍ଷ, ଆର.ଆର. ସରକାରୀ ୟୁପି ସ୍କୁଲରେ ୨ଟି କୋଠରୀ ପାଇଁ ୪୦ ଲକ୍ଷ, ଚାନ୍ଦମା ୟୁପି ସ୍କୁଲରେ ୨ଟି କୋଠରୀ ପାଇଁ ୪୦ ଲକ୍ଷ, ନହକା ମହାବୀର ୟୁପି ସ୍କୁଲରେ ୨ଟି କୋଠରୀ ପାଇଁ ୪୦ ଲକ୍ଷ, ବୀରମଣିପୁର ସ୍କୁଲରେ ୨ଟି କୋଠରୀ ପାଇଁ ୪୦ ଲକ୍ଷ, ଶଶିଭୂଷଣ ବାଳିକା ହାଇସ୍କୁଲରେ ୪ଟି ଅତିରିକ୍ତ କୋଠରୀ ପାଇଁ ୭୮ ଲକ୍ଷ, ଜଗନ୍ନାଥ ସାହି ସ୍କୁଲରେ ୧ଟି କୋଠରୀ ପାଇଁ ୨୧ ଲକ୍ଷ, ମୁଣ୍ଡୋମାଳ ସ୍କୁଲର ୨ଟି ଅତିରିକ୍ତ କୋଠରୀ ପାଇଁ ୪୦ ଲକ୍ଷ, କୋପଣ୍ଡ ସ୍କୁଲରେ ୨ଟି କୋଠରୀ ପାଇଁ ୪୦ ଲକ୍ଷ, ଡୋଳିପୁର ସ୍କୁଲର ୨ଟି କୋଠରୀ ପାଇଁ ୪୦ ଲକ୍ଷ ଏବଂ ନିଳକଣ୍ଠେଶ୍ୱର ପ୍ରାଥମିକ ସ୍କୁଲର ୨ଟି ଅତିରିକ୍ତ କୋଠରୀ ନିର୍ମାଣ ପାଇଁ ୪୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ତେବେ ଠିକାଦାରୀ ରାଜନୀତିକୁ ଗୁରୁତ୍ୱ ନ ଦେଇ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ପାଇଁ ଉକ୍ତ ପାଣ୍ଠି ସୁଚାରୁରୂପେ ବିନିଯୋଗ ହେବ ବୋଲି ସହରବାସୀ ଆଶାବ୍ୟକ୍ତ କରିଛନ୍ତି।

# କରଦା ପାଲା ଉତ୍ସବ ଉଦ୍‌ଯାପିତ



କରଦା ଶନିମନ୍ଦିର ପ୍ରାଙ୍ଗଣ ହାଟ ପଡ଼ିଆରେ ପାଲା ପରିବେଷଣ କରାଯାଉଛି ।

**ପାଣିକୋଇଲି,୧୦।୫(ବିକାଶ ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର କରଦା ଶନିମନ୍ଦିର ପ୍ରାଙ୍ଗଣ ହାଟ ପଡ଼ିଆରେ ଚାଲିଥିବା ପାଲା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କରଦା ଆଞ୍ଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଶ୍ରୀଶନିଶ୍ଚରଙ୍କ ବାର୍ଷିକ ପୂଜା ଉପଲକ୍ଷେ ଏହି ପାଲା କରାଯାଉଥିଲା। ୩ଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବକୁ ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଖବରଦାତା ସୁବାସ ଧଳ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗଦାନ କରିଥିଲେ। କଳାକାର ଭତ୍ତା ବୃଦ୍ଧି ପାଇଁ ଗାୟକ ଜ୍ୟୋତି ଓ ଗାୟକ ରଞ୍ଜନ ରଶ୍ମିରଂଜନ ମହାନ୍ତି ଦାବି କରିଥିଲେ। ନାରାୟଣ ନାୟକ, ସୁଶୀଲ ବେହେରା, ଦେବଦତ୍ତ ବେହେରା, ଶ୍ୟାମସୁନ୍ଦର ସାହୁ, ଗିରିଧାରୀ ବେହେରା, ଗଣେଶ ଚନ୍ଦ୍ର ଦାସ, ଫକୀର ଚରଣ ବାରିକ, ସଞ୍ଜୟ ବେହେରା, ସୁନିଲ ବେହେରା, ଅଭୟ ବେହେରା, ବୃନ୍ଦାବନ ବେହେରା, ସୁନାକର ମଲ୍ଲିକ, ନାରାୟଣ ମଲିକ, ସତ୍ୟଜିତ ବେହେରା ଓ ବିଶେଶ୍ୱର ଚୌଧୁରୀଙ୍କ ସମେତ କମିଟି ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ସିଂହପୁରରେ ରକ୍ତଦାନ ଶିବିର



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

**ସିଂହପୁର,୧୦।୫ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ସାଇ ମଣ୍ଡପଠାରେ ଶନିବାର ଓଡ଼ିଶା ରକ୍ତଦାନ ମହସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ଆଲୋକ ବଳିଆରସିଂହ ଏହାର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଯାଜପୁର ଟାଉନ ଓ ବ୍ୟାସନଗର ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ୪୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଜିଲାପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ସୁଶାନ୍ତ କୁମାର ନାୟକ, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସମିତି ସଭ୍ୟ ଭାଗ୍ୟବତୀ ଧଳ, ମଳୟ ଥାଟୋଇ, ଜରି ସରପଞ୍ଚ ନନ୍ଦକିଶୋର ମଲିକ, ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ଯୁବକମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସପ୍ତଶତୀ ଚଣ୍ଡୀ ମହାଯଜ୍ଞ ଶୁଭାରମ୍ଭ

**ଧର୍ମଶାଳା,୧୦।୫(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠରେ ୧୯ତମ ବିଶ୍ୱଶାନ୍ତି ସପ୍ତଶତୀ ଚଣ୍ଡୀ ମହାଯଜ୍ଞ ଶନିବାର ଶୁଭାରମ୍ଭ ହୋଇଛି। ଏହି ଯଜ୍ଞ ଉତ୍ସବ ୩ଦିନ ଧରି ପାଳିତ ହେବ। କର୍ତ୍ତାଭାବେ ସୁନୀଲ ସ୍ୱାଇଁ ଓ ସ୍ତ୍ରୀ ସୁଜାତା ସ୍ୱାଇଁ ଯୋଗ ଦେଇଛନ୍ତି। ଭୋର୍ ସମୟରେ କଳସଯାତ୍ରା କରାଯିବା ପରେ ସୂର୍ଯ୍ୟପୂଜା, ଗୁରୁପୂଜା ଓ ଗୋପୂଜା କରାଯାଇଥିଲା। ଏହାପରେ ଯଜ୍ଞକୁଣ୍ଡରେ ଅଗ୍ନିସଂଯୋଗ କରାଯାଇ ଯଜ୍ଞଉତ୍ସବ ଆରମ୍ଭ ହୋଇଥିଲା। ୧୧ତାରିଖରେ ସୂର୍ଯ୍ୟନାରାୟଣ ପୂଜା, ଗୁରୁପୂଜା, ଗୋପୂଜା, ବିଗ୍ରହ ପୂଜା ଅନୁଷ୍ଠିତ ହେବ। ୧୨ତାରିଖରେ ପୂର୍ଣ୍ଣାହୁତି ହେବ। ଉତ୍ସବରେ ଆଖପାଖ ଅଞ୍ଚଳରୁ ଶତାଧିକ



ଶ୍ରଦ୍ଧାଳୁ ଆସି ସପ୍ତସତୀ ମା' ଚଣ୍ଡୀଙ୍କୁ ଦର୍ଶନ କରି ବିଭୁକୃପା ଲାଭ କରୁଛନ୍ତି। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତିଦିନ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। ଯଜ୍ଞକମିଟି କର୍ମକର୍ତ୍ତା ଉପସ୍ଥିତ ରହି ଉତ୍ସବକୁ ପରିଚାଳନା କରୁଛନ୍ତି। ନୂଆଗାଁ, କଣିପାଟିଆ, ଗଙ୍ଗାଧରପୁର, ଦେଉଳିପାଳ, ଇମାମନଗର, ପଳାର ଆଦି ଗ୍ରାମରେ ଆମିଷ ଭୋଜନ ବାରଣ କରାଯାଇଥିବା ବେଳେ ରାତି ରୋଷେଇ ବନ୍ଦ କରାଯାଇଛି।

# ମଦ ବାର୍ ବନ୍ଦ କରିବାକୁ ମହିଳାଙ୍କ ଦାବି



ମହିଳାମାନେ ମଦ ଦୋକାନ ବନ୍ଦ ପାଇଁ ଦାବିପତ୍ର ଦେଉଛନ୍ତି ।

**ଜେନାପୁର,୧୦।୫(ଅଶୋକ ଦାସ):**

ଯାଜପୁର ଜିଲା ଜେନାପୁର ଥାନା ଅଧୀନ ମହିଷରା ପଞ୍ଚାୟତର କାଦୁଆ ମାଗୁରା ଛକଠାରେ ଥିବା ନାୟକ ମଦ ବାରକୁ ବନ୍ଦ କରିବାକୁ ଦାବି ହୋଇଛି। ଏନେଇ ଶନିବାର ମହିଶରା ଓ ସାମ୍ପାରୁ ପଞ୍ଚାୟତର ଶତାଧିକ ମହିଳା ଜେନାପୁର ଥାନାରେ ଲିଖିତ ଦାବିପତ୍ର ଦେଇଛନ୍ତି।

କିଛି ବର୍ଷ ଧରି ଏଠାରେ ଏହି ବାର ଚାଲି ଆସିଥିବାବେଳେ ପଦ୍ମାବତୀ କ୍ରଶରରେ ଜଣେ ଯୁବକଙ୍କୁ ହତ୍ୟା ପରେ ତାଙ୍କ ସମ୍ପର୍କୀୟ ଭାଇ ସୁଜିତ ଜେନାଙ୍କୁ ଏହି ବାର୍‌ରେ ଆକ୍ରମଣ କରାଯାଇଛି। ଏଠାରେ ବାର ଚାଲିବା ଦ୍ୱାରା ୨ ପଞ୍ଚାୟତର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ବାର୍ ସପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟଠାରୁ ୪୦୦ ମିଟର ଦୂରରେ ଥିବାରୁ ପିଲାମାନେ ମଦ୍ୟପଙ୍କ ଭୟରେ ବିଦ୍ୟାଳୟକୁ ଆସୁନାହାନ୍ତି। ସନ୍ଧ୍ୟାରେ ମଦ୍ୟପଙ୍କ ଦୌରାତ୍ମ୍ୟ ବଢ଼ି ଯାଉଥିବାରୁ ଲୋକେ ଯାତାୟାତ କରିବାକୁ ଭୟ କରୁଛନ୍ତି। ମଦ୍ୟପାନ କରି ଯୁବକମାନେ ପଥଭ୍ରଷ୍ଟ ହେଉଛନ୍ତି। ଗାଁଗାଁ ମଧ୍ୟରେ କଳିଝଗଡ଼ା ହେଉଛି। ମଦବାର ମୁଖ୍ୟ ରାସ୍ତା ପାର୍ଶ୍ୱରେ ହୋଇଥିବାରୁ ମଦ୍ୟପମାନେ ବାଟରେ ଯାଉଥିବା ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। କେହି ପ୍ରତିବାଦ କଲେ ବାର୍ ମାଲିକ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରାଉଛନ୍ତି ବୋଲି ମହିଳାମାନେ ଦାବିପତ୍ରରେ ଦର୍ଶାଇଛନ୍ତି।

# ବେଦିରେ ନବବିବାହିତ ସ୍ୱାମୀ ମୃତ

**ନିଶ୍ଚିନ୍ତକୋଇଲି, ୧୦।୫ (ଅଶୋକ କୁମାର ମହାପାତ୍ର):**

ବିବାହର ୩ ଦିନ ପର୍ଯ୍ୟନ୍ତ ହସଖୁସିରେ ଦୁଇ ପରିବାର ଫାଟିପଡୁଥିଲା। ନବ ଦମ୍ପତି ସଂସାର ଗଢ଼ିବା ପାଇଁ ସ୍ୱପ୍ନ ଦେଖିଥିଲେ। ମାତ୍ର ଏସବୁ ଫସର ଫାଟିଯାଇଛି। ବିବାହର ତୃତୀୟ ସନ୍ଧ୍ୟାରେ କଉଡ଼ି ଖେଳବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ନବବିବାହିତ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ନୃତାଙ୍ଗ ଗ୍ରାମରେ ଘଟିଛି। ମୃତକ ହେଲେ ଗ୍ରାମର ସତ୍ୟମନୁ ସାହୁ(ଲିଟୁନା)।

ମେ' ୭ରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ନେଳିଆ ଅଞ୍ଚଳର ଯୁବତୀଙ୍କ ସହ ଲିଟୁନାଙ୍କ ବିବାହ ହୋଇଥିଲା। ବିବାହ ପରେ ପରମ୍ପରା ଅନୁଯାୟୀ, ପ୍ରତ୍ୟହ ସନ୍ଧ୍ୟାରେ କଉଡ଼ି ଖେଳ ହେଉଥିଲା। ଶୁକ୍ରବାର ବେଦିରେ ବରକନ୍ୟାଙ୍କୁ କଉଡ଼ି ଖେଳାଇବାରେ ପରିବାର ଲୋକେ ମସ୍‌ଗୁଲଥିବାବେଳେ ହଠାତ୍ ଲିଟୁନା ଚିତ୍କାର କରିଥିଲେ। ସେ ବେଦିରେ ଲାଗିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିବା ଜଣାପଡ଼ିଥିଲା। ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ବାପଘର ଲୋକେ ତାଙ୍କ ଝିଅକୁ ଘରକୁ ନେଇଯାଇଛନ୍ତି।

# ମାଟ୍ରିକ ସାର୍ଟିଫିକେଟକୁ ଗୁରୁତ୍ୱ, ଜନ୍ମ ପଞ୍ଜୀକରଣକୁ ଅଣଦେଖା

**କର୍ମଚାରୀଙ୍କ ବାଲ୍ୟବିବାହ ଅଭିଯୋଗ ମାମଲା**

**ଯାଜପୁର,୧୦।୫(ହର୍ଷବର୍ଦ୍ଧନ ବେହେରା):**

ବାଲ୍ୟ ବିବାହ ନିରୋଧ ଆଇନ ଅନୁଯାୟୀ ବାଲ୍ୟ ବିବାହ ରୋକିବାକୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ଙ୍କୁ ସରକାର କ୍ଷମତା ଦେଇଥିବା କୁହାଯାଇଛି । କିନ୍ତୁ ଏହି କ୍ଷମତାକୁ ସିଡିପିଓ ଉଲ୍ଲଂଘନ କରି ବାଲ୍ୟ ବିବାହ ରୋକିବାକୁ ସାମାନ୍ୟତମ ମନବଳାଉ ନ ଥିବା ଅଭିଯୋଗ ହେଉଛି। ଯାଜପୁର ଅତିରିକ୍ତ ଜିଲାପାଳ ନାବାଳିକାଙ୍କୁ ବିବାହ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ଏପରିକି ଶିଶୁ କଲ୍ୟାଣ କମିଟି(ସିଡବ୍ଲୁସି) ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଡିପିଓଙ୍କୁ ପରାମର୍ଶ ଦେଇଥିଲେ। ତେବେ ମାଟ୍ରିକ ପ୍ରମାଣପତ୍ରରେ ୧୮ ବର୍ଷ ପୁରି ଯାଇଥିବାରୁ ସିଡିପିଓ ନୀରବ ଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ସୁକିନ୍ଦା ସିଡିପିଓ ସୁଜାତା ମହାପାତ୍ର କହିଛନ୍ତି, ଜୁଭେନାଇଲ ଜଷ୍ଟିସ ବୋର୍ଡର ଆଇନ ଅନୁଯାୟୀ ସୁକିନ୍ଦା ବ୍ଲକ ଏଜୁକେଶନ ଅଫିସର(ବିଇଓ)ଙ୍କୁ ଜନ୍ମ ତାରିଖ ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ଦେଲା ପରେ ବୟସ ଦେଖି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସିଡବ୍ଲୁସିର ମିହିର ମହାନ୍ତି ଏଡିଏମ୍‌ଙ୍କ ନିର୍ଦ୍ଦେଶ ଆଧାରରେ ସୁକିନ୍ଦା ସିଡିପିଓଙ୍କୁ ଏତଲା ଦାୟର କରିବାକୁ ନିର୍ଦ୍ଦେଶ ଦେଇଛୁ ବୋଲି କହିଛନ୍ତି। ସୁକିନ୍ଦା ମେଡିକାଲର ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ, ଅଙ୍ଗନବାଡି କିଶୋରି ନାବାଳିକା କାର୍ଯ୍ୟକ୍ରମ, ଏଏନ୍ଏମ୍ ପ୍ରସୂତୀ ରେଜିଷ୍ଟର ଅଧାରେ ଝିଅଟି ନାବାଳିକା ଥିବା ଦର୍ଶାଉଛି। ଉକ୍ତ ପ୍ରମାଣପତ୍ରଗୁଡିକୁ ସିଡିପିଓ ହେୟ ମନେକରି ଏତଲା ଦାୟର ନ କରିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମାଟି ବୋଝେଇ ଟ୍ରାକ୍ଟର ଜବତ

**ବ୍ରହ୍ମବରଦା,୧୦।୫ (ଯଯାତି କେଶରୀ ବେହେରା):**

ବ୍ରହ୍ମବରଦା ଥାନା ଝାଲପଡ଼ା ଗ୍ରାମରୁ ଶନିବାର ଅପରାହ୍ନରେ ପୋଲିସ ଏକ ମାଟି ବୋଝେଇ ଟ୍ରାକ୍ଟର ଜବତ କରିଛି। ଜବତ ଟ୍ରାକ୍ଟରର ନମ୍ବର ନାହିଁ। ଉକ୍ତ ନମ୍ବର ବିହୀନ ଟ୍ରାକ୍ଟର ଝାଲପଡ଼ା ପଞ୍ଚାୟତରୁ ମାଟି ବୋଝେଇ କରି ରୁଦ୍ରପୁର ପଞ୍ଚାୟତ ଅଭିମୁଖେ ଯାଉଥିବା ସମୟରେ ବଡ଼ବାଗସାହି ନିକଟରେ ପୋଲିସ ହାବୁଡ଼ରେ ଧରା ପଡ଼ିଥିଲା। ପୋଲିସକୁ ଦେଖି ଟ୍ରାକ୍ଟର ଚାଳକ ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିଲେ। ପୋଲିସ ଉକ୍ତ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିବା ପରେ ଜିଲା ଖଣି ବିଭାଗକୁ ଅବଗତ କରାଇଛି ବୋଲି ଥାନା ଅଧିକାରୀ ଜୟନ୍ତୀ ମଲ୍ଲିକ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ମାଟ୍ରିକ୍ ଏ-୧ରେ କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ର ।

**ବରୀ,୧୦।୫(ମହେନ୍ଦ୍ର ସ୍ୱାଇଁ):**

ବରୀ ନିର୍ବାଚନମଣ୍ଡଳୀରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ବରୀ ବ୍ଲକ୍ ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଚାଳଘର ସାହିତ୍ୟ ସଂସଦ ତରଫରୁ ଈଶାଣେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଏ-୧ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍ତରୀୟ, ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଆଗାମୀ ଦିନରେ ନିଶ୍ଚିତ ଅଞ୍ଚଳ ପାଇଁ ଗୋରବ ଆଣି ପାରିବେ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ସଂସଦର ସଭାପତି ବିରଜା ପ୍ରସାଦ ପରିଡ଼ା ସଭାପତିତ୍ୱ କରିଥିଲେ। ଦିଲୀପ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସଚୀକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନଶିକ୍ଷକ ବେଣୁଧର ପତି, ସାମାଜିକ କର୍ମୀ ଗୋବିନ୍ଦ ଜେନା, ଡ. ନୃସିଂହ ଚରଣ ବେହେରା, ଡ. ଭାଗ୍ୟଧର ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ମକର ଚରଣ ଘଡ଼ାଇ, ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ରଞ୍ଜନ ଦାସ, ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ସୌମ୍ୟଜିତ ଦାସ, ସମ୍ଭାବନା ସାମଲ, ଅଙ୍କିତ ଅନୁରାଗ ପଣ୍ଡା, ଜୟଶ୍ରୀ ଦାସ, ଜିଜ୍ଞାସା ବିଶ୍ୱାଳ, ଜ୍ୟୋତିର୍ମୟୀ ସାହୁ, ଯୋଗେଶ କୁମାର ସାହୁ, ସାଗର ମୁଦୁଲି, ଲକ୍ଷ୍ମୀପ୍ରିୟା ମଲିକ, ନିବେଦିତା ଦାସ, ପ୍ରଧାନଶିକ୍ଷକ ଶିବଶଙ୍କର ଜେନା, ଶିଶିର ମଲିକ ପ୍ରମୁଖଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ସଂସଦ ଉପଦେଷ୍ଟା ତଥା ପ୍ରଧାନଶିକ୍ଷକ ପାବକ ମହାପାତ୍ରଙ୍କ ଅକାଳ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅମିତାଭ ଜେନା ଧନ୍ୟବାଦ ଦେଇଥିଲେ।

# ୩୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ପ୍ରୋତ୍ସାହନ ରାଶିରୁ ବଞ୍ଚିତ

**ସଅଳ ଆବାସ ନିର୍ମାଣ**

- ସାଧାରଣ ନିର୍ବାଚନ ପରଠାରୁ ଆବାସ ପ୍ରୋତ୍ସାହନ ରାଶି ୱେବ୍‌ସାଇଟ୍ ବନ୍ଦ

**ରସୁଲପୁର,୧୦।୫(ରଞ୍ଜିତ ରାଉତ):**



ରସୁଲପୁର ବ୍ଲକ ଅଞ୍ଚଳରେ ୨୦୨୩-୨୪ ଆର୍ଥିକ ବର୍ଷରେ ୨୪୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ସଅଳ ଘର ନିର୍ମାଣ କରିଥିବା ୩୦୦ରୁ ଅଧିକ ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମିଳିପାରୁନାହିଁ। ପ୍ରାୟ ବର୍ଷେରୁ ଅଧିକ ହେବ ଏଭଳି ସ୍ଥିତି ଲାଗି ରହିଛି। ସାଧାରଣ ନିର୍ବାଚନ-୨୦୨୪ ପରଠାରୁ ପ୍ରୋତ୍ସାହନ ରାଶି ୱେବସାଇଟ୍ ବନ୍ଦ ରହିଥିବାରୁ ହିତାଧିକାରୀ ସେମାନଙ୍କ ସୁବିଧା ପାଇବାରୁ ବଞ୍ଚିତ ହୋଇଆସୁଛନ୍ତି। ହିତାଧିକାରୀ ସେମାନଙ୍କ ପ୍ରାପ୍ୟ ହାତେଇବା ପାଇଁ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନିରାଶ ହୋଇ ଫେରୁଛନ୍ତି। ତେଣୁ ଶୀଘ୍ର ପ୍ରୋତ୍ସାହନ ରାଶି ପ୍ରଦାନ କ୍ଷେତ୍ରରେ ପ୍ରଶାସନ ପଦକ୍ଷେପ ନେବାକୁ ହିତାଧିକାରୀମାନେ ଦାବି କରିଛନ୍ତି।

ବାସଶୂନ୍ୟ, କଚ୍ଚାଘରେ ବସବାସ କରୁଥିବା ପରିବାର, ପରିବାରର ମୁଖ୍ୟ ଥିବା ଦିବ୍ୟାଙ୍ଗ, ବିଧବାଙ୍କ ଭଳି ଯୋଗ୍ୟ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଘର ନିର୍ମାଣ ପାଇଁ ୧.୩୦ ଲକ୍ଷ ଟଙ୍କା ଅର୍ଥ ୩ଟି କିସ୍ତିରେ ପ୍ରଦାନ କରାଯିବାସହ ମଜୁରି ବାବଦକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅର୍ଥରୁ ୨୨,୫୦୦ଟଙ୍କା ପ୍ରଦାନ କରାଯିବାର ପ୍ରାବଧାନ ରହିଥିଲା। ହିତାଧିକାରୀ କାର୍ଯ୍ୟାଦେଶ ହାତେଇବାର ୪ ଓ ୬ମାସ ମଧ୍ୟରେ ଘର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କଲେ ପ୍ରୋତ୍ସାହନ ରାଶି ବାବଦକୁ ଯଥାକ୍ରମେ ୨୦ ଓ ୧୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସରକାରୀ ନିୟମ ରହିଛି। ମାତ୍ର ଏହି ନିୟମ ବର୍ଷାଧିକ କାଳ ଅକାମୀ ହୋଇଯାଇଥିବାରୁ ହିତାଧିକାରୀ ସେମାନଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଆସୁଛନ୍ତି। ହିତାଧିକାରୀ ଧାରକରଜ କରି ଗୃହ ନିର୍ମାଣ କରିଛନ୍ତି। ପ୍ରୋତ୍ସାହନ ରାଶି ହାତେଇଲେ ଋଣମୁକ୍ତ ହେବେ ବୋଲି ଆଶାବାନ୍ଧିଛନ୍ତି। ମାତ୍ର ସରକାରୀସ୍ତରରେ ପ୍ରୋତ୍ସାହନରାଶି ପ୍ରଦାନକୁ ଅଣଦେଖା କରାଯାଉଥିବାରୁ ହିତାଧିକାରୀ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ଆବାସ ହିତାଧିକାରୀ ସେମାନଙ୍କ ହକ୍‌ରୁ ବଞ୍ଚିତ ହେଉଥିବା ଘଟଣାକୁ ସାମାଜିକକର୍ମୀମାନେ ନିନ୍ଦା କରିଛନ୍ତି। ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ଗ୍ରହଣ ନ କଲେ, କର୍ମୀମାନେ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ୱେବସାଇଟ୍ ବନ୍ଦ ରହୁଥିବାରୁ ଯୋଗ୍ୟଙ୍କୁ ପ୍ରୋତ୍ସାହନରାଶି ପ୍ରଦାନ କରାଯାଇ ପାରୁନାହିଁ। ଏ ଦିଗରେ ବାରମ୍ବାର ଆବାସୀ ବୈଠକ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ୱେବ୍‌ସାଇଟ୍ ଖୋଲିଲା ପରେ ହିତାଧିକାରୀଙ୍କ ଜମାଖାତାରେ ପ୍ରୋତ୍ସାହନ ରାଶି ଉପଲବ୍ଧ ହେବ।

# ଜିଲାରେ ନିମ୍ନମାନର ଛତୁଆ ଯୋଗାଣ

ଜଗତ୍‌ସିଂହପୁର, ୧୦।୫ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ନିମ୍ନମାନର ଶିଶୁଖାଦ୍ୟ ତଥା ଛତୁଆ ଯୋଗାଣ ଉପରେ ଅଙ୍କୁଶ ଲାଗୁନାହିଁ । ବରଂ ଛତୁଆ ଯୋଗାଣ ଆଳରେ ବ୍ୟାପକ ଅନିୟମିତତା ଚାଲିଛି। ବର୍ଷାଧିକ କାଳ ହେବ ଏଭଳି ଚାଲିଥିଲେ ସୁଦ୍ଧା ସମସ୍ତେ ଚୁପ୍ ରହିଛନ୍ତି। ଏଭଳି ସଙ୍ଗିନ ଅଭିଯୋଗ ସତ୍ତ୍ୱେ ଉପରଠାଉରିଆ କାର୍ଯ୍ୟାନୁଷ୍ଠାନ ନିଆଯିବା ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ାଉଛି।

୨୦୨୩ ଏପ୍ରିଲରୁ ୨୦୨୪ ଜୁନ୍ ଭିତରେ ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ଫୁଡ୍ ଟେଷ୍ଟିଂ ଲାବରେଟୋରି ରିପୋର୍ଟକୁ ଆଧାର କରି ଜିଲାପାଳ ଜିଲାର ୭ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଡବ୍ଲ୍ୟୁଏସ୍‌ଏଚ୍‌ଜି) ଦ୍ୱାରା ପ୍ରସ୍ତୁତ ଓ ଯୋଗାଣ ହେଉଥିବା ଛତୁଆର ମାନ ନିମ୍ନମାନର ତଥା ଅସୁରକ୍ଷିତ ବୋଲି ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଉପରୋକ୍ତ ୭ ଡବ୍ଲ୍ୟୁଏସ୍‌ଏଚ୍‌ଜି ସରକାରୀ ଯୋଜନାରେ ଛତୁଆ ପ୍ରସ୍ତୁତ ଓ ଯୋଗାଣ କରିପାରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ୭ ଡବ୍ଲ୍ୟୁଏସ୍‌ଏଚ୍‌ଜି ଦେଉଥିବା ଛତୁଆ ଅନ୍ୟ ୫ଟି ଏସ୍‌ଏଚ୍‌ଜି ସହ ଟ୍ୟାଗ୍ କରିଦିଆଯାଇଛି। ଜିଲାପାଳ ଦର୍ଶାଇଛନ୍ତି, ବିରିଡ଼ିସ୍ଥିତ ସବୁଜିମା ମହାସଂଘ ଓ ବାଗଲପୁରସ୍ଥିତ କରଞ୍ଜେଶ୍ୱର ଏସ୍‌ଏଚ୍‌ଜି ପ୍ରସ୍ତୁତ ଓ ଯୋଗାଣ କରୁଥିବା ଛତୁଆ ଏଣିକି ଜଗତ୍‌ସିଂହପୁର ସିଦ୍ଧଳସ୍ଥିତ ମା'ତାରିଣୀ ଏସ୍‌ଏଚ୍‌ଜି ଦ୍ୱାରା ହେବ। ସେହିପରି ରଘୁନାଥପୁରର ନୀଳିମା ମହାସଂଘ ସ୍ଥାନରେ ଜଗତ୍‌ସିଂହପୁର ମାର୍କଣ୍ଡପୁରସ୍ଥିତ ସୁଭଦ୍ରା ମହିଳା ଉଦ୍ୟୋଗ ଛତୁଆ ଦାୟିତ୍ୱ ନେବ। କୁଜଙ୍ଗ ତେରମାଣପୁରସ୍ଥିତ ବାସୁଦେବ ଏସ୍‌ଏଚ୍‌ଜି ଓ ଜନପାଳସ୍ଥିତ ମଦର ଟେରେସା ଏସ୍‌ଏଚ୍‌ଜି ସ୍ଥାନରେ ତିର୍ତ୍ତୋଲର ବନବିହାରୀ ଏସ୍‌ଏଚ୍‌ଜିକୁ ଛତୁଆ ଉତ୍ପାଦନ ଓ ଯୋଗାଣ ପାଇଁ ଟ୍ୟାଗ୍ କରାଯାଇଛି। ନାଉଗାଁର କଲ୍ୟାଣ ଏସ୍‌ଏଚ୍‌ଜି ସ୍ଥାନରେ ବାଲିକୁଦାର ସୁଦ୍ଧା ମହାସଂଘ, ଏରସମା କୃଷ୍ଣ ଚନ୍ଦ୍ରପୁରସ୍ଥିତ ନୀଳକଣ୍ଠେଶ୍ୱର ଏସ୍‌ଏଚ୍‌ଜି ସ୍ଥାନରେ ବାଲିତୁଠସ୍ଥିତ ଗଙ୍ଗଦେବ ଏସ୍‌ଏଚ୍‌ଜିକୁ ଟ୍ୟାଗ କରାଯାଇଥିବା ଜିଲାପାଳ ସ୍ପଷ୍ଟ କରିଛନ୍ତି। ବାସ୍ତବରେ କିନ୍ତୁ ଜିଲାର ଅନେକ ଡବ୍ଲ୍ୟୁଏସ୍‌ଏଚ୍‌ଜି ନିମ୍ନମାନର ଛତୁଆ ପ୍ରସ୍ତୁତ ଓ ଯୋଗାଣକରି ବ୍ୟାପକ ଅନିୟମିତତା କରୁଥିଲେ ସୁଦ୍ଧା ସେଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

### ଶିଶୁ, ଗର୍ଭବତୀ ଏବଂ ପ୍ରସୂତିଙ୍କ ଜୀବନ ସହ ଖେଳ



ନିମ୍ନମାନର ଛତୁଆ।

ସୂଚନା ଅନୁଯାୟୀ, ବାଲିକୁଦା ଓ ନାଉଗାଁ, ଏରସମା, ଜଗତ୍‌ସିଂହପୁର, ବିରିଡ଼ି, ତିର୍ତ୍ତୋଲ, କୁଜଙ୍ଗ ଓ ରଘୁନାଥପୁର ଛତୁଆ ଯୋଗାଣ ଦାୟିତ୍ୱରେ ଥିବା ବିଭିନ୍ନ ଏସ୍‌ଏଚ୍‌ଜି ଆବଶ୍ୟକ ପରିମାଣର ଗହମ, ବୁଟ, ଚିନାବାଦାମ ଏବଂ ଚିନିର ଭାଗ ଠିକ୍ ରଖୁନାହାନ୍ତି। କେବଳ ଏତିକି ନୁହେଁ, ଛତୁଆ ପ୍ରସ୍ତୁତକାରୀ ସଂସ୍ଥାଗୁଡିକ ଓଜନରେ ମଧ୍ୟ ବାଟମାରଣା କରୁଛନ୍ତି। ଏ ବାବଦରେ ବାର୍ଷିକ ବହୁ ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଏହି ଦୁର୍ନୀତିର ଚେର ବହୁତ ବାଟ ଲମ୍ବିଛି। ପ୍ରକୃତରେ ଦେଖିବାକୁ ଗଲେ ଏସବୁ ଏସ୍‌ଏଚ୍‌ଜିଙ୍କ ପଛରେ ଅନେକ ପ୍ରଭାବଶାଳୀ ଲୋକ ରହିଛନ୍ତି। ସେମାନେ ବିଭାଗୀୟ ଅଧିକାରୀମାନଙ୍କ ସହ ବୁଝାମଣା କରି ମନମୁଖି କାରବାର କରୁଛନ୍ତି। ଫଳରେ ଶିଶୁ, ଗର୍ଭବତୀ ଏବଂ ପ୍ରସୂତିଙ୍କ ଜୀବନ ସହ ଖେଳାଯାଉଛି। ସେମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ନିମ୍ନମାନର। କିନ୍ତୁ ମିଛ ବିଲ୍, ଭାଉଚର/ଟ୍ୟାକ୍ସ ଇନ୍‌ଭଏସ୍ ଓ ଅନ୍ୟାନ୍ୟ କାଗଜାତ ପ୍ରସ୍ତୁତ କରାଯାଇ ଅର୍ଥ ଆତ୍ମସାତ୍ କରାଯାଉଛି।

ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀଙ୍କ ସହ ଯୋଗାଯୋଗ କରିବାରୁ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ବିଭିନ୍ନ ଛତୁଆ ଉତ୍ପାଦନ କେନ୍ଦ୍ରରେ ଚଢ଼ାଉ କରାଯିବା ସହ ଛତୁଆର ମାନ ଯେପରି ଠିକ୍ ରହିବ ତା'ଉପରେ ଗୁରୁତ୍ୱାରୋପ କରାଯିବ ବୋଲି ସେ କହିଛନ୍ତି।

# ମେଗା ସ୍ୱାସ୍ଥ୍ୟ ଶିବିର: ୩୧୫ ରୋଗୀଙ୍କୁ ମାଗଣା ଚିକିତ୍ସା


ଚିକିତ୍ସା ଶିବିରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ବାଲିକୁଦା, ୧୦।୫(ତାପସ ସ୍ୱାଇଁ)

ବାହାରଣା ପଞ୍ଚାୟତର ଜନତା ହାଇସ୍କୁଲ ପରିସରରେ ଶନିବାର ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବୈକୁଣ୍ଠ-ଉର୍ବଶୀ ଚାରିଟେବୁଲ ଟ୍ରଷ୍ଟ ଓ ଜଗତସିଂହପୁର ଜିଲା ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଭାଗର ବହୁ ଡାକ୍ତର ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ମାଗଣା ଔଷଧ ଯୋଗାଇ ଦେଇଥିଲେ । ଏଥିରେ ୩୧୫ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ବୈକୁଣ୍ଠ-ଉର୍ବଶୀ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଏସି ହୋମିଓପାଥି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡା. ଲକ୍ଷ୍ମୀକାନ୍ତ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜନ କରାଯାଇଥିଲା। ଡା. ଘନଶ୍ୟାମ ମୁଦୁଲି, ଡା. ସଂଜୟ ପାତ୍ର, ସୂର୍ଯ୍ୟ ମହାନ୍ତି, ସରପଞ୍ଚ ମାନସ ପରିଡ଼ା ଏହାକୁ ପରିଚାଳନା କରିଥିଲେ । ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଜିଲା ପରିଷଦ ସଦସ୍ୟ ଡଲି ପଣ୍ଡା, ଜଟାଧାରୀ ଦାସ, ବ୍ଲକ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ତଣ୍ଡିକୁଳ ସରପଞ୍ଚ ସୁପ୍ରିୟା ଦାସ, ଅରିଲୋ ସରପଞ୍ଚ ପ୍ରଶାନ୍ତ ବାରିକ, ଅବସରପ୍ରାପ୍ତ ଶିକ୍ଷକ କୈଳାସ ବିଶ୍ୱାଳ, ଯୁବ ସଙ୍ଗଠକ ଗଙ୍ଗାଧର ବେହେରା, ରବୀନ୍ଦ୍ର ମହାପାତ୍ର, ପ୍ରଧାନଶିକ୍ଷକ ସୁଶିଲ ବାରିକ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ରୋଗୀ ସେବା ଯୋଗାଇଦେବା ଲକ୍ଷ୍ୟରେ ଆଗାମୀ ଦିନରେ ବିଭିନ୍ନ ଅଞ୍ଚଳରେ ଏଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ଡାକ୍ତର ନନ୍ଦ କହିଛନ୍ତି । ରଞ୍ଜନ ମହାନ୍ତି, ରଶ୍ମିରଞ୍ଜନ ରାଉଳ, ଶ୍ରୀନିବାସ ରାଉତ, ରାଜେନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ପରିଡ଼ା, ମାନସ ସାହୁ, ରାଜକିଶୋର ଦାସ, ସୁକଦେବ ନାୟକ, ସୁଶାନ୍ତ ମଲ୍ଲିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ୨୮୮ ମାମଲାରୁ ୮୨ ସମାଧାନ

### ରାଷ୍ଟ୍ରୀୟ ଲୋକ ଅଦାଲତ
■ ୪ ଲକ୍ଷ ୫୦ ହଜାର ଟଙ୍କା ବନ୍ଦୋବସ୍ତ

କୁଜଙ୍ଗ, ୧୦।୫(ମନୋଜ ପ୍ରଧାନ)

କୁଜଙ୍ଗ ଦେୱାନି ଅଦାଲତ ପରିସରରେ ଶନିବାର ଅତିରିକ୍ତ ଜିଲା ଓ ଦୌରାଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଦେୱାନି ଅଦାଲତ ବିଚାରପତି ଚିନ୍ମୟୀ ପଣ୍ଡା, କନିଷ୍ଠ ଦେୱାନି ଅଦାଲତ ବିଚାରପତି ଡ. ବିଶ୍ୱଭୂଷଣ ନାୟକ ଓ ଜେଏମ୍‌ଏଫ୍‌ସି ରାଜେଶ ମିଶ୍ର ପ୍ରମୁଖ ଯୋଗଦେଇ ମାମଲାଗୁଡ଼ିକର ବିଚାର କରିଥିଲେ। ଅଦାଲତରେ ୨୮୮ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୮୨ଟି ସମାଧାନ କରାଯାଇ ୪ ଲକ୍ଷ ୫୦ ହଜାର ଟଙ୍କା ବନ୍ଦୋବସ୍ତ କରାଯାଇଛି । ମକଦ୍ଦମା ପରିଚାଳନାରେ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ଦେବାଶିଷ କଣ୍ଠ, ଓକିଲ ସଂଘ ସଭାପତି ଅନ୍ତର୍ଯାମୀ ନାରାୟଣ ଦାସ ଯାଦବ, ସମ୍ପାଦକ ବ୍ରଜ କିଶୋର ରାଉତ, ସଭ୍ୟ ରଞ୍ଜିତ ବିଶ୍ୱାଳ ସହାୟତା କରିଥିବା ବେଳେ ତାଲୁକ ଆଇନ ସେବା କମିଟିର ପ୍ରଦୀପ ମୁଦୁଲି ପରିଚାଳନା କରିଥିଲେ।


ବିଚାରପତି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# କର୍ମଚାରୀ, ଶ୍ରମିକଙ୍କ ଛୁଟି ବାତିଲ କଲେ ବନ୍ଦର କର୍ତ୍ତୃପକ୍ଷ


ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ବନ୍ଦର ନିଷିଦ୍ଧାଞ୍ଚଳରେ ମକଡ୍ରିଲ କରାଯାଉଛି।

ପାରାଦୀପ, ୧୦।୫(ଶରତ ରାଉତ)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଶନିବାର ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କ ଛୁଟି ବାତିଲ କରାଯାଇଛି। ଦେଶରେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ନିଆଯାଇଛି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ଜାରି ସର୍କୁଲାର(ନଂ. ୯୩୭)ରେ ଦର୍ଶାଯାଇଛି। କେବଳ ସ୍ୱାସ୍ଥ୍ୟ ସମସ୍ୟା ଥିବା କର୍ମଚାରୀଙ୍କ କ୍ଷେତ୍ରରେ ସାମାନ୍ୟ କୋହଳ ବ୍ୟବସ୍ଥା ଅଛି। ଏଥିସହ ଶନିବାର ବନ୍ଦର ନିଷିଦ୍ଧାଞ୍ଚଳର ଦୁଇଟି ସ୍ଥାନରେ ପ୍ରତିକାର ବ୍ୟବସ୍ଥା ନିମନ୍ତେ ମକ୍‌ଡ୍ରିଲ କରାଯାଇଥିଲା। ସାଉଥ୍ ଅଏଲ ବର୍ଥ ଓ ସିଆଇଏସ୍‌ଏଫ୍ ଫାୟାର ଷ୍ଟେଶନ ନିକଟରେ ଏହା କରାଯାଇଥିଲା।

# ବଟ ମହାପୁରୁଷ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

କୁଜଙ୍ଗ, ୧୦।୫(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ବଟ ମହାପୁରୁଷ ପୀଠରେ ୭୮ ତମ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଯଜ୍ଞ ଉତ୍ସବ ଚାରି ଦିନ ଧରି ଚାଲିବ ଓ ବୈଶାଖ ପୂର୍ଣ୍ଣିମାରେ ପୂର୍ଣ୍ଣାହୂତି ହେବ। ଶନିବାର ସକାଳ ସୂର୍ଯ୍ୟ ପୂଜା ପରେ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। କୁଜଙ୍ଗ ଓ ଏରସମା ବ୍ଲକ ଅଞ୍ଚଳର ସହସ୍ରାଧିକ ମାନସିକଧାରୀ ଶ୍ରଦ୍ଧାଳୁ କୁଜଙ୍ଗ ଶନି ମନ୍ଦିର ନିକଟସ୍ଥ ମହାନଦୀ କୂଳରେ ପୂଜାର୍ଚ୍ଚନା କରି କଳସରେ ପାଣି ଉଠାଇ କୁଜଙ୍ଗ, କୋଠିଆସାହି, ଷଣ୍ଢପୁର ଆଦି ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ସେଠାରେ ବ୍ରାହ୍ମଣ ଓ ପଣ୍ଡିତଙ୍କ ମନ୍ତ୍ରଧ୍ୱନିରେ କଳସାଧିବାସ କରାଯାଇ ଗୋପୂଜା ପରେ ଅଗ୍ନି ସ୍ଥାପନ କରାଯାଇଥିଲା। ରବିବାର ଭଳି ଚାରି ଦିନ ପର୍ଯ୍ୟନ୍ତ ସୂର୍ଯ୍ୟପୂଜା, ଗୋପୂଜା ସହ ଷୋଡଶ ଉପଚାର ପୂଜା କରାଯିବ। ସୋମବାର ପୂର୍ଣ୍ଣାହୁତି ହେବ। ଏନେଇ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ବାଗୋଇ ଗ୍ରାମବାସୀ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ପରିଚାଳନା କରୁଥିବାବେଳେ ଭିଡ ନିୟନ୍ତ୍ରଣ ପାଇଁ କୁଜଙ୍ଗ ପୋଲିସ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ସେହିପରି ଭୂତମୁଣ୍ଡାଇ ଜଗତିଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି।


ବଟ ମହାପୁରୁଷ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ମହିଳା ଓ ପୁରୁଷମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ଶାସ୍ତ୍ରୀୟ ସଙ୍ଗୀତ ସମାରୋହ


କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଜଗତ୍‌ସିଂହପୁର, ୧୦।୫ (ପ୍ରମୋଦ କୁମାର ନାୟକ)

### ଶ୍ରୀ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର

ଜଗତ୍‌ସିଂହପୁର ପଳସାସ୍ଥିତ ଶ୍ରୀ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ପବିତ୍ର ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅବସରରେ ଶୁକ୍ରବାର ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। କ୍ରିଷ୍ଣା ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରିଷ୍ଣା କଲ୍‌ଚରାଲ ଗ୍ରୁପର କଳାକାରମାନଙ୍କ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ । ଏହି ଆସରରେ ସ୍ଥାନୀୟ ଭାଗବତ ପ୍ରଚାର ସମିତି ସଭାପତି କମଳାକାନ୍ତ ରାଉତ, ସମ୍ପାଦକ ଚିତ୍ରସେନ ଲେଙ୍କା ତଥା ସଞ୍ଜୟ ଲେଙ୍କା, ଉମେଶ ରାଉତ ଓ ଅଦ୍ୱୈତ ବେହେରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉକ୍ତ ସନ୍ଧ୍ୟାରେ ସ୍ଥାନୀୟ କମିଟିର ବ୍ୟକ୍ତି ବିଶେଷଙ୍କ ଦ୍ୱାରା କ୍ରିଷ୍ଣା କଲଚରାଲ ଗ୍ରୁପର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିପଦ ଆପଦ, ସୁଖ ଦୁଃଖର ସାଥୀ ବନ୍ଧୁ ପଦବାଚ୍ୟ

ରଘୁନାଥପୁର, ୧୦।୫(ରାଜେନ୍ଦ୍ର ନାରାୟଣ ସିଂହ)

### ଗୋରେଖନାଥ ପୀଠରେ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କିଟ୍ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଆର୍ଟ ଅଫ୍ ଗିଭିଂର ଦ୍ୱାଦଶ ବାର୍ଷିକ କାର୍ଯ୍ୟକ୍ରମକୁ ଜଗତସିଂହପୁର ଜିଲା ସଂଯୋଜକ ବିଜୟ କୁମାର ସ୍ୱାଇଁ ଶୁଭାରମ୍ଭ କରିଥିଲେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ କରି ଭାଇଚାରା ରକ୍ଷା କରିବା ଓ ବିଶ୍ୱଭ୍ରାତୃତ୍ୱକୁ ସମ୍ମାନ ଜଣାଇ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସଂଯୋଜକ ସ୍ୱାଇଁ ପ୍ରକାଶ କରିଥିଲେ। ବିପଦ ଆପଦ ଓ ସୁଖଦୁଃଖର ସାଥୀ ପ୍ରକୃତ ବନ୍ଧୁ ପଦବାଚ୍ୟ ବୋଲି ସେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଆୟୋଜିତ ସଭାରେ ବରିଷ୍ଠ ଖବରଦାତା ଶୁଭଙ୍କର ଜେନା ପୌରୋହିତ୍ୟ କରି ଏହା ଏକ ଯୁଗ ଉପଯୋଗୀ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଗୋରେଖନାଥଙ୍କ ମୁଖ୍ୟ ପୂଜକ ଦିଲୀପ ପଣ୍ଡା ଯୋଗଦେଇ ପ୍ରତ୍ୟେକ ମନୁଷ୍ୟ ପରସ୍ପର ହାତ ବଢ଼ାଇ ସମ୍ପର୍କର ସେତୁ ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଶିକ୍ଷାବିତ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଆଗାମୀ ଓଡ଼ିଶାର ଉପସଭାପତି ଶରତ କୁମାର ରାଉତରାୟ, ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ ଓ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ସାମାଜିକ କର୍ମୀ ଅଶୋକ କୁମାର ଦାସ, ବିଜନ ମହାପାତ୍ର ଓ ବସନ୍ତ କୁମାର ଖଟୁଆ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।


ଗୋରେଖନାଥ ପୀଠରେ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ।

# ୨୨୮ ଗ୍ରାମ୍ ବ୍ରାଉନସୁଗାର ଜବତ ମା', ପୁଅ ଗିରଫ

ବାଲେଶ୍ୱର, ୧୦।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ ବଜାର ଅଞ୍ଚଳରେ ପୋଲିସ ପକ୍ଷରୁ ଚଢାଉ କରାଯାଇ ୨୨୮ ଗ୍ରାମ୍ ବ୍ରାଉନସୁଗାର ସହ ନଗଦ ୧୮ ହଜାର ଟଙ୍କା ଜବତ ହୋଇଛି। ଏଥିରେ ସମ୍ପୃକ୍ତ ବେପାରୀ ମିନା ବିବି ଓ ପୁଅ ସେକ ସାକିରଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ଏନେଇ ଶନିବାର ସହଦେବଖୁଣ୍ଟା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ମା', ପୁଅ ପଶ୍ଚିମବଙ୍ଗ ଓ ମୁର୍ଶିଦାବାଦ ଅଞ୍ଚଳରୁ ବ୍ରାଉନସୁଗାର ଆଣି ବାଲେଶ୍ୱର ତଥା ଆଖପାଖ ଅଞ୍ଚଳରେ ବିକ୍ରି କରିଆସୁଥିଲେ। ସେମାନେ ଛୋଟ ଛୋଟ ପୁଡ଼ିଆ କରି ଅରଡ଼ବଜାର ମସଜିଦ୍ ଗଳିରେ ବିକ୍ରି କରୁଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ଅଜୟ କୁମାର ମୁର୍ମୁ, ସବ୍‌ଇନ୍ସପେକ୍ଟର ଅଭିଷେକ ସାମନ୍ତରାୟ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସହ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲେ। ଏନେଇ ଏକ ମାମଲା (ନଂ. ୧୭୨/୨୫) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି। ଗିରଫଦ୍ୱୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

# ବିକଶିତ ପାରାଦୀପ ଗଢ଼ିବା ଆମର ଲକ୍ଷ୍ୟ: ଶିଳ୍ପ ମନ୍ତ୍ରୀ


ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଗହଣରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟମାନେ।

ପାରାଦୀପ, ୧୦।୫(ଶରତ ରାଉତ)

ଜଗତ୍‌ସିଂହପୁର ମଧୁବନସ୍ଥିତ ପୌର କଲ୍ୟାଣମଣ୍ଡପ ପରିସରରେ ଶନିବାର ପାରାଦୀପ ପୌର ପରିଷଦ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ସାମାଜିକ ସେବା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ଅନ୍ୟ କାଉନସିଲର ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ (ସାମାଜିକ ସେବା) କରାଯିବା ସହ ସ୍ୱଚ୍ଛତା କ୍ଷେତ୍ରରେ କାମ କରୁଥିବା ସାଥି, ସୁପରଭାଇଜର, ଜମାଦାର, ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ଚଳିତବର୍ଷ ଦଶମ ପରୀକ୍ଷାରେ ଏ-୧ ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଇଥିଲା। ଏଥିରେ ଶିଳ୍ପମନ୍ତ୍ରୀ ସ୍ୱାଇଁ ଯୋଗଦେଇ ବିକଶିତ ପାରାଦୀପ ଗଢ଼ିବା ଆମର ଲକ୍ଷ୍ୟ ବୋଲି କହିଥିଲେ। ସାମାଜିକ ସେବା, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇ ସ୍ୱାସ୍ଥ୍ୟ, ଶିକ୍ଷା ସହ ଶିଳ୍ପର ବିକାଶ ହେଲେ ପାରାଦୀପ ବିକଶିତ ହେବ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଯେଉଁ ସ୍କୁଲର ଛାତ୍ରୀଛାତ୍ର ଏ-୧ ରଖିଛନ୍ତି ଉକ୍ତ ବିଦ୍ୟାଳୟର ମୁଖ୍ୟଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

# ସରଗଠୁ ବଡ଼ ମା'ର କୋଳ

**ମା'ର ପଣତ ତଳ ସବୁଠୁ ସୁରକ୍ଷିତ ସ୍ଥାନ । ସରଗଠୁ ବଡ଼ ମା'ର କୋଳ । ଯିଏ ମତେ ଦେଖାଇଲା ପ୍ରଥମ ଆଲୋକ। ଯାହା ହାତ ଧରି ମୁଁ ଚାଲି ଶିଖିଲି, ସିଏ ମତେ ଶିଖାଇଲା ପ୍ରଥମ ଶବ୍ଦ । ସତରେ ମା' କେଡେ ମଧୁର, ନିଜର । ନିଜେ ନ ଖାଇ ସନ୍ତାନ ପେଟକୁ ସଦା ସର୍ବଦା ଭରି ଦେଉଥିବା ବ୍ୟକ୍ତିଟି ହେଉଛି ମା', ବୋଉ, ମାମା, ମମି । ଉଚ୍ଚାରଣ ଯାହା ହେଉନା କାହିଁକି ଏହାର ଭାବ ଓ ଅର୍ଥ ଏକ । ସେଥିପାଇଁ ଭାରତୀୟ ସଂସ୍କୃତିରେ କୁହାଯାଇଛି 'ଜନନୀ,ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ' । ରବିବାର ବିଶ୍ୱ ମାତୃ ଦିବସ ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା ।**



"ମା' ଏକ ଶବ୍ଦ ନୁହେଁ, ଏକ ଆବେଗ, ଆତ୍ମିୟତାର ଭାବ। ସେ ଚୀର ନମସ୍ୟ। କାରଣ ସେ ହେଉଛି ସମସ୍ତ ଶକ୍ତି, ମୁକ୍ତି ଓ ବିଦ୍ୟାର ଉତ୍ସ। ମା'ର ମାତୃତ୍ୱକୁ ଅନ୍ୟ କୌଣସି ସମ୍ପର୍କ ସହ ତୁଳନା କରାଯାଇପାରେନା। କାରଣ ମା'ର ସ୍ଥାନ ଶୀର୍ଷରେ ନୁହେଁ ବରଂ ହୃଦୟରେ ହିଁ ଥାଏ। ମା'ର ସ୍ଥାନ ଈଶ୍ୱରଙ୍କଠାରୁ ବି ଉର୍ଦ୍ଧ୍ୱରେ। ମହାଭାରତରେ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ରଖି ଯୁଧିଷ୍ଠିର କହିଥିଲେ ଭୂମି ଠାରୁ ଭାରୀ ମା'। ଗୋଟିଏ ଅକ୍ଷର ବିଶିଷ୍ଟ ଏହି ମା' ଶବ୍ଦର ଅର୍ଥ ଓ ପରିଭାଷା ଅସୀମ। ସତରେ ମା' ସବୁବେଳେ ଅନନ୍ୟା।

**-ମୋନାଲୀ ସାହୁ,ଗୃହିଣୀ, ବନମାଳୀପୁର।**



"ମାତୃ ଦିବସ ହେଉଛି ମା'ଙ୍କ ଅସୀମ ତ୍ୟାଗ ଓ ଭଲ ପାଇବାକୁ ସମ୍ମାନ ଦେବାର ଏକ ବିଶେଷ ଦିନ। ମା' ହେଉଛନ୍ତି ଜୀବନର ପ୍ରଥମ ଗୁରୁ ଓ ଆଲୋକର ପ୍ରତୀକ। ମା'ର ଅନାବିଳ ସ୍ନେହଧାରା ଦୁନିଆର ସବୁ ବାଧା ବିଘ୍ନକୁ କାଟି ଅମୃତର ମନ୍ଦାକିନୀ ଧାରା ବହିଆସେ। ମା' ହେଉଛି ଆବେଗ ଓ ମମତାର ପ୍ରତୀକ। ନିଃସ୍ୱାର୍ଥପର ଭଲ ପାଇବାର ସେ ଏକ ସ୍ୱତନ୍ତ୍ର ଚରିତ୍ର। ମାତୃ ଦିବସ ମାଆଙ୍କ ପ୍ରତି ଆମର ଦାୟିତ୍ୱ ଓ ସମର୍ପଣକୁ ମନେ ପକାଇଥାଏ।

**-ଅଙ୍କୁର ଅଭିଳାଷ, ବିଡିଓ, ଖଣ୍ଡପଡ଼ା।**



"ଏକ ସୁସ୍ଥ ସମାଜ ଗଠନରେ ମା'ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଓ ସମାଜ ତଥା ସଂସ୍କାରର ସୁରକ୍ଷା କବଚ। ମୋ ମା'ସବୁଠୁ ସୁନ୍ଦର ଯିଏ ମତେ ଦୁନିଆଠାରୁ ଅଧିକ ଭଲ ପାଏ। ସବୁ କଥା ମୋର କହିବା ଆଗରୁ ବୁଝି ପାରେ। ମାଗିବା ଆଗରୁ ସବୁ ଦେଇ ଦିଏ। ମୋ ଖୁସିରେ ଖୁସି ହୁଏ ଏବଂ ଦୁଃଖରେ ଲୁହ ଝରାଏ। ଯିଏ ମୋଠାରେ ସବୁ ପରିସ୍ଥିତକୁ ସାମନା କରିବାର ଶକ୍ତି ଭରି ଦେଇଛି, ସେ ମୋ ଆଗରେ ଥାଏ ଆଉ ସେ ମୋ ପଛରେ ବି ରହିଥାଏ। ସେ ଆଉ କେହି ନୁହଁ, ମୋର ଜନ୍ମଦାତ୍ରୀ ସେ କୋଟିକରେ ଗୋଟିଏ। ସେ ଏକରେ ଅନେକ। ଆଜିର ଦିବସରେ ତା'ପାଦ ତଳେ ମୋର କୋଟି ପ୍ରଣାମ।

**-ଶ୍ରଦ୍ଧାଞ୍ଜଳି ମହାରଣା, ଗୃହିଣୀ।**

"ଯିଏ ସୁଖ,ଦୁଃଖରେ, ହସ-କାନ୍ଦରେ, ଶୋକ ଯନ୍ତ୍ରଣାରେ ସର୍ବଦା ସାହା ହୋଇଥାଏ ସିଏ ହେଉଛି ମା'। ପ୍ରତିଦିନ ମାତୃ ଦିବସ ହୋଇଥାଏ। କିନ୍ତୁ ବର୍ଷକୁ ଏପରି ଏକ ଦିନ ରହିବା ଭଲ। ଯେତେବେଳେ ଆମେ ମା' ମାନଙ୍କୁ ଆଦର କରିବା ଓ ସେମାନଙ୍କୁ ଅଧିକ ସ୍ୱତନ୍ତ୍ର ଅନୁଭବ କରାଇବା ଉପରେ ଧ୍ୟାନ ଦେଇଥାଉ। ସଂପ୍ରତି ମୁଁ ତହସିଲଦାର ଭାବେ କାର୍ଯ୍ୟରତ ଥାଇ ମଧ୍ୟ ଗୋଟିଏ ଦିନ ଛୁଟି ନ ନେଇ ମୁଁ ବିଚାର ବିଭାଗୀୟ ପରୀକ୍ଷାରେ ଟପ୍ କରିଛି, ଏହା ହେଉଛି ମୋ ମା'ଙ୍କର ମାତୃତ୍ୱର ଅନନ୍ତ ଶକ୍ତି। ଆଜିର ଦିନରେ ପ୍ରାର୍ଥନା କରିବି କି, ସମସ୍ତ ମାତୃତ୍ୱର ଶକ୍ତି ଅନନ୍ତ ଗୁଣିତ ହେଉ।



**-ସୋମେଶ ରଣବିଜୁଳି, ଅତିରିକ୍ତ ତହସିଲଦାର, ଖଣ୍ଡପଡ଼ା**



"ବିଧିର ବିଧାନ ବଡ ବିଡ଼ମ୍ବନା। ଯେଉଁ ମା'ର ମାତୃତ୍ୱ ପିଲାମାନଙ୍କ ପାଇଁ ସଦା ବ୍ୟାକୁଳ, ସେହି ପିଲାମାନେ ଆଜି ମା'ର ଦୁଃଖକୁ ହୃଦୟଙ୍ଗମ କରିପାରୁ ନାହାନ୍ତି। ଏବେ ମା'ମାନଙ୍କ ପ୍ରତି ପୁଅ,ଝିଅମାନେ ନିର୍ଦ୍ଦୟ ଏବଂ ନିଷ୍ଠୁର ଭାବ ଦେଖାଉଛନ୍ତି। ଏବେ ଭାରତ ସରକାର 'ବେଟି ବଚାଓ, ବେଟି ପଢାଓ' ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଏ ସବୁ ଆଇନ ଓ ଯୋଜନା ପୁରୁଷର ଦୁଷ୍ଟ ମାନସିକତା ନିକଟରେ ବନ୍ଧା ପଡି ଯାଇଛି। ସତେ ଯେପରି ଅଲୋଡା ଅଖୋଜା ହୋଇ ପଡିଛି ମାତୃଜାତି। ଆଜିର ଏହି ମହାନ ଦିବସରେ ଏ ପୁରୁଷ ସମାଜ ଚିନ୍ତା କରିବା ଆବଶ୍ୟକ । ମା'ର ତ୍ୟାଗ, ଭଲ ପାଇବା, ସ୍ନେହ, ଶ୍ରଦ୍ଧା, ପ୍ରେମ, ମମତା ବଦଳରେ ତା'ର ପ୍ରାପ୍ୟ କ'ଣ ନିଷ୍ଠୁରତା ?

**-ସଚ୍ଚିଦାନନ୍ଦ ଦାଶ, ପୂର୍ବତନ ସରପଞ୍ଚ, କଣ୍ଟିଲୋ**



"ମା'ର ଅନାବିଳ ସ୍ନେହର ଧାରା ଦୁନିଆର ସବୁ ବାଧାବିଘ୍ନକୁ କାଟି ଅମୃତର ମନ୍ଦାକିନୀ ଧାରା ବହିଆସେ। ମା' ହେଉଛି ଆବେଗ ଓ ମମତାର ପ୍ରତୀକ। ନିଃସ୍ୱାର୍ଥପର ଭଲ ପାଇବାର ସେ ଏକ ସ୍ୱତନ୍ତ୍ର ଚରିତ୍ର। ମା' ମୋର ଆଦର୍ଶ। ଆମ ଜୀବନକୁ ଆଲୋକିତ କରିବା ପାଇଁ ସେ କିପରି ଦୀପ ପରି ସାରା ଜୀବନ ଜଳି ଥାଏ ଓ ସମାଜରେ ଆମ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ନିଜ ଅସ୍ତିତ୍ୱକୁ ଭୁଲି ଆମ ପାଇଁ କର୍ତ୍ତବ୍ୟ କରି ଚାଲିଥାଏ। ସତ କଥା ଆଜି ମୁଁ ଯେଉଁଠି ପହଞ୍ଚିଛି ତାହା ପଛରେ ମୋ ମା'ର ପ୍ରେରଣା ରହିଛି।

**-ଉଜ୍ଜ୍ୱଳ ମହାରଣା, ଶିକ୍ଷାବିତ୍, କଣ୍ଟିଲୋ**

**ପ୍ରସ୍ତୁତି: ଅଜୟ କୁମାର ମହାରଣା,ଖଣ୍ଡପଡ଼ା**

# ଖଣ୍ଡପଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତ




ରାଷ୍ଟ୍ରୀୟ ଲୋକ ଅଦାଲତରେ ସାମିଲ ହୋଇଥିବା ବିଚାରପତି ଓ ଅନ୍ୟମାନେ।

**ଖଣ୍ଡପଡ଼ା,୧୦।୫**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ପକ୍ଷରୁ କୋର୍ଟ କାର୍ଯ୍ୟାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଦେୱାନୀଜଜ୍ ବିଭୂତି ଭୂଷଣ ନାୟକ ଓ ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତସଲିମା ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତରେ ୨୦ଟି ସାଧାରଣ ମାମଲାରୁ ୧୩ ଓ ଅପରାଧିକ ମାମଲା ସମ୍ପର୍କୀତ ୧୨୭ ମାମଲାରୁ ୨୯ଟି ସମାଧାନ କରାଯାଇଛି । ସେହିପରି ଜାତୀୟ କରଣ ବ୍ୟାଙ୍କ ଶାଖାର ୭୫ରୁ ମାମଲାରୁ ୭ଟିର ସମାଧାନ କରାଯାଇ ସେ ବାବଦରେ ୧.୪୬ ଲକ୍ଷ ଟଙ୍କା ଆଦାୟ କରାଯାଇଛି । ସରକାରୀ ଓକିଲ ମନୋଜ କୁମାର ମିଶ୍ର, ସୁଜାତା ବେହେରା, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆଙ୍କ ସମେତ ଖଣ୍ଡପଡ଼ା ଓକିଲ ସଂଘର ସଦସ୍ୟ ଓ ବ୍ୟାଙ୍କ କର୍ମଚାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଦାଲତ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଝିଅର ଜନ୍ମଦିନରେ ୧୦ ଆମ୍ବଚାରା ରୋପଣ



ପରିବାର ଲୋକେ ଝିଅର ଜନ୍ମଦିନରେ ଆମ୍ବଚାରା ରୋପଣ କରୁଛନ୍ତି।

**ଶରଣକୁଳ,୧୦।୫ (ଦୀପକ କର)**

ଶିଶୁ ହେଉଛି ଦେଶର ଭବିଷ୍ୟତ। ବର୍ତ୍ତମାନ ଦିନକୁ ଦିନ ପରିବେଶ ପ୍ରଦୂଷଣ ରୋକିବା କାଠିକର ପାଠ ହୋଇଛି । ଏହା ପରବର୍ତ୍ତୀ ପିଢ଼ି ପାଇଁ ବଡ଼ ସମସ୍ୟା ସୃଷ୍ଟି କରିବ। ତେଣୁ ଚାରା ରୋପଣ କରି ନିଜ ଝିଅର ଜନ୍ମଦିନ ପାଳିଛନ୍ତି ଜଣେ ସୈନିକ । ଶରଣକୁଳ ବ୍ଲକ୍ ହରିହାରପୁର ଗ୍ରାମର ସଞ୍ଜୟ କୁମାର ପ୍ରଧାନ ସୈନ୍ୟବାହିନୀରେ କାମ କରନ୍ତି । ସେ ପରିବେଶ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଥାଆନ୍ତି । ତାଙ୍କ ସ୍ତ୍ରୀ ଦୀପା ପ୍ରଧାନ ଝିଅର ପ୍ରଥମ ଜନ୍ମ ଦିନ ପାଳନ କରିବା ଅବସରରେ ଶନିବାର ଶରଣକୁଳ ନିକଟ ହରିହରପୁର ଗ୍ରୀନ କ୍ଲବର ସଦସ୍ୟମାନଙ୍କ ସହାୟତାରେ ନିକଟସ୍ଥ ପୋଖରୀ ହୁଡ଼ାରେ ୧୦ଟି ଆମ୍ବ ଗଛ ଲଗାଇଥିଲେ। ପରିବେଶ ସୁରକ୍ଷା ପାଇଁ ସମସ୍ତେ ଘରେ କେକ୍ ନ କାଟି ଏଭଳି ଚାରା ରୋପଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ ବୋଲି ଗ୍ରୀନ କ୍ଲବ ସମ୍ପାଦକ କୁମାର ବରାଡ ପରାମର୍ଶ ଦେଇଛନ୍ତି ।

## ସଂକ୍ଷେପରେ

### ଚାଉଳ କଳ ମାଲିକ ସଂଘର ନୂତନ କର୍ମକର୍ତ୍ତା

**ଶରଣକୁଳ,୧୦।୫ (ଦୀପକ କର)**

ଶରଣକୂଳ ନିକଟ ଗୋଡିସାହି ଗେଷ୍ଟ ହାଉସରେ ନୟାଗଧ ଚାଉଳ କଳ ମାଲିକ ସଂଘ କର୍ମକର୍ତ୍ତା ଚୟନ କରାଯାଇଛି। ପି. ବଳେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ନୟାଗଡ଼ ଜିଲାର ୧୫ଟି ଚାଉଳ କଳ ମାଲିକ ଯୋଗ ଦେଇଥିଲେ। ବିଭିନ୍ନ ସମୟରେ ସରକାରଙ୍କ କାର୍ଯ୍ୟଶୈଳୀକୁ ନେଇ ଆଲୋଚନା ହୋଇଥିଲା। ପରାମର୍ଶଦାତା ଭାବେ ସନ୍ତୋଷ କୁମାର ପାତ୍ର ଓ ସଭାପତି ଭାବେ ସର୍ବେଶ୍ୱର ସାହୁ ଚୟନ ହୋଇଥିବା ବେଳେ ରାମେଶ୍ୱର ପାତ୍ର ଉପସଭାପତି, ଗୌରହରୀ ପାଣିଗ୍ରାହୀ ସମ୍ପାଦକ, ଶାଶ୍ୱତ ପଣ୍ଡା ସହ ସମ୍ପାଦକ, ସୁବାସ ଚନ୍ଦ୍ର ନାୟକ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ଏହି କମିଟି ଶାନ୍ତିଶୃଙ୍ଖଳାର ସହିତ କାର୍ଯ୍ୟ କରିବ ବୋଲି କମିଟି କହିଛି ।

### ପୋଲିସ,ବୋମା ନିଷ୍କ୍ରିୟକାରୀ ଦଳର ତନାଘନା

**ନୟାଗଡ଼,୧୦।୫ (ଲୋକନାଥ ମିଶ୍ର)**

ନୟାଗଡ଼ ଟାଉନ ଷ୍ଟେଶନରେ ବୋମା ଆଶଙ୍କା ନେଇ ପୋଲିସ ଓ ବୋମା ନିଷ୍କ୍ରିୟକାରୀ ଦଳ ମିଳିତ ଭାବେ ଶନିବାର ଛାନଭିନ କରିଛନ୍ତି । ଭଦ୍ରକରୁ ଦଶପଲ୍ଲା ଅଭିମୁଖେ ଆସୁଥିବା ଟ୍ରେନ ସମେତ ପୂରା ଷ୍ଟେଶନକୁ ଛାନ୍‌ଭିନ କରାଯାଇଥିଲା। ସେହିପରି ବିଭିନ୍ନ ବସରେ ମଧ ଅନୁରୂପ ଭାବେ ଯାଞ୍ଚ କରାଯାଇଥିଲା। ଭାରତ ପାକିସ୍ତାନ ଯୁଦ୍ଧକୁ ନେଇ ଶନିବାର ନୟାଗଡ଼ ଜିଲାପୋଲି ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇଥିଲା।




କୃତୀ ଛାତ୍ରୀଛାତ୍ରମାନଙ୍କୁ ରାଜ୍ୟପାଳ ପୁରସ୍କୃତ କରୁଛନ୍ତି।

# ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ର ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ

**ଖଣ୍ଡପଡ଼ା,୧୦।୫**
**(ଅଜୟ କୁମାର ମହାରଣା)**

ଭୁବନେଶ୍ୱରଠାରେ ଭାରତ ସ୍କାଉଟ ଓ ଗାଇଡ ପୁରସ୍କାର ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର ସ୍କାଉଟ, ଗାଇଡ ଛାତ୍ରୀଛାତ୍ରମାନଙ୍କୁ ରାଜ୍ୟପାଳ ପୁରସ୍କାର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ସାଇ ପ୍ରସାଦ ସିଂହସାମନ୍ତ ସ୍କାଉଟ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କଠାରୁ ପୁରସ୍କାର ଗ୍ରହଣ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ ଓ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏ ନେଇ ଆନନ୍ଦ ପ୍ରକାଶ କରିଛନ୍ତି।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ଜଣେ ଅଟକ

**ବ୍ରହ୍ମପୁର,୧୦।୫(ସୁବାସ ଚନ୍ଦ୍ର ପାଢ଼ୀ)**

ଜଣକୁ ମାରିବାକୁ ଯାଇ ଅନ୍ୟଜଣେ ଯୁବକଙ୍କୁ ହାଣିଦେଲେ। ଏନେଇ ଅଟକ ଅଭିଯୁକ୍ତଙ୍କୁ ଜେରା ବେଳେ ପୋଲିସ ଜାଣିବାକୁ ପାଇଛି। ନିମଖଣ୍ଡି ପୋଲିସ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ସଲମାନ ଓରଫ ଫେରାଦ ଅଲି ବେଗଙ୍କୁ ଅଟକ ରଖିଛି। ଅନ୍ୟତମ ଅଭିଯୁକ୍ତ ଫେରାର ରହିଥିବା ପୋଲିସ କହିଛି। ସ୍ଥାନୀୟ ବାପୁଜୀ ନଗର ପଞ୍ଚମ ଲାଇନରେ ରହୁଥିବା ଶମ୍ଭୁ ଗୌଡ଼ ଗୁରୁତର ହୋଇ ଏମକେସିଜିରେ ଚିକିତ୍ସାଧୀନ ଅଛନ୍ତି। ବାପୁଜୀ ନଗର ପଞ୍ଚମ ଲାଇନରେ ରହୁଥିବା ଶମ୍ଭୁ ରୁହନ୍ତି। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଏହି ଘରେ ଥିବା ଯୁବକଙ୍କୁ ମାରିବାକୁ ଯାଇ ତାଙ୍କୁ ନ ପାଇ ଶମ୍ଭୁଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ଶମ୍ଭୁ ଆହତ ହୋଇଥିଲେ। ଶମ୍ଭୁଙ୍କ ମାଆ ସୁଷମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ.୧୪୪/୨୫ ରେ ଏକ ମାମଲା ରୁଜୁ ହୋଇଥିଲା।

# ପଟୁଆରରେ ମା'ଙ୍କ ଘଟ ପରିକ୍ରମା

ବୁଗୁଡ଼ା, ୧୦।୫(କାଳିଚରଣଦାଶ): ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା ଶନିବାର ଷୋଡଶ ଦିବସରେ ପହଞ୍ଚିଛି। ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା ସହ ଆଜିର ଯାତ୍ରା କାର୍ଯ୍ୟକ୍ରମ ପାଳିତ ହୋଇଛି। ପଞ୍ଚ ମାନସିକଧାରୀ ମହିଳା ସଙ୍ଗୀତା ପୋଲେଇ, ଶିବାନୀ ବାରିକ, ଟି.ସୁଚିତ୍ରା ପାତ୍ର, ସନ୍ଧ୍ୟାରାଣୀ ପାତ୍ର, କେ.ସାବିତ୍ରୀ ପାତ୍ର ପ୍ରମୁଖ ପଞ୍ଚ ଠାକୁରାଣୀଙ୍କ ଘଟ ଧାରଣ କରି ବାଗଦେବୀ ସାହି, ରଘୁନାଥ ସାହି, ବଳଦେବ ମନ୍ଦିର, ଥାନା ରୋଡ, ହାଇସ୍କୁଲ ଛକ, ନୂଆଁ ବସଷ୍ଟାଣ୍ଡ, ଶକ୍ତିନଗର, ସହ ଅନ୍ୟାନ୍ୟ ସ୍ଥାନ ପରିକ୍ରମା କରି ସ୍ୱଆସ୍ଥାନକୁ ଫେରିଥିଲେ । ଅନ୍ୟପକ୍ଷରେ ସହର ଅନ୍ତର୍ଗତ ବାଗଦେବୀ ସାହିର ଜଗନ୍ନାଥ-ଗଣେଶ ମେଢ, କାଳି ସାହିର ବ୍ୟାଘ୍ରଦେବୀ ମେଢ, ରଘୁନାଥ ସାହିର ଜୟ ଶ୍ରୀରାମ ମେଢ ଓ ଶ୍ରୀ ଜଗନ୍ନାଥ ମେଢ, ରାଧା କୃଷ୍ଣ ଝୁଲଣ ମେଢ, କୁମ୍ଭାର ସାହିର ଶିବ ଲିଙ୍ଗ ମେଢ, ପଥୁରିଆ ସାହିର ରାମ ଅଭିଷେକ ମେଢ, ଖଦାଳ ସାହିର ଜଗନ୍ନାଥ ମେଢ, ନେଳିଆ ବନ୍ଧ ସାହିର ଲକ୍ଷ୍ମୀ ମେଢ, ନୂଆସାହିର କଳ୍କୀ ଅବତାର ମେଢ, ସହ ଅନ୍ୟାନ୍ୟ ମେଢ ପ୍ରଦର୍ଶିତ ହୋଇଥିଲା।



ପଞ୍ଚ ଠାକୁରାଣୀ ଘଟ ପରିକ୍ରମାରେ ଯାଉଛନ୍ତି।

# ୨ ବର୍ଷରେ ୩୩୮୯ ସମ୍ପତ୍ତି ଅପରାଧ ମାମଲା

**ବ୍ରହ୍ମପୁର, ୯।୫ (ସୁବାସ ଚନ୍ଦ୍ର ପାଢ଼ୀ)**

ଅପରାଧ ପ୍ରବଣ ଗଞ୍ଜାମ ଜିଲାରେ ପୂର୍ବଭଳି ବଡ ଧରଣର ଅପରାଧ ଘଟୁ ନାହିଁ। ଗ୍ୟାଙ୍ଗୱାର୍ ପ୍ରାୟତଃ ଥମିଥିବା ବେଳେ ବହୁ ପେସାଦାର ଅପରାଧୀ ଗିରଫ ହୋଇ ଜେଲରେ ଅଛନ୍ତି। କିନ୍ତୁ ଲୋକଙ୍କ ଧନ ସମ୍ପତ୍ତିକୁ ପୋଲିସ ସୁରକ୍ଷା ଦେବାରେ ସେତେଟା ସଫଳ ହୋଇପାରି ନାହିଁ। ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାରେ ଗତ ୨ବର୍ଷ ମଧ୍ୟରେ ମୋଟ ୩ହଜାର ୩୮୯ଟି ସମ୍ପତ୍ତି ଅପରାଧ (ପ୍ରପର୍ଟି ଅଫେନ୍ସ) ମାମଲା ରୁଜୁ ହୋଇଥିବା ଏହାକୁ ସ୍ପଷ୍ଟ କରିଛି।

**ବଢ଼ିଛି ତାଲା ଭାଙ୍ଗି ଚୋରି ଘଟଣା**

୨୦୨୩ରେ ମୋଟ ୧୬୮୩ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ୧୭୦୬ଟି ମାମଲା ରୁଜୁ ହୋଇଛି। କିଛି ମାସ ହେଲା ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାରେ ମଧ ଚୋରି ଘଟଣା ବଢ଼ିଛି। ଲୁଟେରାମାନେ ବିଶେଷ କରି ମନ୍ଦିରକୁ ବାରମ୍ବାର ଟାର୍ଗେଟ କରି ଚାଲିଛନ୍ତି। ଯାହାକି ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି। ଆଇନଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ପାଇଁ ଗଞ୍ଜାମ ଜିଲାକୁ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲାରେ ବିଭକ୍ତ କରାଯାଇଛି। ଗଞ୍ଜାମ ପୋଲିସ ଜିଲାର ପରିସୀମା ଅଧିକ ରହିଛି। ଏହା ଅଧୀନରେ ଗୋଟିଏ ମେରାଇନ ଥାନାକୁ ମିଶାଇ ମୋଟ ୨୮ ଥାନା ରହିଛି। ଗଞ୍ଜାମ ପୋଲିସ ଜିଲାରେ ଥାନା ସଂଖ୍ୟା ଅଧିକ ଥିବା ବେଳେ ଅପରାଧ ଘଟଣା ମଧ୍ୟ ଅଧିକ। ସେହିପରି ବ୍ରହ୍ମପୁର ପୋଲିସ ଜିଲାରେ ଗୋଟିଏ ମେରାଇନ, ଟ୍ରାଫିକ ଓ ମହିଳା ଥାନାକୁ ମିଶାଇ ମୋଟ ୧୬ ଥାନା ରହିଛି। ୨୦୨୩ରେ ଗଞ୍ଜାମ ପୋଲିସ ଜିଲାରେ ୧୪ ଡକାୟତି, ୫୯ ଲୁଟ ରାହାଜାନି, ୧୯୨ ତାଲା ଭାଙ୍ଗି ଚୋରି ଓ ୫୯୭ ଚୋରି ମାମଲା ରୁଜୁ ହୋଇଥିଲା। ସେହିପରି ବ୍ରହ୍ମପୁର ପୋଲିସ ଜିଲାରେ ୨୩ ଡକାୟତି, ୫୯ ଲୁଟ ରାହାଜାନି, ୧୯୪ ତାଲା ଭାଙ୍ଗି ଚୋରି, ୫୪୫ ଚୋରି ମାମଲା ରୁଜୁ ହୋଇଥିଲା। ସେହିପରି ୨୦୨୪ ଗଞ୍ଜାମ ପୋଲିସ ଜିଲାରେ ୧୭ ଡକାୟତି, ୫୬ ଲୁଟ ରାହାଜାନି ଓ ୨୩୪ ତାଲାଭାଙ୍ଗି ଚୋରିଓ ୫୭୮ ଚୋରି ମାମଲା ରୁଜୁ ହୋଇଥିବାବେଳେ ବ୍ରହ୍ମପୁର ପୋଲିସ ଜିଲାରେ ୫ ଡକାୟତି, ୫୮ ଲୁଟ ରାହାଜାନି ଓ ୨୦୩ ତାଲା ଭାଙ୍ଗି ଚୋରି ଓ ୫୫୫ଟି ଚୋରି ମାମଲା ରୁଜୁ ହୋଇଛି।

# ଡାକ୍ତର ରୋଗୀଙ୍କ ପ୍ରତି ସମବେଦନା ରଖିବାକୁ ପରାମର୍ଶ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବ୍ରହ୍ମପୁର,୧୦।୫(ସୁବାସ ଚନ୍ଦ୍ର ପାଢ଼ୀ)**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି)ମେଡିକାଲ କଲେଜ ଓ ହସପିଟାଲ ଏଣ୍ଡୋକ୍ରାଇନୋଲୋଜି ବିଭାଗ ଓ ଡିଓଟିଏଏ ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଡଟକନ-୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଣ୍ଡୋକ୍ରାଇନୋଲୋଜି ବିଭାଗ ମୁଖ୍ୟ ତଥା ଏହି ଜାତୀୟ ସମ୍ମିଳନୀର ସାଂଗଠନିକ ଅଧ୍ୟକ୍ଷ ପ୍ରଫେସର ଡା. ପି ରବି କୁମାରଙ୍କ ତତ୍ତ୍ୱାବଧାନରେ ଏମକେସିଜିର ନୂତନ ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ସମ୍ମିଳନୀରେ ଜମ୍ମୁକାଶ୍ମୀର ଏମ୍ସ ନିର୍ଦ୍ଦେଶକ ପ୍ରଫେସର ଡା. ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ ଉପସ୍ଥିତ ଡାକ୍ତର, ଡାକ୍ତରୀ ବିଦ୍ୟାର୍ଥୀ ଓ ଗବେଷକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ପୂର୍ବରୁ ଏଣ୍ଡୋକ୍ରାଇନୋଲୋଜିକୁ ନେଇ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେତେଟା ଆଗ୍ରହ ନଥିବା ବେଳେ ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ଡାକ୍ତରୀ ଛାତ୍ରୀଛାତ୍ର ବିଭିନ୍ନ ସମ୍ମିଳନୀ, ଆଲୋଚନାଚକ୍ରରେ ଅଂଶଗ୍ରହଣ କଲେ ନୂତନ ଜ୍ଞାନ ଆହୋରଣ କରିବେ ବୋଲି କହିଥିଲେ । ସେହିପରି ଡାକ୍ତରମାନେ ରୋଗୀଙ୍କ ପ୍ରତି ସମବେଦନା ଭାବ ରଖିବା ଉଚିତ ବୋଲି ପ୍ରଫେସର ମହାନ୍ତି ପରାମର୍ଶ ଦେଇଥିଲେ। ସମ୍ମିଳନୀରେ କଟକର ଏସସିବି ମେଡିକାଲ କଲେଜ ଓ ହସପିଟାଲ ଏଣ୍ଡୋକ୍ରାଇନୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ସୁଧିରରଞ୍ଜନ ପଟ୍ଟନାୟକ, ଏମକେସିଜି ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ । ଦେଶରେ ଉଦବେଗଜନକ ଭାବେ ଏହି ରୋଗସବୁ ବୃଦ୍ଧି ପାଉଛି। ଦେଶର ୯ ପ୍ରତିଶତ ଲୋକ ମଧୁମେହରେ ପିଡିତ ଥିବା ବେଳେ ୧୨ ପ୍ରତିଶତ ଲୋକ ମେଦବହୁଳତା ଓ ଗଳଗଣ୍ଡକ ରୋଗରେ ପିଡିତ ରହିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବିଶେଷଜ୍ଞମାନେ ମଧୁମେହ, ମେଦବହୁଳତା ଓ ଗଳଗଣ୍ଡକ ରୋଗର ଚିକିତ୍ସା ପଦ୍ଧତି ବିଷୟରେ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ ।

# ଶ୍ରୀଜୀଉଙ୍କ ଚାଟେରୀ ଭୋଗ ପରମ୍ପରା ଆରମ୍ଭ

**ଖଣ୍ଡପଡ଼ା,୧୦।୫**
**(ଅଜୟ କୁମାର ମହାରଣା)**

ଶନିବାର ଠାକୁରମାନେ ରାତିରେ ଚାପ ଶେଷ କରିବା ପରେ ମଣିବିମାନରେ ଆରୁଢ ହୋଇଥିଲେ । ଏହାପରେ ସେହି ମଣିବିମାନ ବାଟଭାଙ୍ଗି ଯାତ୍ରାପଦା ବଜାର, ହାଟମୁଣ୍ଡପାଟଣା ଆଦି ସାହି ପରିକ୍ରମାକରି ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଫଳରେ ଠାକୁରଙ୍କ ପାରମ୍ପରିକ ଚାଟେରୀ ପରମ୍ପରା ଅନୁଷ୍ଠିତ ହେବ ବୋଲି ନିଶ୍ଚିତ ହୋଇଛି।

ଅକ୍ଷୟ ତୃତୀୟାଠାରୁ ଠାକୁରମାନେ ମନ୍ଦିରରୁ ବାହାରି ସିଂହଦ୍ୱାର ଠାରୁ ମେଡିକାଲ ଛକ ଦେଇ ଚନ୍ଦନ ପୁଷ୍କରିଣୀକୁ ଜଳକ୍ରୀଡା ନିମନ୍ତେ ବିଜେ ହୋଇଥାଆନ୍ତି। ରାତି ଚାପ ପରେ ପୁନର୍ବାର ସେହି ରାସ୍ତା ଦେଇ ମନ୍ଦିରକୁ ଫେରିଥାଆନ୍ତି । ମାତ୍ର ପରମ୍ପରା ଅନୁସାରେ ୧୧ଚାପ ଠାରୁ

**ବାଟ ଭାଙ୍ଗି ଠାକୁର ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କଲେ**

ଠାକୁର ବାଟ ଭାଙ୍ଗିବାର ପରମ୍ପରା ରହିଛି। ଶନିବାର ଠାରୁ ଠାକୁର ବିଭିନ୍ନ ସାହି ପରିକ୍ରମା କରି ଭଁଉରୀ ପର୍ଯ୍ୟନ୍ତ ଚାଟେରୀ ଭୋଗ ଲାଗି ହେବେ । ସୂଚନାଯୋଗ୍ୟ, ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ ପୂଜାନୀତି ପୁରୀ ଶ୍ରୀମନ୍ଦିର ପୂଜାନୀତି ଭଳି ପାଳିତ ହୋଇଥାଏ । ଶ୍ରୀ ନୀଳମାଧବ ଜୀଉଙ୍କ ଦ୍ୱାଦଶ ଯାତ୍ରା ମହୋତ୍ସବ ମଧ୍ୟରୁ ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ଚନ୍ଦନ ଯାତ୍ରା ଓ ଜ୍ୟେଷ୍ଠ ମାସରେ ଅନୁଷ୍ଠିତ ହେଉଥିବା ପବିତ୍ର ଚମ୍ପକ ଦ୍ୱାଦଶୀ ପର୍ବ ପରମ୍ପରା ଅନ୍ୟତମ। ଏହି ସବୁ ପବିତ୍ର ପର୍ବରେ ଠାକୁର ପ୍ରତି ଘରର ଦୂଆର ମୁହଁରେ ବିଜେ ହୋଇ ଚାଟେରୀ ଭୋଗ ଖାଇବା ପରମ୍ପରା ଅନ୍ୟ କେଉଁଠି ଦେଖିବାକୁ ମିଳେନା । ମାତ୍ର କଣ୍ଟିଲୋସ୍ଥିତ ଶ୍ରୀ ନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନମୋହନ ଚନ୍ଦନ ଯାତ୍ରାରେ ଗ୍ରାମ ପରିକ୍ରମା କରି ପ୍ରତି ଘର ଦୁଆରେ ଭୋଗ ଲାଗ ବିଜେ ହୁଅନ୍ତି ଓ ଶୁଦ୍ଧପୁତ ଭାବେ ବ୍ରାହ୍ମଣଙ୍କ ଦ୍ୱାରା ପ୍ରସ୍ତୁତ ମିଷ୍ଟାନ ଭୋଗ ପୂଜା ହୁଏ। ଗୃହସ୍ଥ ଓ ତାଙ୍କର ସମସ୍ତ ପରିବାର ସେଦିନ ଉପବାସ ରହି ଠାକୁରଙ୍କ ଆଗମନକୁ ଅପେକ୍ଷା କରିଥାଆନ୍ତି। ମନ୍ଦିରରେ ଠାକୁରଙ୍କୁ ଯେଉଁଭଳି ନୀତିରେ ଆଳତୀ, ସପ୍ତାଙ୍ଗ ଆଳତୀ କରି ପୂଜାର୍ଚ୍ଚନା ହୁଏ ଠିକ୍ ସେହି ପଦ୍ଧତିରେ ନିଜ ଦୁଆରେ ପୂଜା ହୋଇଥାଏ। ପୂଜା ଶେଷରେ ସଧବା ମହିଳାମାନେ ଭକ୍ତି ସହକାରେ ଆସି ବିମାନରେ ଆରୁଢ ଠାକୁରମାନଙ୍କୁ ହୁଳହୁଳି ଦେଇ ବନ୍ଦାପନା କରିଥାଆନ୍ତି। ପୂଜକମାନେ ଭକ୍ତ ଦୁଆରେ ବଢା ହୋଇଥିବା ଅମୁଣିଆଁ(ଭୋଗ)କୁ ପୂଜା କରିବା ନିମନ୍ତେ ଆସନ ଶୁଦ୍ଧିଠାରୁ ଅର୍ଘ୍ୟ ସଂସ୍କାର ପର୍ଯ୍ୟନ୍ତ ସଂପନ୍ନ କରି ଗୋପାଳ ଅଷ୍ଟାଦଶାକ୍ଷର ମନ୍ତ୍ରରେ ଧୂପ ଦୀପ ଦେଇ ପୂଜା କରିଥାଆନ୍ତି । ଶେଷରେ ଅରାତ୍ରିକ କର୍ପୂର, ସପ୍ତାଳତୀ, ପୁଷ୍ପାଳୀ ଅର୍ଚ୍ଚନା କରାଯାଇଥାଏ । ଦୁଆରେ ପୂଜା ହୋଇଥିବା ଭୋଗକୁ ନିଜ ନିଜ ବନ୍ଧୁ, ପରିଜନଙ୍କୁ ଯିଏ ଯେତେ ଦୂରରେ ଥାଆନ୍ତୁ ନା କାହିଁକି ପଠାଯାଇଥାଏ । ଯଦି ବନ୍ଧୁଙ୍କ ପାଖକୁ ଏହି ଚାଟେରୀ ଭୋଗ ନ ଯାଏ, ତେବେ କିଛି ଅନିଷ୍ଟ ଘଟିବାର ଆଶଙ୍କା କରାଯାଏ । ଏପରିକି ଏ ଭୋଗ ଟିକେକ ପାଇଁ ବନ୍ଧୁତ୍ୱ କଟିଯାଏ। ଏହି ପରମ୍ପରା କାହିଁ କେତେ କାଳରୁ ପ୍ରଚଳିତ ହୋଇ ଆସିଛି ତାହାର ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ।

## ଦେଶ ସୁରକ୍ଷାରେ ନିୟୋଜିତ ପୁଅବୋହୂଙ୍କ ପାଇଁ ପ୍ରାର୍ଥନା କରୁଛୁ



ଅପରେଶନ 'ସିନ୍ଦୂର'କୁ ନେଇ ଭାରତୀୟ ସେନା ସଶସ୍ତ୍ର ଭାବେ ସୀମା ସୁରକ୍ଷାରେ ନିୟୋଜିତ ରହିଛନ୍ତି। ଗୋଳାବାରୁଦର ବର୍ଷାକୁ ଖାତିର ନ କରି ଦେଶମାତୃକାର ସେବାରେ ନିୟୋଜିତ ରହିଥିବା ପୁଅବୋହୂଙ୍କ ପାଇଁ ଏବେ ସାଇବାବାଙ୍କ ଶରଣରେ ପ୍ରାର୍ଥନା କରୁଛନ୍ତି ବୋଲି କହିଛନ୍ତି ମୟୂରଭଞ୍ଜ ଜିଲା ବାରିପଦା ପାଲବଣି ଅଞ୍ଚଳର ବିଜୁଳି ମିଶ୍ର। ରାଜସ୍ଥାନର ବିକାନେର୍ ସୀମାରେ ନିୟୋଜିତ ପୁଅ ରବୀନ୍ଦ୍ର ନାଥ ମିଶ୍ର ଓ ବୋହୂ ଅଞ୍ଜୁ ମିଶ୍ରଙ୍କ ଦୀର୍ଘାୟୁ ପାଇଁ ସେ ପୂଜାର୍ଚ୍ଚନା କରୁଛନ୍ତି। ପୁଅ ସୈନିକ ଭାବେ ଦେଶ ସୁରକ୍ଷାରେ ରହିଥିବା ବେଳେ ବୋହୂ ସ୍ୱାସ୍ଥ୍ୟସେବାରେ ନର୍ସିଂ ଅଫିସର ଭାବେ ରହି ସେବା ଯୋଗାଉଛନ୍ତି। ପୁଅ ବୋହୂଙ୍କ ମଙ୍ଗଳ କାମନା ପାଇଁ ସାଇବାବାଙ୍କ ପାଖରେ ପୂଜାପାଠ କରୁଛନ୍ତି। ଦେଶ ସେବାରେ ନିୟୋଜିତ ସମସ୍ତ ସୈନିକ ବିଜୟୀ ହୁଅନ୍ତୁ। କେବଳ ତାଙ୍କ ପୁଅ ନୁହେଁ, ଦେଶର ସମସ୍ତ ମା'ଙ୍କ ପୁଅ ବିଜୟୀ ହୋଇ ଆସିବାକୁ ଠାକୁରଙ୍କ ନିକଟରେ ସେ ପ୍ରାର୍ଥନା କରୁଛନ୍ତି। ବିଜୟର ଟିକା ପିନ୍ଧାଇବା ପାଇଁ ସମସ୍ତ ମା' ପ୍ରସ୍ତୁତ ହୋଇ ରହିଛନ୍ତି। ଭାରତମାତାର ସୁରକ୍ଷାକରି ପୁଅ ବିଜୟୀ ହେଲେ ପ୍ରତ୍ୟେକ ମା' ପାଇଁ ଗର୍ବର ବିଷୟ ବୋଲି ବିଜୁଳି କହିଛନ୍ତି।

**- ବିଜୁଳି ମିଶ୍ର, ସୈନିକଙ୍କ ମା', ବାରିପଦା**

## ଅଖଣ୍ଡ ଦୀପ ଜାଳୁଛୁ



ଦେଶର ସୁରକ୍ଷା ପାଇଁ ତାଙ୍କର ଏକମାତ୍ର ପୁଅ ସୀମାରେ ପାକିସ୍ତାନ ସେନା ଓ ଆତଙ୍କବାଦୀଙ୍କ ସହ ଲଢ଼େଇ କରୁଥିଲା। ଏହା ତାଙ୍କ ପାଇଁ ଗର୍ବର ବିଷୟ। ଯୁଦ୍ଧରେ ବିଜୟ ପାଇଁ ପରିବାର ପକ୍ଷରୁ ଅଖଣ୍ଡ ଦୀପ ଜାଳିବା ସହ ସବୁବେଳେ ଭଗବାନଙ୍କୁ ପ୍ରାର୍ଥନା କରୁଛୁ ବୋଲି କହିଛନ୍ତି ଭାରତୀୟ ସେନାରେ କାର୍ଯ୍ୟରତ ଥିବା ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବୋଡ଼କ ମହାଜୀବୀ ଗ୍ରାମର ଗୌରାଙ୍ଗ ପ୍ରଧାନ(୩୫)ଙ୍କ ବାପା ଭାଗୀରଥି ପ୍ରଧାନ। ପୁଅ ପଞ୍ଜାବ ସୀମାରେ ନିୟୋଜିତ ଅଛନ୍ତି। ସେ ସବୁବେଳେ ଟିଭି ସାମ୍ନାରେ ବସି ରହି ଯୁଦ୍ଧର ସ୍ଥିତି ସମ୍ବନ୍ଧୀୟ ଖବର ଦେଖନ୍ତି। ଏପରିକି ଖାଇବା ବେଳେ ମଧ୍ୟ ଟିଭି ସାମ୍ନାରେ ବସି ଖାଆନ୍ତି। ରାତିରେ ନିଦ ଭାଙ୍ଗିଲେ ବି ଯୁଦ୍ଧର ସ୍ଥିତି କ'ଣ ଅଛି ଜାଣିବାକୁ ଟିଭି ଖୋଲି ବସନ୍ତି। ଅସ୍ତ୍ର ବିରତି ହେବା ଶୁଣି ଟିକେ ଖୁସି ଲାଗିଲା। ହେଲେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ ଆଶଂକା ବଢ଼ାଇଛି। ତେବେ ଦେଶମାତୃକାର ସୁରକ୍ଷା ପାଇଁ ପ୍ରାର୍ଥନା କରୁଛୁ।

**-ଭାଗୀରଥି ପ୍ରଧାନ, ସେନାରେ କାର୍ଯ୍ୟରତ ଗୌରାଙ୍ଗ ପ୍ରଧାନଙ୍କ ବାପା**

## ପୁଅ ଦେଶ ସେବା କରୁଥିବାରୁ ଆମେ ଗର୍ବିତ

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ଗ୍ରାମର ସତ୍ୟନାରାୟଣ ସିଂହ ଏବଂ ଶାନ୍ତିଲତା ସିଂହଙ୍କ ବଡ଼ ପୁଅ ସତ୍ୟବ୍ରତ ସିଂହ(୩୪) ସେନାରେ କାର୍ଯ୍ୟରତ ଅଛନ୍ତି। ସେ ୨୦୧୩ରୁ ଇଣ୍ଡିଆନ ଆର୍ମିରେ ଯୋଗଦେଇଥିଲେ। ପ୍ରଥମେ ମଧ୍ୟପ୍ରଦେଶ ପରେ ଦିଲ୍ଲୀ, ଆସାମ, ରାଜସ୍ଥାନରେ ନିୟୋଜିତ ହେବା ପରେ ବର୍ତ୍ତମାନ ପଞ୍ଜାବର ଚଣ୍ଡିଗଡ଼ରେ କାର୍ଯ୍ୟରତ ଅଛନ୍ତି। ତେବେ ବର୍ତ୍ତମାନ ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତିକୁ ଲକ୍ଷ୍ୟ କରି ଦିନ ରାତି ୨୪ ଘଣ୍ଟା ସଜାଗ ଅଛନ୍ତି ସତ୍ୟବ୍ରତ। ଶୁକ୍ରବାର ଅପରାହ୍ନ ୪ଟା ସମୟରେ ସତ୍ୟବ୍ରତଙ୍କ ସହିତ ତାଙ୍କ ମା'ବାପା ମାତ୍ର ୫ ମିନିଟ୍ କଥା ହୋଇଥିଲେ। ବର୍ତ୍ତମାନ ଚଣ୍ଡିଗଡ଼ରେ ବ୍ଲାକ୍ ଆଉଟ ଘୋଷଣା



ଏବଂ ଆକାଶମାର୍ଗରୁ ପାକିସ୍ତାନର କେତେକ ଡ୍ରୋନ୍‌କୁ ଭାରତୀୟ ସେନା ଖସାଇଥିବା କଥା ଯବାନ କହିଥିଲେ। ତେବେ ପୁଅ ଭାରତୀୟ ସେନାରେ ଯୋଗଦେଇ ଦେଶ ସେବା କରୁଥିବାରୁ ନିଜକୁ ଗର୍ବିତ ମନେକରୁଥିବା ସତ୍ୟବ୍ରତଙ୍କ ମା' ବାପା କହିଛନ୍ତି। ଏଥିସହ ଦେଶ ପାଇଁ ଯୁଦ୍ଧ କରୁଥିବା ଅନ୍ୟ ସୈନିକ ତଥା ପୁଅଙ୍କ ପାଇଁ ମଙ୍ଗଳକାମନା କରୁଛୁ ବୋଲି ସତ୍ୟବ୍ରତଙ୍କ ମା' ବାପା କହିଥିଲେ। ଦେଶ ପାଇଁ ଯୁଦ୍ଧ କରି ଭଲରେ ପୁଅ ଘରକୁ ଫେରୁ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି ବୋଲି ମା' ଶାନ୍ତିଲତା କହିଛନ୍ତି।

**- ଶାନ୍ତିଲତା ସିଂହ ଓ ସତ୍ୟନାରାୟଣ ସିଂହ, ସୈନିକଙ୍କ ମା'ବାପା, ମୋରଡ଼ା**

## ଘରେ ରୋଷେଇ ହେଉଛି, ଆମେ ଖାଇପାରୁନାହୁଁ

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ୍ ଗୁମ୍ମାଗଡ଼ ଗ୍ରାମର କୁଞ୍ଜ ବିହାରୀ କହଁର ପହଲଗାମ୍‌ରେ ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଅଛନ୍ତି। ଏନେଇ ତାଙ୍କ ପତ୍ନୀ କହିଛନ୍ତି, ସ୍ୱାମୀ କଶ୍ମୀରର ପହଲଗାମ୍‌ରେ କାର୍ଯ୍ୟରତ ଅଛନ୍ତି। ଆଗରୁ ଫୋନରେ କଥା ହେଉଥିଲେ। ଏବେ ଆଉ ସମ୍ଭବ ହେଉନାହିଁ। ଦିନକୁ ୨ ମିନିଟ୍‌ରୁ କମ୍ ସମୟ କଥା ହେଉଛନ୍ତି। କଥା ହେବା ପାଇଁ ସୁଯୋଗ ଦିଆଯାଉନାହିଁ। ଆମେ ଫୋନ କଲେ ଉତ୍ତର ମିଳୁନାହିଁ। ସେପଟୁ କେତେବେଳେ କେମିତି ଫୋନ କରୁଛନ୍ତି। ଗତ ଶୁକ୍ରବାର ରାତିରେ ତାଙ୍କ କ୍ୟାମ୍ପ ଉପରେ ପାକିସ୍ତାନ ହମଲା କରିଛି। ସୌଭାଗ୍ୟ ବଶତଃ ତାଙ୍କର କିଛି ହୋଇନାହିଁ। ପୁଅ ନବମରେ ଏବଂ ଝିଅ ପ୍ରଥମରେ ପଢ଼ୁଛନ୍ତି। ସେମାନେ ଖାଲି ବାପାଙ୍କ କଥା ପଚାରୁଛନ୍ତି। ଆମେ ଭୟଭୀତ ଅବସ୍ଥାରେ ରହୁଛୁ। ଘରେ ରୋଷେଇ ହେଉଛି, କିନ୍ତୁ ଆମେ ଖାଇ ପାରୁନାହୁଁ। ଭଗବାନଙ୍କ ପାଖରେ ପ୍ରାର୍ଥନା ଯୁଦ୍ଧ ବନ୍ଦ ହେଉ, ସେ ଭଲରେ ଘରକୁ ଫେରି ଆସନ୍ତୁ।



କୁଞ୍ଜ ବିହାରୀ କହଁର

**- କୁମୁଦିନୀ ଦେହୁରୀ, ଫୁଲବାଣୀ**

## ଦେଶ ମାତୃକା ପାଇଁ ଲଢ଼ିବାକୁ ଶପଥ ନେଇଛି



ମୋର ଏକମାତ୍ର ପୁଅ ସୁରଜ କୁମାର ରାଉତ କଶ୍ମୀରରେ ସୀମା ସୁରକ୍ଷା ବଳ ଯବାନ ଭାବେ କାର୍ଯ୍ୟରତ। ଯୁଦ୍ଧ କଥା ଶୁଣିବା ପରେ ସବୁଦିନ ତାଠାରୁ ସୀମା ପରିସ୍ଥିତି କଥା ବୁଝୁଛି। ଯାହାବି ହେଉ ଦେଶ ମାତୃକା ପାଇଁ ଲଢ଼ିବାକୁ ଶପଥ ନେଇଛି। ଆଉ ଅଧିକ କିଛି ଭାବୁନାହିଁ। ଗ୍ରାମଦେବତୀ ମା' କୁଲେଇଶୁଣୀ ଓ ଭାଗବତ ଗୋସେଇଁଙ୍କ ପାଖରେ ପ୍ରାର୍ଥନା କରୁଛି। ବିଜୟୀ ହୋଇ ଭଲରେ ଘରକୁ ଫେରୁ ବୋଲି କହିଛନ୍ତି କଟକ ସଦର ବ୍ଲକ ଅଧୀନ କନ୍ଦରପୁରର ପଞ୍ଚାୟତ ଅଥଙ୍ଗାର ଯବାନ ସୁରଜ କୁମାର ରାଉତଙ୍କ ମା' ପ୍ରମିଳା ରାଉତ।

**- ପ୍ରମିଳା ରାଉତ, ସୀମା ସୁରକ୍ଷା ବଳ ଯବାନଙ୍କ ମା'**

## ଘରେ ହନୁମାନ ଚାଳିଶା ପାଠ ଚାଲିଛି



ସ୍ୱାମୀ ରମାକାନ୍ତ ସର୍ବଭାରତୀୟ ସେନାରେ କାର୍ଯ୍ୟକରି ଜମ୍ମୁ-କଶ୍ମୀର ଅଞ୍ଚଳରେ ପୋଷ୍ଟିଂ ହୋଇଛନ୍ତି। ଜାଣିବାକୁ ପାଇଲି ସୀମାରେ ରହିଛନ୍ତି। ଛୁଟିରେ ଘରକୁ ଆସିଥିଲେ। ଫୋନ ପାଇ ଚାକିରିକୁ ଚାଲିଗଲେ। ଶାଶୁ ସବୁବେଳେ କାନ୍ଦୁଛନ୍ତି। ଘରେ ହନୁମାନ ଚାଳିଶା ପାଠ ଚାଲିଛି। ଦେଶ ପାଇଁ ଲଢ଼ୁଥିବାରୁ ମନରେ ସାହସ ଆସୁଛି। ଦେଶବାସୀ ଯବାନଙ୍କ ପଛରେ ରହିଥିବାରୁ କୌଣସି ଦୁଃଖ ଆସୁନାହିଁ ବୋଲି କହିଛନ୍ତି କଟକ ସଦର ବ୍ଲକ ଅଧୀନ କନ୍ଦରପୁରର ପଞ୍ଚାୟତ ସିଦ୍ଧେଶ୍ୱରପୁର ଗାଁର ଯବାନ ରମାକାନ୍ତଙ୍କ ସ୍ତ୍ରୀ ବୈଜୟନ୍ତୀ ସୁର।

**- ବୈଜୟନ୍ତୀ ସୁର, କନ୍ଦରପୁର**

## ପୁଅର ମଙ୍ଗଳ ସହ ଭାରତର ବିଜୟ କାମନା କରୁଛୁ

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମପଞ୍ଚାୟତ ବାଘୁଆ ଗ୍ରାମର ଅକ୍ଷୟ କୁମାର ଦାଶ ଜମ୍ମୁସ୍ଥିତ ପ୍ରତିରକ୍ଷା ବିଭାଗର ଗୋଳାବାରୁଦ ଡିପୋରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ମା'ଙ୍କ ଦେହ ଅସୁସ୍ଥ ଥିବାରୁ ଗତ ୩ ତାରିଖଠାରୁ ୧ମାସ ପର୍ଯ୍ୟନ୍ତ ଛୁଟିରେ ଆସିଥିଲେ। ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଦୃଷ୍ଟିରୁ ଏବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କ ପରିବାର ଭୟରେ ରହିଛନ୍ତି। ମା' ଅନ୍ନପୂର୍ଣ୍ଣା ଓ ବାପା କ୍ଷେତ୍ରମୋହନ ଦାଶ ପୁଅର ମଙ୍ଗଳ କାମନା କରିବା ସହ ଭାରତର ବିଜୟ କାମନା କରିଛନ୍ତି। ସେହିପରି ବାଘୁଆ ଗ୍ରାମର ପ୍ରକାଶ କୁମାର ବିଶ୍ୱାଳ ଭାରତୀୟ ସ୍ଥଳସେନା ବିଭାଗରେ ରାଜସ୍ଥାନଠାରେ ଜଣେ ସୈନିକ ଭାବେ କାର୍ଯ୍ୟରତ। ଘରକୁ ଛୁଟିରେ ଆସିବାର ଥିଲେ ମଧ୍ୟ ସାମ୍ପ୍ରତିକ ପରିସ୍ଥିତିରେ ତାଙ୍କର ଛୁଟି ବାତିଲ ହୋଇଯାଇଛି। ଘରେ ଅସୁସ୍ଥ ବାପା ରମେଶ ଚନ୍ଦ୍ର ବିଶ୍ୱାଳ ଓ ମା' ମନୋରମା ବିଶ୍ୱାଳ ଓ ତାଙ୍କ ପରିବାର ଭୟଭିତରେ ଥିଲେ ମଧ୍ୟ ପୁଅର ମଙ୍ଗଳ କାମନା କରିଛନ୍ତି।

**- ଅକ୍ଷୟ କୁମାର ଦାଶଙ୍କ ମା'ବାପା**

## ଆଶ୍ୱାସନା ପାଉଛନ୍ତି ପରିବାର ଲୋକେ

ଦେଶମାତୃକା ପାଇଁ ଲଢେଇ କରିବାର ସଂକଳ୍ପ ନେଇ ଯୁଦ୍ଧ କ୍ଷେତ୍ରକୁ ବାହାରି ଯାଇଛନ୍ତି। ସେମାନଙ୍କ ଦୈନନ୍ଦିନର ଖବର ପାଇବା ପାଇଁ ଚାତକ ଭଳି ଚାହିଁ ରହିଛନ୍ତି ସେମାନଙ୍କ ପରିବାର ଲୋକେ। କିଛି ଗଣମାଧ୍ୟମର ଖବର ଅତିରଞ୍ଜିତ ହୋଇଥିବାରୁ ବେଳେବେଳେ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡୁଥିବା ଚୌଦ୍ୱାର ତଳବଜାର ବେହେରା ସାହିର ସୁବେଦାର ସଞ୍ଜୟ ବେହେରାଙ୍କ ସ୍ତ୍ରୀ ସୁରେଖା ବେହେରା ପ୍ରକାଶ କରିଛନ୍ତି। ସଞ୍ଜୟ ୧୯୯୭ରେ ସେଣ୍ଟ୍ରାଲ ରିଜର୍ଭ



ପୋଲିସରେ ଯବାନ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ସଞ୍ଜୟ ଶ୍ରୀନଗରର କୁପ୍‌ୱାରାରେ ପୋଷ୍ଟିଂ ଥିଲେ ମଧ୍ୟ ଯୁଦ୍ଧପାଇଁ ବର୍ତ୍ତମାନ ଡଗ୍‌ସ୍କ୍ୱାଡ୍ ଟିମ୍ ଲିଡର ଭାବେ ଶ୍ରୀନଗରର ଗୁର୍‌ଗାଁଓରେ କାର୍ଯ୍ୟରତ। ତାଙ୍କର ୨ପୁତ୍ରରୁ ବରୁଣ ଯୁକ୍ତ ୩ରେ ପାଠ ପଢୁଥିବା ବେଳେ ଅରୁଣ ଦଶମ ପାଠ ପଢୁଛନ୍ତି। ବାପାଙ୍କ ପାଇଁ ୨ପୁତ୍ର ଯେତିକି ଗର୍ବିତ ସେତିକି ଚିନ୍ତିତ ମଧ୍ୟ। ସ୍ତ୍ରୀ ସୁରେଖା ଓ ସାନ ଭାଇ ମଙ୍ଗରାଜଙ୍କ କହିବାନୁଯାୟୀ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସବୁଦିନ ପ୍ରାୟ ଦିନକୁ ୨ଥର ପରିବାର ସହିତ ସଞ୍ଜୟ ଯୋଗାଯୋଗରେ ଅଛନ୍ତି। ଶନିବାର ସକାଳେ ମଧ୍ୟ ସ୍ତ୍ରୀଙ୍କ ସହିତ ଫୋନରେ କଥା ହୋଇଥିବା ବେଳେ କଥାଛଳରେ ତାଙ୍କ ରେଜିମେଣ୍ଟର କିଛି ଯବାନ ଆହତ ହୋଇଥିବା କଥା ଶୁଣି ସୁରେଖା ଓ ତାଙ୍କ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ପାକିସ୍ତାନ -ଭାରତ ଆକ୍ରମଣରେ ଅଧିକ ପ୍ରତିହିଂସା ପରାୟଣ ହୋଇଥିବା ସେ ପ୍ରକାଶ କରିଥିଲେ। ହେଲେ ସୁରେଖା ସଞ୍ଜୟଙ୍କ ମନୋବଳ ବଢ଼ାଇବା ପାଇଁ ଆଶ୍ୱାସନା ଦେବା ସହିତ ଘରର ସମସ୍ତ ସଦସ୍ୟ ଠାକୁରଙ୍କୁ ପ୍ରାର୍ଥନା କରିବା ସହିତ ସଞ୍ଜୟଙ୍କ ପାଇଁ ବିଭିନ୍ନ ମନ୍ଦିରରେ ମାନସିକ ରଖିଥିବା କହିଥିଲେ। ଯୁଦ୍ଧ ପାଇଁ ପରିବାରବର୍ଗଙ୍କ ମାନସିକ ସ୍ଥିତି ଭଲ ନ ଥିବା ଓ ଯେତେଶୀଘ୍ର ପାକିସ୍ତାନକୁ କଡାଜବାବ ଦେଇ ଗତ ଫେବୃୟାରୀରୁ ଘର ଛାଡି ଯାଇଥିବା ସଞ୍ଜୟ ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଭଲରେ ଘରକୁ ଫେରି ଆସିବାକୁ ଅପେକ୍ଷା କରିଥିବା ସେ ପ୍ରକାଶ କରିଛନ୍ତି।

**- ସୁବେଦାର ସଞ୍ଜୟ ବେହେରାଙ୍କ ସ୍ତ୍ରୀ ସୁରେଖା**

## ୨ଭାଇଙ୍କ ପାଇଁ ପରିବାର ଗର୍ବିତ

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୨ କାଳୀ ମନ୍ଦିର ପଡ଼ାର ସ୍ୱର୍ଗତ ଝୁନୁ ପ୍ରଧାନ ଓ କବି ପ୍ରଧାନଙ୍କ ବଡ଼ପୁଅ ରଞ୍ଜନ ଏବଂ ସାନପୁଅ ନିଲାଞ୍ଚଳ ଭାରତୀୟ ସେନାବାହିନୀରେ କାର୍ଯ୍ୟରତ। ସେମାନେ ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିର୍ବାହ କରୁଛନ୍ତି। ତେବେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଉଭୟ ଭାଇଙ୍କ ସମେତ ଦେଶର ସଫଳତା ପାଇଁ ଘରେ ଗତ ୮ଦିନ ହେଲା ପୂଜାପାଠ ଚାଲିଥିଲା। ଯୁଦ୍ଧ ସ୍ଥିତିକୁ ନେଇ ପରିବାର ଲୋକେ ଆଦୌ ବିଚଳିତ ନୁହଁନ୍ତି, ବରଂ ବହୁତ ଗର୍ବ ଅନୁଭବ କରୁଛନ୍ତି ବୋଲି ମଝିଆ ଭାଇ ସିଲୁ କହିଛନ୍ତି।



ନିଲାଞ୍ଚଳ ପ୍ରଧାନ



ରଞ୍ଜନ କୁମାର ପ୍ରଧାନ

୨୦୧୩ ମସିହାରୁ ସେ ସେନାବାହିନୀରେ ଯୋଗଦେଇଥିବା ନିଲାଞ୍ଚଳ ଶ୍ରୀନଗର କୁପୁକୁଡ଼ା ଏଏମସି(ଆର୍ମି ମେଡ଼ିକାଲ କ୍ରୋପ୍)ରେ କାର୍ଯ୍ୟରତ ଅଛନ୍ତି। ଏଠାରେ ତାଙ୍କ ସ୍ତ୍ରୀ ସୁନୀତା ଏବଂ ଶିଶୁପୁତ୍ର ନିଶାନ୍(୩ବର୍ଷ) ଅଛନ୍ତି। ଗତ ଡିସେମ୍ବର ମାସରେ ଧନୁଯାତ୍ରା ଚାଲିଥିବାବେଳେ ଦେଢ଼ମାସର ଛୁଟି ନେଇ ସେ ଘରକୁ ଆସିଥିଲେ। ପୁଣି ଆସିବା ପାଇଁ ସେ ଛୁଟି ମାଗିଥିଲେ ଏବଂ ଶନିବାର(୧୦।୫।୨୦୨୫) ଘରକୁ ଆସିବାର ଥିଲା। ମାତ୍ର ଭାରତ-ପାକିସ୍ଥାନ ଉତ୍ତେଜନା ମଧ୍ୟରେ ତାଙ୍କ ଛୁଟି ବାତିଲ୍ ହୋଇ ଯାଇଥିଲା। ଗତ ୪ଦିନ ତଳେ ସୀମାବର୍ତ୍ତୀ ଅଞ୍ଚଳରେ ଉଡୁଥିବା ପାକିସ୍ଥାନ ଝଣ୍ଡାକୁ ଓଲଟାଇ ଦେଇଥିଲୁ ଏବଂ ଯୁଦ୍ଧକ୍ଷେତ୍ରରେ ପାକିସ୍ଥାନ ବହୁତ ପଛରେ ଅଛି ବୋଲି ବୋଲି ଶୁକ୍ରବାର ଫୋନ୍‌ଯୋଗେ ସାନଭାଇ ନିଲାଞ୍ଚଳ ତାଙ୍କୁ କହିଥିଲେ ବୋଲି ସିଲୁ ପ୍ରକାଶ କରିଛନ୍ତି।

ସେହିପରି ବଡ଼ଭାଇ ରଞ୍ଜନ ୨୦୧୭ ମସିହାରୁ ସଶସ୍ତ୍ର ସୀମାବଳ(ଏସଏସବି)ରେ ଯୋଗ ଦେଇଛନ୍ତି। ଉତ୍ତର ପ୍ରଦେଶର ଗୋରେଖପୁରରେ ସେ ପ୍ରଥମେ ଅବସ୍ଥାପିତ ଥିଲେ। ଏବେ ବିହାରର ମୁଜାଫରନଗରରେ କାର୍ଯ୍ୟରତ ଅଛନ୍ତି। ଡାକରା ଆସିଲେ ଯୁଦ୍ଧକ୍ଷେତ୍ରକୁ ଯିବା ଲାଗି ପ୍ରସ୍ତୁତ ବୋଲି ରଞ୍ଜନ ତାଙ୍କୁ କହିଥିବା ସିଲୁ କହିଛନ୍ତି। ରଞ୍ଜନଙ୍କ ସ୍ତ୍ରୀ ରେଶ୍ମା ଓ ଶିଶୁପୁତ୍ର ଆୟୁଷ୍ମାନ(୫ବର୍ଷ) ଏଠାରେ ଅଛନ୍ତି। ତେବେ ଦୁଇ ଭାଇଙ୍କ ପାଇଁ ବହୁତ ଗର୍ବ ଅନୁଭବ କରିଥାଉ। ତେବେ ଯୁଦ୍ଧ ବନ୍ଦ ହେବା ଖବର ପାଇଁ ଖୁସି ଲାଗୁଛି ବୋଲି ସିଲୁ କହିଛନ୍ତି।

## ସେନାରେ ୩ ଭାଇ

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ବରପଲ୍ଲୀ ଗ୍ରାମର ଗୋଟିଏ ପରିବାରର ୩ ଭାଇ ସେନାରେ କାର୍ଯ୍ୟରତ ଅଛନ୍ତି। ଗ୍ରାମର ବାଉରୀ ବନ୍ଧୁ ଗୌଡ଼ଙ୍କ ୩ ପୁଅ ଯଥା ପ୍ରେମାନନ୍ଦ, ପ୍ରମୋଦ ଓ ନିତ୍ୟାନନ୍ଦ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଭାରତୀୟ ସେନାରେ କାର୍ଯ୍ୟରତ ଅଛନ୍ତି। ଏଭଳି ସ୍ଥିତିରେ ଭଗବାନ୍ ହିଁ ଭରସା ବୋଲି କହିଛନ୍ତି ତାଙ୍କ ପରିବାର। ସେହିପରି ସେହି ଗ୍ରାମର ଗଣପତି ତରାଇଙ୍କ ୪ ପୁଅ ମଧ୍ୟରୁ ୨ ପୁଅ ଶିବାନନ୍ଦ ଓ ବିଶ୍ୱନାଥ ମଧ୍ୟ ସେନାରେ କାର୍ଯ୍ୟରତ ଅଛନ୍ତି। ଉକ୍ତ ପରିବାର ମଧ୍ୟ ଏହି ଯୁଦ୍ଧ ଖବର ଶୁଣି ମର୍ମାହତ। ପିଲାମାନଙ୍କ ତଥା ଦେଶର ମଙ୍ଗଳ ପାଇଁ ପ୍ରତ୍ୟେକ ଦିନ ଠାକୁରଙ୍କୁ ଡାକୁଥିବା ସେ କହିଛନ୍ତି। ଗଞ୍ଜାମ ଅଞ୍ଚଳର ସୀମାନ୍ତ ଅଞ୍ଚଳରେ ସେନାରେ ଥିବା ନାରାୟଣ ତରାଇଙ୍କ ପୁଅ ବିପିନ ତରାଇଙ୍କ ସହ ଫୋନରେ ଯୋଗାଯୋଗ କରିବାରୁ ସେ କେଉଁଠି ଅଛନ୍ତି ସେନେଇ କୌଣସି ସୂଚନା ଦେବାକୁ ତାଙ୍କ କମାଣ୍ଡର ବାରଣ କରିଛନ୍ତି। ତେବେ ଯୁଦ୍ଧ ବିରତି ଘୋଷଣା ହୋଇଥିଲେ ବି ଭୟ ମନରୁ ଯାଇନି ବୋଲି ସେ କହିଛନ୍ତି।

### ଅନ୍ୟାନ୍ୟ ଖବର

# ଆତଙ୍କବାଦର କୌଣସି ଧର୍ମ ନାହିଁ: ରାଜ୍ୟପାଳ

## ଆଜି ପରାକ୍ରମ ଶୋଭାଯାତ୍ରାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୧୦।୫(ସୁନିତ୍ ମିଶ୍ର)**

ଆତଙ୍କବାଦର କୌଣସି ଧର୍ମ ନାହିଁ କି ହିଂସାର କିଛି ଶାସ୍ତ୍ର ନ ଥାଏ ବୋଲି ରାଜ୍ୟପାଳ ହରିବାବୁ କମ୍ଭମପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପହଲଗାମ୍‌ରେ ସମ୍ପ୍ରତି ଘଟିଯାଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ଘଟଣାକ୍ରମ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଗୋଷ୍ଠୀର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ୨୬ ନିରୀହ ଲୋକଙ୍କ ଜୀବନ ନେଇଥିବା ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ଗଭୀର ଦୁଃଖ ପ୍ରକାଶ କରି ରାଜ୍ୟପାଳ କହିଛନ୍ତି, ଏହା କେବଳ ନିରୀହ ନାଗରିକଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଭାରତର ଧାରଣା, ଆମର ଏକତା, ଗଣତନ୍ତ୍ର ଏବଂ ଶାନ୍ତି ଉପରେ ପ୍ରହାର। ସଶସ୍ତ୍ର ବାହିନୀ 'ଅପରେଶନ ସିନ୍ଦୂର' ଆରମ୍ଭ କରିଛି, ଯେଉଁଥିରେ ସୀମାପାର ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରି ଠିକ୍ ଆକ୍ରମଣ କରାଯାଇଛି। ଆମର ସାହସୀ ସୈନିକମାନେ ସାର୍ବଭୌମତ୍ୱକୁ ରକ୍ଷା କରିବାକୁ ଯାଇ ଆଗଧାଡ଼ିରେ ଛିଡ଼ାହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମେ ସମସ୍ତେ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡ଼ାହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି, ଆତଙ୍କବାଦ ମାନବତା ବିରୋଧରେ ଏକ ଯୁଦ୍ଧ। ଯେତେବେଳେ ଦେଶକୁ ଆବଶ୍ୟକତା ପଡ଼େ, ସେତେବେଳେ ସମସ୍ତେ କିପରି ଏକାଠି ହୁଅନ୍ତି ବୋଲି ଅବତାରଣା କରିବା ସହ ଅବଦୁଲ ହମିଦ୍‌ଙ୍କ ସାହସିକତା ଏବଂ ବଳିଦାନର ଉଦାହରଣ ଦେଇଥିଲେ। ଭାରତୀୟ ଭାବେ ଆମର ସର୍ବୋତ୍ତମ ପରିଚୟ ରହିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି କହିବା ସହ ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜର କର୍ତ୍ତବ୍ୟ ନିଭାଇବାକୁ ସେ ଆହ୍ୱାନ ଜଣାଇଛନ୍ତି। ଅନ୍ୟପଟେ ଅପରେଶନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମକୁ ସମ୍ମାନ ଜଣାଇବା ଲାଗି ରବିବାର ମୁଖ୍ୟମନ୍ତ୍ରୀ ଏକ ଶୋଭାଯାତ୍ରାର ଶୁଭାରମ୍ଭ କରିବେ। ଏହି ପରାକ୍ରମ ଶୋଭାଯାତ୍ରା କଳିଙ୍ଗ ଷ୍ଟାଡିୟମଠାରୁ ବାହାରିବ ବୋଲି ସୂଚନା ଦିଆଯାଇଛି।

## ଜିଲାପାଳ, ଆର୍‌ଡିସି, ଆଇପିଏସ୍ ଅଫିସରଙ୍କ ଛୁଟି ବାତିଲ

**ଭୁବନେଶ୍ୱର, ୧୦।୫(ସୁନିତ୍ ମିଶ୍ର)**

ଦେଶରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତିକୁ ନେଇ ରାଜ୍ୟର ସବୁ ଜିଲାପାଳ, ଆର୍‌ଡିସିଙ୍କ ଛୁଟି ବାତିଲ କରିଦିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସବୁ ଜିଲାପାଳ ଏବଂ ଆର୍‌ଡିସିଙ୍କୁ ଚିଠି ମଧ୍ୟ କରାଯାଇଛି। ଯୁଦ୍ଧ ବନ୍ଦ ନେଇ ଏକ ପ୍ରକାର ଘୋଷଣା ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଜିଲାପାଳ, ଆର୍‌ଡିସିମାନଙ୍କ ଲାଗି ଜାରି ଚିଠିକୁ ପରିବର୍ତ୍ତନ କରାଯାଇ ନାହିଁ। ଚିଠିରେ ଉଲ୍ଲେଖ ରହିଛି, ଦେଶରେ ଯୁଦ୍ଧ ହେବା ଭଳି ପରିସ୍ଥିତି ଉପୁଜିଥିବାରୁ ଜିଲାପାଳ, ଆର୍‌ଡିସିମାନଙ୍କ ଛୁଟି ଯାହା ଅନୁମୋଦିତ ହୋଇଥିଲା ତାହା ବାତିଲ କରିଦିଆଯାଇଛି। ଯେଉଁମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ ଆସି କାର୍ଯ୍ୟରେ ଯୋଗଦେବା ଲାଗି କୁହାଯାଇଛି। ଆର୍‌ଡିସିମାନଙ୍କୁ ଏସବୁ ଭଲରେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗୃହ ବିଭାଗ ପକ୍ଷରୁ ଆଉ ଏକ ଚିଠି ଜାରିକରି ଆଇପିଏସ୍ ଅଫିସରମାନଙ୍କ ଛୁଟିକୁ ମଧ୍ୟ ବାତିଲ କରିଦିଆଯାଇଛି। ଦେଶରେ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଆଇପିଏସ୍ ଅଫିସରମାନଙ୍କୁ କୌଣସି ଛୁଟି ମିଳିବ ନାହିଁ। କୌଣସି ଆଇପିଏସ୍ ଅଫିସର ମୁଖ୍ୟାଳୟ ଛାଡ଼ି ନ ଯିବା ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଭାରତୀୟ ଯବାନଙ୍କ ପାଇଁ ବିଜେଡିର ତ୍ରିରଙ୍ଗା ଯାତ୍ରା

**ଭୁବନେଶ୍ୱର, ୧୦।୫(ସୁନିତ୍ ମିଶ୍ର)**

ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଛି। ଏହାପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯଦିଓ ବର୍ତ୍ତମାନ ସ୍ଥିତିରେ ଯୁଦ୍ଧ ବନ୍ଦ ନେଇ ଉଭୟ ଦେଶ ମଧ୍ୟରେ ସହମତି ପ୍ରକାଶ ପାଇସାରିଛି, ହେଲେ ଆଉ ଥରେ ଏନେଇ ଆସନ୍ତା ୧୨ ତାରିଖରେ ଘୋଷଣା ହେବ ବୋଲି ମଧ୍ୟ ଏମ୍‌ଇଏ ପକ୍ଷରୁ କୁହାଯାଇଛି। ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ନେଇ ବିଜେଡି ପକ୍ଷରୁ ଶନିବାର ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଭୁବନେଶ୍ୱର ଜିଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବିଶାଳ ଶୋଭାଯାତ୍ରା ରାଜମହଲ ଛକଠାରୁ ବାହାରି ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପାକିସ୍ତାନ ବିରୋଧରେ ବିଜେଡି ନେତା ଓ କର୍ମୀମାନେ ସ୍ଲୋଗାନ ଦେଇଥିଲେ। ଭାରତୀୟ ଯବାନମାନଙ୍କ ମନୋବଳ ବଢ଼ାଇବା ଲାଗି ମାଷ୍ଟରକ୍ୟାଣ୍ଟିନଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତାମାନଙ୍କ ମଧ୍ୟରେ ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଦିବ୍ୟଶଙ୍କର ମିଶ୍ର, ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।




# ୧,୯୨,୦୦୩ ମାମଲା ଫଇସଲା

**୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ**

## ୧୩୦,୮୦,୨୮,୧୨୬ ଟଙ୍କା ଆଦାୟ

**କଟକ, ୧୦।୫(କାର୍ତ୍ତିକ ସାହୁ)**

ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ ସୂଚୀ ଅନୁଯାୟୀ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ସମସ୍ତ ଜିଲାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ୩୦ ଜିଲା କୋର୍ଟ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, କଟକସ୍ଥିତ ଖାଉଟି ବିବାଦ ସମାଧାନ ଆୟୋଗ ଏବଂ ଭୁବନେଶ୍ୱରସ୍ଥିତ ଶିଳ୍ପ ଟ୍ରିବ୍ୟୁନାଲରେ ଲୋକ ଅଦାଲତ ସମାପନ ହୋଇଛି। ସାରା ରାଜ୍ୟରେ ମୋଟ ୧,୯୨,୦୦୩ଟି ମାମଲାର ଆପୋସ ଫଇସଲା ହୋଇଛି। ଏଥିସହ ୧୩୦ କୋଟି ୮୦ ଲକ୍ଷ ୨୮ ହଜାର ୧୨୬ ଟଙ୍କା କ୍ଷତିପୂରଣ ଓ ଅନ୍ୟାନ୍ୟ ବାବଦକୁ ଆଦାୟ ହୋଇଛି।

ସୂଚନାନୁସାରେ, ବିଭିନ୍ନ ଅଦାଲତରେ ବିଚାର ପାଇଁ ପଡ଼ି ରହିଥିବା ୧୫,୯୮୭ ମାମଲା, ରାଜସ୍ୱ ମାମଲା ୧,୬୯,୩୮୨ ଏବଂ ପ୍ରାକ ମକଦ୍ଦମାସ୍ତରୀୟ ବିବାଦ ୬,୬୩୪ଟିର ଆପୋସ ସମାଧାନ କରାଯାଇଛି। ତନ୍ମଧ୍ୟରେ ଫୌଜଦାରି ୨୬୬, ଏନ୍‌ଆଇ ଆକ୍ଟରେ ୯୮୧, ଅର୍ଥ ଆଦାୟ ୪୫୨, ମୋଟର ଯାନ ଦୁର୍ଘଟଣା କ୍ଷତିପୂରଣ ଦାବି ୫୯୭, ଶ୍ରମ ବିବାଦ ୨୦, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୧୧, ବୈବାହିକ/ପାରିବାରିକ ବିବାଦ ୪୭୫, ଜମି ଅଧିଗ୍ରହଣ ୮, ରାଜସ୍ୱ ଅଧିକାରୀଙ୍କ ନିକଟରେ ପଡ଼ି ରହିଥିବା ମାମଲା ୧,୬୯,୩୮୨, କ୍ୱାସି ବିଚାର ବିଭାଗୀୟ ଅଧିକାରୀଙ୍କ ନିକଟରେ ପଡ଼ି ରହିଥିବା ଆଇପିଆର/ଖାଉଟି ଓ ଅନ୍ୟାନ୍ୟ ମାମଲା ୧୬, ଅନ୍ୟାନ୍ୟ ଦେୱାନୀ ୧୫୧୮, ଅନ୍ୟାନ୍ୟ ଫୌଜଦାରି ୧୧,୬୩୨, ଋଣ ଆଦାୟ ଟ୍ରିବ୍ୟୁନାଲ ୬ ଓ ରାଜ୍ୟ ଖାଉଟି ବିବାଦ ଆୟୋଗରେ ୫ଟି ମାମଲା ଫଇସଲା ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରୋନ୍-ଇନ୍-ଚିଫ୍ ଜଷ୍ଟିସ ହରିଶ ଟଣ୍ଡନ, ହାଇକୋର୍ଟର ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି।



ଶୁକ୍ରବାର ରାତିରେ ପାକିସ୍ତାନର ଗୁଳିଗୋଳା ମାଡ଼ରେ ଜମ୍ମୁ ଉପକଣ୍ଠ ବଣ୍ଡଲାବ ଗ୍ରାମର ଏକ ଘର ଧ୍ୱସ୍ତ ହୋଇଯାଇଛି।



ପାକିସ୍ତାନର ଡ୍ରୋନ୍ ଆକ୍ରମଣରେ ଶୁକ୍ରବାର ରାତିରେ ଜମ୍ମୁର ରେହାରି ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ଆବାସିକ କୋଠାଗୁଡ଼ିକ ନିକଟରେ ଉପସ୍ଥିତ ଲୋକେ।



ଭାରତ-ପାକିସ୍ତାନ ମଧ୍ୟରେ ଶୁକ୍ରବାର ରାତିରେ ଗୁଳିଗୋଳା ବର୍ଷଣ ଜୋର୍‌ଦାର ହୋଇଥିବାବେଳେ ରାଜସ୍ଥାନର ଜୈସାଲମର ଅଞ୍ଚଳରେ ପଡ଼ିଥିବା ସନ୍ଦିଗ୍ଧ ଯୁଦ୍ଧ ସାମଗ୍ରୀକୁ ଜଣେ ସୁରକ୍ଷା କର୍ମୀ ଶନିବାର ଯାଞ୍ଚ କରୁଛନ୍ତି।



ପାକିସ୍ତାନର ଡ୍ରୋନ୍ ଆକ୍ରମଣକୁ ଶୁକ୍ରବାର ରାତିରେ ଭାରତର ସଶସ୍ତ୍ର ବଳ ବିଫଳ କରିଦେବା ପରେ ଘଟିଥିବା ବିସ୍ଫୋରଣ ଯୋଗୁ ପଞ୍ଜାବର ଗୁରୁଦାସପୁର ନିକଟ ରାଜୁବେଲା ଛିଛରନ ଗ୍ରାମର ଏକ କୃଷି କ୍ଷେତରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି।



ପାକିସ୍ତାନର ଗୁଳିଗୋଳା ବର୍ଷଣରେ ଶୁକ୍ରବାର ରାତିରେ ଜମ୍ମୁ-କଶ୍ମୀରର ରାଜୌରୀର ଏକ ଘର ଓ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି।



ଗୁଜରାଟର କଚ୍ଛ ଅଞ୍ଚଳରୁ ସୁରକ୍ଷା କର୍ମୀମାନେ ଜବତ କରିଥିବା ସନ୍ଦିଗ୍ଧ ଯୁଦ୍ଧ ଅସ୍ତ୍ର ଭଗ୍ନାବଶେଷକୁ ଶନିବାର ଜବତ କରାଯାଇଛି।



ଭାରତର ଏସ୍-୪୦୦ ଦ୍ୱାରା ଶୁକ୍ରବାର ରାତିରେ ପାକିସ୍ତାନୀ ଡ୍ରୋନ୍ ଧ୍ୱସ୍ତ ହୋଇଥିବାବେଳେ ସେଥିରେ ଥିବା ବିସ୍ଫୋରକ ସାମଗ୍ରୀ ଅମୃତସର ଉପକଣ୍ଠ ଜନବସତିରେ ପଡ଼ିଛି।



ପାକିସ୍ତାନର ସିଆଲକୋଟ୍‌ସ୍ଥିତ ଆତଙ୍କବାଦୀ ଲଞ୍ଚପ୍ୟାଡ୍‌କୁ ଶୁକ୍ରବାର ରାତିରେ ବିଏସ୍‌ଏଫ୍ ପକ୍ଷରୁ ଧ୍ୱଂସ କରିଦିଆଯାଇଛି।



ଶୁକ୍ରବାର ରାତିରେ ପାକିସ୍ତାନୀ ସେନାର ମୋର୍ଟାର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲା ମେନ୍ଧର ସେକ୍ଟର ଅନ୍ତର୍ଗତ ବେହରା ଗ୍ରାମର ଏକ ଘରଛାତ।



ପାକିସ୍ତାନର ଗୁଳିଗୋଳା ଆକ୍ରମଣରେ ଶୁକ୍ରବାର ରାତିରେ ଜମ୍ମୁର ଜାକିର ହୁସେନ ନିହତ ହୋଇଥିବାବେଳେ ମୃତଦେହ ନିକଟରେ ତାଙ୍କ ଆତ୍ମୀୟସ୍ୱଜନ।

# ପଟ୍ଟାମୁଣ୍ଡାଇ କେନାଲ ପୋତି ରାସ୍ତା ନିର୍ମାଣ

ପଟ୍ଟାମୁଣ୍ଡାଇ, ୧୦।୫ (କଳ୍ପତରୁ ନାୟକ)


ପଟ୍ଟାମୁଣ୍ଡାଇ କେନାଲକୁ ପୋତି ରାସ୍ତା ନିର୍ମାଣ କରାଯାଉଛି।

■ କେନାଲ ଅଛି, ପାଣି ଆସୁନି
■ ଜଳ କର ଦେଇ ଚାଷୀ ହନ୍ତସନ୍ତ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ କେନାଲକୁ ପୋତି ସେଥିରେ କଂକ୍ରିଟ ୱାଲ କରି ରାସ୍ତା ନିର୍ମାଣ କରାଯାଉଛି। ଯାହାକୁ ସାଧାରଣରେ ନାପସନ୍ଦ କରାଯାଉଛି। କେନାଲ ଜଳ ପରିଚାଳନା ତ୍ରୁଟି ଯୋଗୁ ବହୁବର୍ଷ ହେଲା ଡାଲୁଅ ଧାନ କି ତରଭୁଜ ଓ ପନିପରିବା ଚାଷ ହୋଇପାରୁନାହିଁ। ଯାହା ଶାରଦ ଧାନ ହେଉଛି ସେଥିରେ ବର୍ଷକ ଗୁଜରାଣ ମେଣ୍ଟୁନାହିଁ। ଅଞ୍ଚଳରେ ବହୁ କ୍ଷୁଦ୍ର ଚାଷୀ ଅଛନ୍ତି। ସ୍ୱଳ୍ପ ଜମିରେ ଶାରଦ ଧାନ ଚାଷ କରୁଛନ୍ତି। ଏଥିପାଇଁ ସହାୟତା କି ପ୍ରୋତ୍ସାହନ ମିଳୁନାହିଁ। ଯଦି ୧୨ ମାସ କେନାଲ ଜଳ ସୁବିଧା କରାଯାଏ ତେବେ ଅଧିକ ଚାଷ କରିପାରନ୍ତୁ ଏବଂ ବହୁ ଲୋକ ଉପକୃତ ହୋଇପାରନ୍ତେ ବୋଲି ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ଚାଷୀମାନେ କହିଛନ୍ତି।

ଚାଷୀ ମୂଲିଆ ସଙ୍ଗଠନ ଆବାହକ ଭାସ୍କର ରାଉତରାୟ କହିଛନ୍ତି, ବ୍ରିଟିଶ ସମୟରୁ ଚାଷୀମାନଙ୍କ ଉନ୍ନତି ପାଇଁ କେନାଲ ଦ୍ୱାରା ପାଣି ଜମିକୁ ପହଞ୍ଚା ଯାଉଥିଲା। ସେବେଠାରୁ ଉତିକଣ ଅଞ୍ଚଳରେ ୩ ଫସଲି ହେଉଥିଲା। ହେଲେ ୧୦ବର୍ଷ ହେଲାଣି ଚାଷୀଙ୍କୁ କେନାଲ ପାଣି ମିଳୁନି। ପଟ୍ଟାମୁଣ୍ଡାଇ ଓ ଏହାର ଆଖପାଖ କେନାଲରେ ବର୍ଷାଦିନ ଛାଡ଼ି ଅନ୍ୟଦିନରେ ଶୁଖିଲା ରହୁଛି। ଫଳରେ ୧ ଫସଲି ବ୍ୟତୀତ ଅନ୍ୟ ଚାଷ କାମ ଆଗେଇ ପାରୁନି। ଏପଟେ ଜଳ ନ ପାଇ ଜଳକର ଦେଇ ଚାଷୀ ହନ୍ତସନ୍ତ ହେଉଛନ୍ତି। ଚାଷ ଉପରେ ନିର୍ଭର କରୁଥିବା ଚାଷୀଙ୍କ ଦୁଃଖ ବୁଝିବାକୁ କେହିନାହାନ୍ତି। ନବଦିଗନ୍ତ ସଙ୍ଗଠନ ସମ୍ପାଦକ ପ୍ରକାଶ ମହାନ୍ତି କହିଛନ୍ତି, ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳକୁ ଅବିଭକ୍ତ କଟକ ଜିଲାର ଭାତହାଣ୍ଡି ବୋଲି କୁହାଯାଏ। ଅଞ୍ଚଳର ଅଧିକାଂଶ ଚାଷଜମିକୁ ଏବେ ଜଳ ପରିଚାଳନା ହୋଇପାରୁ ନ ଥିବାରୁ ଚାଷୀମାନେ ଆବଶ୍ୟକ ସମୟରେ ଜଳସେଚନ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଚାଷୀ ଚାଷ ପ୍ରତି ବିମୁଖ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କୃଷକ ରଞ୍ଜିତ ପ୍ରଧାନ କହିଛନ୍ତି, ୨୦୨୪ ନିର୍ବାଚନ ବେଳେ ଭୋଟରମାନଙ୍କୁ ନିଜ ସପକ୍ଷରେ ଆଣିବାକୁ ବିଭିନ୍ନ ରାଜନୈତିକ ଦଳ କୃଷି ଓ କୃଷକ ସମସ୍ୟା ନିର୍ବାଚନର ମୁଖ୍ୟ ପ୍ରସଙ୍ଗ କରିଥିଲେ। ବ୍ରାହ୍ମଣୀ ଓ ଗୋବରୀରେ ଲିଫ୍ଟ ବସାଇ ଉତିକଣ ଅଞ୍ଚଳକୁ ୧୨ ମାସି ଜଳ ପରିଚାଳନା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ବିଧାନସଭାରେ ଏଥିପ୍ରତି କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। କୃଷକ ନେତା ବିଜୟ ଦାସ କହିଛନ୍ତି, ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସରକାର ଜଳସମ୍ପଦ ବିଭାଗ ଖୋଲିଛନ୍ତି। ଏ ନେଇ ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ବିଭାଗ ପକ୍ଷରୁ ଠିକ୍ ଆକଳନରେ କେନାଲ ନବୀକରଣ ଓ ଉନ୍ନତୀକରଣ କାର୍ଯ୍ୟକରୁନାହାନ୍ତି। ହେଲେ ଜଳସମ୍ପଦ ବିଭାଗ କେନାଲ ରାସ୍ତା ନବୀକରଣ ଓ ମରାମତି କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ରାସ୍ତା କାମ ପାଇଁ କେନାଲ ପୋତି ହୋଇ ସଙ୍କୁଚିତ କରାଯାଉଛି। ଫଳରେ ଜଳସେଚନ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହୋଇ ହଜାରରୁ ଊର୍ଦ୍ଧ୍ୱ ଏକର ଜମି ପଡ଼ିଆ ପଡୁଥିବା ବେଳେ ଅନେକ ଫସଲ ନଷ୍ଟ ହେଉଛି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ କେନାଲ ଓ ଶାଖା କେନାଲ ଦେଇ ଉତିକଣ ଭେଡ଼ାକୁ ଜଳସେଚିତ ହୋଇଥାଏ। ଦୁଇ ଦଶନ୍ଧି ପୂର୍ବରୁ ଏହି କେନାଲରେ ୧୨ ମାସ ପାଣି ରହିବା ସହ ଉତିକଣ ଅଞ୍ଚଳରେ ୩ ଫସଲି ଚାଷ ହେଉଥିଲା। ଲୋକେ ଶାରଦ ଫସଲକୁ ନିଜ ପାଇଁ ରଖି ଡାଲୁଅ ଧାନ ଓ ଅନ୍ୟ ଫସଲ ବିକ୍ରି କରୁଥିଲେ। ମାତ୍ର ଏବେ କେନାଲ ପାଣି ବର୍ଷାଦିନେ ଜମିରେ ପହଞ୍ଚି ପାରୁନାହିଁ। ଚାଷ ଉପରେ ନିର୍ଭରଶୀଳ ଲୋକଙ୍କ ଲାଗି ସରକାରୀ ସ୍ତରରେ ଏ ପର୍ଯ୍ୟନ୍ତ ସେଭଳି କିଛି ଆଖିଦୃଶିଆ କାର୍ଯ୍ୟ ହେଉନାହିଁ। ଏ ଦିଗରେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକତା ନ ଥିବା ଭଳି ମନେହେଉଛି। ନିର୍ବାଚନ ଆସେ ଆଉ ଯାଏ କିନ୍ତୁ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଏ। ନବ ନିର୍ମାଣ କୃଷକ ସଙ୍ଗଠନର ଦାଶରଥି ଦାସ କହିଛନ୍ତି, ଜଳସେଚନ ପାଇଁ ପଟ୍ଟାମୁଣ୍ଡାଇରେ ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ଚାଷୀମାନଙ୍କ ଚାଷ ଜମି ଅନେକ ସମୟରେ ମରୁଡ଼ିର ସମ୍ମୁଖୀନ ହେଉଛି। ଉଠା ଓ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଚାଷଜମି ଜଳସେଚିତ କରିବାକୁ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ତେବେ ରାଜ୍ୟ ସରକାର ପ୍ରତି ବ୍ଲକରେ ୩୫ ପ୍ରତିଶତ ଚାଷଜମିକୁ ଜଳସେଚନ କରିବାକୁ ଦୁଇ ଦଶନ୍ଧି ତଳେ ଲକ୍ଷ୍ୟ ରଖିଥିବାବେଳେ ତାହା ପୂରଣ ହୋଇନାହିଁ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସୁନୀଲ ନାୟକଙ୍କୁ ପଚାରିବାରେ ଉପରୁ ଯାହା ନିର୍ଦ୍ଦେଶ ଆସୁଛି ସେପରି କାର୍ଯ୍ୟ ହେଉଛି ବୋଲି ସେ କହିଛନ୍ତି।

# ଲୋକ ଅଦାଲତ: ୨୪୩୩ ମାମଲା ଫଇସଲା


କେନ୍ଦ୍ରାପଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତି ଏବଂ ଅନ୍ୟମାନେ।

କେନ୍ଦ୍ରାପଡ଼ା, ୧୦।୫(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୋଟ ୨,୪୩୩ଟି ମାମଲାର ଫଇସଲା ହୋଇ ୨,୧୯,୧୪୭,୧୨୫ ଟଙ୍କା ଜରିମାନା ଆଦାୟ ପାଇଁ ରାୟ ପ୍ରକାଶ ପାଇଛି। ଏଥିମଧ୍ୟରୁ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲାରୁ ୧,୩୭,୬୦,୫୦୦ ଟଙ୍କା ଆଦାୟ ହୋଇଛି। ଚେକ୍ ବାଉନ୍ସ ମାମଲା ୩୫ଟି, ଟଙ୍କା ପୁନରୁଦ୍ଧାର ମାମଲା ୧୭ଟି, ରାଜସ୍ୱ ବିଭାଗର ୧୭୫୬ ମାମଲା ଆଦିର ଫଇସଲା ହୋଇଥିଲା। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ପ୍ରଜ୍ଞା ପାରମିତା ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ମାମଲାଗୁଡ଼ିକୁ ପରିବାର ଅଦାଲତ ଜଜ୍ ଦେବାଶିଷ ପଣ୍ଡା, ସିଜେଏମ୍ ସରିତା ମହାନ୍ତି, ଜଜ୍ ଅନ୍ନପୂର୍ଣ୍ଣା ନାୟକ, ଡିଏଲ୍ଏ ସୁମିତ୍ରା ସାହୁଙ୍କ ସମେତ ଜିଲାର ବିଭିନ୍ନ କୋର୍ଟରେ ଥିବା ଜଜ୍ ପ୍ରମୁଖ ବିଚାର କରିଥିଲେ।

# ଉଚ୍ଚସ୍ୱର ବାଜା, ବାଣ ଉପରେ କଟକଣା ଦାବି

ପଟ୍ଟାମୁଣ୍ଡାଇ,୧୦।୫ (କଳ୍ପତରୁ ନାୟକ)

ଜମ୍ମୁ କଶ୍ମୀରର ଅନନ୍ତନାଗ ଜିଲା ପହଲଗାମରେ ଏପ୍ରିଲ ୨୨ରେ ପାକିସ୍ତାନ ଦ୍ୱାରା କରାଯାଇଥିବା ବର୍ବର ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ଭାରତ ନେଇଛି। ଅପରେଶନ 'ସିନ୍ଦୂର' ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏହାରି ମଧ୍ୟରେ ଭାରତ ସରକାର ଦେଶର ଜନତାଙ୍କୁ ଜାଗ୍ରତ କରିବା ନେଇ ୨୪୪ ଜିଲାରେ ଯୁଦ୍ଧ ପ୍ରସ୍ତୁତି ପାଇଁ ମକ୍ ଡ୍ରିଲ୍ କରାଇଥିଲେ। ଓଡ଼ିଶାର ୧୨ ଜିଲା ମଧ୍ୟରୁ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇରେ ମଧ ମକଡ୍ରିଲ କରା ଯାଇଥିଲା। ମାତ୍ର ସ୍ଥାନୀୟ ପ୍ରଶାସନ ଯୁଦ୍ଧ ପ୍ରସ୍ତୁତି ପାଇଁ କୌଶଳ ଶିଖାଇ କାମ ସାରି ଦେଇ ବସିପଡିଛନ୍ତି। ଦେଶରେ ଏଭଳି ସାମ୍ପ୍ରତିକ ସ୍ଥିତିରେ ଚାରିଆଡେ ଉଚ୍ଚସ୍ୱର ବାଜା, ବାଣ, ଡ୍ରୋନ ବ୍ୟାବହାର ହେଉଥିବାରୁ ଲୋକଙ୍କ ମନରେ ଭୟ ଉପୁଜିବା ସହ ଛନକା ପଶୁଛି। ଯାହାକୁ ନେଇ ପଟ୍ଟାମୁଣ୍ଡାଇ ବୁଦ୍ଧିଜୀବୀ ମହଲରେ କଟକଣା ପାଇଁ ଦାବି ହୋଇଛି।

ସାମାଜିକ କର୍ମୀ ସତ୍ୟପ୍ରିୟ ସାମାଲ, ଆଇନଜୀବୀ ସୌମ୍ୟ ଧଳ, ଭବାନୀ ପଣ୍ଡା, ବୁଦ୍ଧିଜୀବୀ ପ୍ରେମାନନ୍ଦ ପାଣ୍ଡା, ପ୍ରଫୁଲ୍ଲ ଦାଶ, ପ୍ରବୀର ନାୟକ ପ୍ରମୁଖ କହିଛନ୍ତି, ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ବୃଦ୍ଧି ପାଇବା ପରେ ଓଡ଼ିଶାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ପାକିସ୍ତାନର ଡ୍ରୋନ ଓ ମିଶାଇଲ ଆକ୍ରମଣର ବିଫଳ ପ୍ରୟାସ ପରେ ରାଜ୍ୟ ସରକାର ଏବଂ ପୋଲିସ ଉଚ୍ଚ ସତର୍କତା ଜାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଯୋରଦାର କରାଯାଇଛି। ହେଲେ ପଟ୍ଟାମୁଣ୍ଡାଇର ଚାରିଆଡ଼େ ଖୋଲା ମେଲାରେ ଚାରିଆଡ଼େ ଆତସବାଜି ଜାରି ରହିଛି। ଯାତ୍ରା ପାର୍ଟିର ଉଚ୍ଚସ୍ୱରରେ ପ୍ରଚାର ସାଇରନ ଲୋକଙ୍କ ମନରେ ଯୁଦ୍ଧ ସଇରନ ଆଶଙ୍କା ଆଣୁଛି। ସେହିଭଳି ବରଯାତ୍ରୀମାନଙ୍କ ପକ୍ଷରୁ ଉଚ୍ଚ ଶବ୍ଦ ବାଣ ଉପରେ କଟକଣା କରାଯାଇନାହିଁ। ଉଚ୍ଚ ଶବ୍ଦ ଜନିତ ବାଣ ଫୁଟିଲେ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହେଉଛି। ଗୁରୁବାର ପଟ୍ଟାମୁଣ୍ଡାଇରେ ସହରରେ ବରଯାତ୍ରା ବହାରିଥିବା ବେଳେ ଡିଜେ ବାଜା, ବାଣରେ ସହର ଦୁଲୁକୁଥିଲା। ସେହି ସମୟରେ ମଧ ଜାତୀୟ ଗଣମାଧ୍ୟମରେ ଖବରରୁ ପ୍ରକାଶ ପାଇଥିଲା ଜମ୍ମୁର ଏୟାରଷ୍ଟ୍ରିପ ସମେତ ଏକାଧିକ ସ୍ଥାନକୁ ରକେଟ ଦ୍ୱାରା ପାକିସ୍ତାନ ଟାର୍ଗେଟ କରିଥିଲା। ହେଲେ କେନ୍ଦ୍ରାପଡ଼ା ଏକ ସମ୍ବେଦନଶୀଳ ଜାଗା ହୋଇଥିବା ବେଳେ ପ୍ରଶାସନ ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖିବା ସହ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ଏବଂ ନାଗରିକମାନଙ୍କୁ ସମ୍ଭାବ୍ୟ ବିପଦ ପାଇଁ ପ୍ରସ୍ତୁତ ରଖି ଯାତ୍ରା ପ୍ରଚାର, ଉଚ୍ଚ ଶବ୍ଦ ବାଣ ଫୁଟାଇବା ଓ ଡ୍ରୋନ ବ୍ୟବହାର ଉପରେ କଟକଣା ଲଗାଇବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ପଚାରିବାରେ ଏଭଳି କିଛି ଗାଇଡ୍ ଲାଇନ ଆସିନାହିଁ ବୋଲି ସେ କହିଛନ୍ତି।

# ଭାଜପାର ଛୋଟି ମଣ୍ଡଳ ସଭାପତି ଭାବେ ପ୍ରଶାନ୍ତ ମନୋନୀତ


ପ୍ରଶାନ୍ତ କୁମାର ସାହୁ

ଡେରାବିଶ,୧୦।୫(ବେବର୍ତ୍ତା ଅଜୟ ଦାସ)

ପାଟକୁରା ନିର୍ବାଚନମଣ୍ଡଳୀର ଡେରାବିଶ ବ୍ଲକ ୧୩ନଂ. ଜିଲା ପରିଷଦ ଜୋନ୍‌ର ଛୋଟି ମଣ୍ଡଳ ଭାଜପା ସଭାପତି ଭାବେ ପ୍ରଶାନ୍ତ କୁମାର ସାହୁ ଶନିବାର ମନୋନୀତ ହୋଇଛନ୍ତି। ରାଜ୍ୟ ରିଟର୍ନିଂ ଅଫିସର ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏ ନେଇ ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀଙ୍କୁ ପଠାଇଥିବା ବିଭିନ୍ନ ମଣ୍ଡଳ ସଭାପତିଙ୍କ ନାମ ତାଲିକାରୁ ଏହା ଜଣାଯାଇଛି। ପ୍ରଶାନ୍ତ ଜଣେ ଯୁବ ସଙ୍ଗଠକ ଭାବେ ଦଳ ପାଇଁ ବିଗତ ଦିନରେ ଦକ୍ଷତାର ସହ କାର୍ଯ୍ୟକରି ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିଆସିଛନ୍ତି। ତେବେ ଭାଜପା ପକ୍ଷରୁ ତାଙ୍କୁ ମଣ୍ଡଳ ସଭାପତି ଭାବେ ମନୋନୀତ କରାଯାଇଥିବା ଜଣାପଡ଼ିବା ପରେ ଛୋଟି ମଣ୍ଡଳର ଦଳୀୟ କର୍ମୀ ମହଲରେ ଉତ୍ସାହ ପ୍ରକାଶ ପାଇଛି। ଅପରପକ୍ଷରେ ଦଳ ତାଙ୍କ ଉପରେ ବିଶ୍ୱାସ କରି ଯେଉଁ ଗୁରୁଦାୟିତ୍ୱ ଦେଇଛି ତାହାକୁ ପୂରଣ କରିବାରେ ସେ ନିଜକୁ ସମ୍ପୂର୍ଣ୍ଣ ସମର୍ପିଦେବେ ବୋଲି କହିବା ସହ ଏହି ନୂତନ ନିଯୁକ୍ତି ପାଇଁ ସେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ରିଟର୍ନିଂ ଅଫିସର ଏମ୍‌ପି ଷଡ଼ଙ୍ଗୀ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଭାଜପା ନେତା ଗୀତାଞ୍ଜଳି ସେଠୀ, ତେଜେଶ୍ୱର ପରିଡ଼ା ଓ ସରୋଜକାନ୍ତ ସାହୁଙ୍କୁ ସାଧୁବାଦ ଜଣାଇଛନ୍ତି।

# ଜଳ, ସ୍ଥଳ ପଥରେ ପୋଲିସର କଡ଼ା ଯାଞ୍ଚ


ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଉଛି।

ରାଜନଗର, ୧୦।୫(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲାର ରାଜନଗର ଜଳପଥକୁ ଲାଗିକରି ରହିଛି ଅବ୍‌ଦୁଲ କଲାମ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର। ପାକିସ୍ତାନ ସହ ଉତ୍ତେଜନା ଚାଲିଥିବାରୁ ଜଳପଥ ଦେଇ ଆତଙ୍କବାଦୀ ପ୍ରବେଶ କରିବାର ସମ୍ଭାବନା ରହିଛି। ଏଥିଯୋଗୁ ଜଳପଥରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଜଳପଥରେ ଦିନ ଓ ରାତିରେ ପାଟ୍ରୋଲିଂ କରାଯାଉଛି। ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିଛି। ଜଳପଥରେ ଚଳାଚଳ କରୁଥିବା ବୋଟ୍, ଟ୍ରଲର କେଉଁଠୁ ଆସିଲା, କେଉଁଠିକୁ ଯାଉଛି, ସେଥିରେ କେଉଁମାନେ ଅଛନ୍ତି, ତାଙ୍କର ପରିଚୟପତ୍ର ସହ ଟ୍ରଲର ଓ ବୋଟ୍‌କୁ ଯାଞ୍ଚ କରାଯାଉଛି। ଏଥିସହ ତାଳଚୁଆ ଅଞ୍ଚଳରୁ ଫେରିଘାଟ ଓ ମାଛଧରା ଜେଟିରେ କଡ଼ାକଡ଼ି ଚେକିଂ କରାଯାଉଛି। ଘାଟରେ ଯାଉଥିବା ସାଧାରଣ ଲୋକ ହୁଅନ୍ତୁ କିମ୍ବା ବୋଟ୍ ନେଇ ସମୁଦ୍ରକୁ ଯାଉଥିବା ମତ୍ସ୍ୟଜୀବୀଙ୍କୁ କଡ଼ାକଡ଼ି ତନଖି କରାଯାଉଛି। ଘାଟଗୁଡ଼ିକରେ ଚେକିଂ କରାଯିବା ସହ ବାହାର ଲୋକ କିମ୍ବା ସନ୍ଦିଗ୍ଧ ଭାବେ କାହାକୁ ଦେଖିଲେ ସଙ୍ଗେସଙ୍ଗେ ପୋଲିସକୁ ଖବର ଦେବାକୁ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଏହାବାଦ୍ ଜଳପଥରେ କୌଣସି ଅଜଣା ବୋଟ୍ ଦେଖିଲେ ପୋଲିସକୁ ଖବର ଦେବାକୁ ମତ୍ସ୍ୟଜୀବୀମାନଙ୍କୁ ପୋଲିସ ପକ୍ଷରୁ କୁହାଯାଇଛି।

# ପଟ୍ଟାମୁଣ୍ଡାଇରେ ରାଷ୍ଟ୍ରୀୟ ଲୋକ ଅଦାଲତ


ପଟ୍ଟାମୁଣ୍ଡାଇ ରାଷ୍ଟ୍ରୀୟ ଲୋକ ଅଦାଲତରେ ଜଜ୍ ମାମଲାର ବିଚାର କରୁଛନ୍ତି।

ପଟ୍ଟାମୁଣ୍ଡାଇ, ୧୦।୫ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତାଲୁକ ଆଇନ୍ ସେବା ସମିତି ଆନୁକୂଲ୍ୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ସିନିୟର ସିଭିଲ ଜର୍ଜ ସୁଶ୍ରୀ ସଙ୍ଗୀତା ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଲୋକ ଅଦାଲତରେ ପ୍ରି-ଲିଟିଗେଣ୍ଟଶନ ୮ ଟି ମାମଲା ଫଇସାଲା ହୋଇ ୧ ଲକ୍ଷ ୫୮ ହଜାର ୫୦୦ ଆଦାୟ ହୋଇଥିଲା। ସେହିପରି ପୂର୍ବ ବିଚାରଧୀନ ୮୭ ଟି ମାମଲା ଫଇସାଲା ହୋଇ ୭ ଲକ୍ଷ ୨୪ ହଜାର ୫୬୬ ଟଙ୍କା ଆଦାୟ ହୋଇଛି। ଏହାସହ ମୋଟର ଆକ୍ସିଡେଣ୍ଟ ମାମଲାର ବିଚାର ହୋଇ ୨୫ ଲକ୍ଷ ୧୦ ହଜାର ଅର୍ଥ ଆଦାୟ ହୋଇଛି। ଏହି ମାମଲାଗୁଡିକ ମଧ୍ୟରୁ ଫୌଜଦାରୀ, ଚେକ ବାଉନ୍ସ, ଦେୱାନୀ, ଜମି ଅଧିକରଣ ଓ ଅନ୍ୟାନ୍ୟ ମାମଲା ଅର୍ନ୍ତଭୁକ୍ତ ଅଛି। ଏହି ଲୋକ ଅଦାଲତରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ଅତିରିକ୍ତ ଜିଲା ଜଜ୍ ବିଦ୍ୟାଧାର ପୃଷ୍ଟିଙ୍କ ସହ ବିଦ୍ୟାଧର ଦାଶ, ସିନିଅର ସିଭିଲ ଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକଙ୍କ ସହିତ ଅଭିରାମ କୁଣ୍ଡ, ଜେଏମ୍‌ଏଫ୍‌ସି ବିଦ୍ୟୁତଲତା ପ୍ରଧାନଙ୍କ ସହିତ ଚିତ୍ତ ରଞ୍ଜନ ଦାଶ, ଜେଏମ୍‌ଏଫ୍‌ସି ଡ଼ି.କେ. ବାଲକ୍ରୀର୍ଷ୍ଣଙ୍କ ସହ ବିଶ୍ୱନାଥ ରାଉତ ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ବରିଷ୍ଠ ଅଇନଜୀବୀ ଭବାନୀ ଶଙ୍କର ପଣ୍ଡା, ବିଜୟ ରାଉତ, ପ୍ରଫୁଲ୍ଲ ଦାଶ ତାଲୁକ ଫ୍ରଣ୍ଟ ଅଫିସ ରିଟେନର-କମ୍ ରିମାଣ୍ଡ ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ ଓ ପୂର୍ବତନ ବାର ସଭାପତି ଆଇନୀଜୀବୀ ଭୀମସେନ ପ୍ରଧାନ, ବିଜ୍ଞାନ ମିହିର ଜେନା, ପଟ୍ଟାମୁଣ୍ଡାଇ ବାର ଆଶୋସିଏଶନର ଉପସଭାପତି ସୁରେଶ ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର ଦାଶ, ସରକାରୀ ଆଇନଜୀବୀ ରାଜେନ୍ଦ୍ର ମିଶ୍ର, ସହସମ୍ପାଦକ ମନୋଜ ନାୟକ, ଲିଗାଲଏଡ଼ର ଅପର୍ଣ୍ଣା ସାମଲଙ୍କ ସହ ସମସ୍ତ କର୍ମକର୍ତ୍ତା, ପିଏଲଭି ମୋହନ ଦାଶ ସହ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ସିଭିଲ ୪ କୋର୍ଟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ପାଟକୁରାରୁ ସମୀର, କୋରୁଆରୁ ନଗେନ ଭାଜପାର ମଣ୍ଡଳ ନୂଆ ସଭାପତି

ପାଟକୁରା, ୧୦।୫ (ରବୀନ୍ଦ୍ର ନାଥ ବାରିକ)

ଭାଜପା ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଷଡ଼ଙ୍ଗୀଙ୍କ ଅନୁମୋଦନକ୍ରମେ ପାଟକୁରା ନିର୍ବାଚନମଣ୍ଡଳୀର ପାଟକୁରା ମଣ୍ଡଳ ଜିଲା ପରିଷଦ ଜୋନ ନଂ. ୧୧ର ମଣ୍ଡଳ ସଭାପତି ଭାବେ ସମୀର କୁମାର ପରିଡାଙ୍କୁ ଏବଂ କୋରୁଆ ମଣ୍ଡଳ ଜିଲା ପରିଷଦ ଜୋନ ନଂ. ୧୦ର ମଣ୍ଡଳ ସଭାପତି ଭାବେ ନଗେନ କୁମାର ରାଉତଙ୍କୁ ନିଯୁକ୍ତ କରାଯାଇଛିୟ ପାର୍ଟିରେ ଶ୍ରୀ ପରିଡାଙ୍କର ପୂର୍ବରୁ ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ଓ ମଣ୍ଡଳ ସାଧାରଣ ସମ୍ପାଦକ ରୂପେ ଅଭିଜ୍ଞତା ଥିବାବେଳେ ନଗେନ ରାଉତଙ୍କ ମଣ୍ଡଳ ସାଧାରଣ ସମ୍ପାଦକ ଭାବେ ଅଭିଜ୍ଞତା ଅଛି। ଏହି ନୂତନ ନିଯୁକ୍ତି ପାଇଁ ନୂତନ ମଣ୍ଡଳ ସଭାପତି ସମୀର ଓ ନଗେନ ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା, ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି ଓ ଜିଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



ସମୀର କୁମାର ପରିଡା ଓ ନଗେନ କୁମାର ରାଉତ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ଧାରଣା

## ବରିଷ୍ଠ ନାଗରିକ ବାସୁଦେବ ରାଉତଙ୍କ ହତ୍ୟା ଘଟଣା

ରାଜକନିକା,୧୦।୫(ସଞ୍ଜୟ କୁମାର ଦାଶ)



ବାସୁଦେବଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ ହାଟସାହିବାସୀଙ୍କ ଥାନା ସମ୍ମୁଖରେ ଧାରଣା।

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ହାଟସାହି ଗାଁରେ ୩ ତାରିଖ ଅପରାହ୍ନ ୩ଟାରେ ଗାଁରେ ଗଣ୍ଡଗୋଳ ଲାଗିଥିଲା। ଏହି ସମୟରେ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ରାଉତ ସେଠାକୁ ଯାଇ ଉଭୟପକ୍ଷଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ହେଲେ ଉତ୍ୟକ୍ତ ଯୁବକଙ୍କ ମାଡ଼ରେ ବସୁଦେବ ଗୁରୁତର ଆହତ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତର ଅବସ୍ଥାରେ କଟକରେ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଥାନା ସମ୍ମୁଖରେ ଶନିବାର ସନ୍ଧ୍ୟାରେ ମୃତଦେହ ରଖି ହାଟସାହିବାସୀ ଧାରଣା ଦେଇଥିଲେ। ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ୩ ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟି ଥିଲା।

ପୋଲିସ ସୂଚନା ମୁତାବକ, ହାଟସାହି ଗାଁରେ ୩ ତାରିଖ ଅପରାହ୍ନରେ ଜଣେ ଯୁବକଙ୍କ ସହ କୌଣସି ଏକ କଥାକୁ ନେଇ ଗାଁର ଅଜୟ ନାୟକଙ୍କ ଗଣ୍ଡଗୋଳ କରିଥିଲେ। ଏଥିସହ ପାଖ ଗାଁରେ ଥିବା ସହଯୋଗୀମାନଙ୍କୁ ଡାକି ଗାଁରେ ଗଣ୍ଡଗୋଳ କରିଥିଲେ। ଏହି ସମୟରେ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ରାଉତ ସେଠାରେ ପହଞ୍ଚି ଯୁବକମାନଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। ହେଲେ ଉତ୍ୟକ୍ତ ଯୁବକମାନେ ତାଙ୍କୁ ମାଡ଼ ମାରିଥିଲେ। ସେ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଶନିବାର ମୃତ୍ୟୁ ଘଟିଛି। ଯାହାକୁ ନେଇ ଗ୍ରାମବାସୀ ପୋଲିସ କ'ଣ ପାଇଁ ଅଭିଯୁକ୍ତମାନଙ୍କୁ ଗିରଫ କରିନାହିଁ ବୋଲି ପ୍ରତିବାଦ କରିବା ସହ ଥାନା ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ଧାରଣାରେ ସରପଞ୍ଚ ସୀତାରାଣୀ ଦାସ, କମଳାକାନ୍ତ ରାଉତ, ଧରିତ୍ରୀ ରାଉତ, ସୁଶୋଭିତା ରାଉତ, ରତ୍ନମାଳା ବିଶ୍ୱାଳ, ସରୋଜିନୀ ବିଶ୍ୱାଳ, ସାଗରୀକା ସାମଲ, ଅମୀୟ ମାଝୀ, ରଞ୍ଜନ ପଡିହାରୀ, ସନ୍ତୋଷ ନାୟକ, ବୈଜୟନ୍ତୀ ପଡିହାରୀ, ପ୍ରକାଶ ନାୟକ, ନିରୂପମା ନାୟକ, କବିତା ବେହୁରିଆ, ଶୈଳବାଳା ନାୟକ, ଅନିତା ବାରିକ୍, ସୁକାନ୍ତି ମାଝୀ, ବିଦ୍ୟୁଲତା ନାୟକ, ସରୋଜ ଦାସ, ଶ୍ରୀନିବାସ ରାଉତ, ଦିଗବିଜୟ ପଡିହାରୀ, ମନୋରଞ୍ଜନ ପଡିହାରୀ, ଧୀରେନ୍ଦ୍ର ରାଉତ, ସରୋଜ ସାମଲଙ୍କ ସମେତ ଗ୍ରାମବାସୀ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ଆଇଆଇ ସଞ୍ଜୟ କୁମାର ମଲ୍ଲିକଙ୍କୁ ପଚାରିବାରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଅଜୟ ନାୟକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଖବରପାଇ ଧାରଣାସ୍ଥଳରେ ନାରୀନେତ୍ରୀ ଡା. ଦେବସ୍ମିତା ଶର୍ମା, ବାବୁରାମ ଜେନା ଓ ପୂର୍ବତନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ।

# ଜି.ଉଦୟଗିରି ଡାକ୍ତରଖାନାରେ ଡାକ୍ତର ଅଭାବ

■ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡା ହୋଇ ଯନ୍ତ୍ରଣା ଭୋଗୁଛନ୍ତି ରୋଗୀ।

■ଅଞ୍ଚଳର ୧୩ ଜନ ପ୍ରତିନିଧି ମୁହଁ ଖୋଲୁନାହାନ୍ତି

ଜି.ଉଦୟଗିରି,୧୦।୫(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରିଠାରେ ଥିବା ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁ ରୋଗୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ୮ଟି ପଞ୍ଚାୟତ ଏବଂ ଏନଏସି ଅଞ୍ଚଳର ୪୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ଏହା ଉପରେ ନିର୍ଭର କରନ୍ତି।ମାତ୍ର ଏହି ଡାକ୍ତରଖାନାରେ କୌଣସି ବିଶେଷଜ୍ଞ ଡାକ୍ତର ନାହାନ୍ତି। ମେଡିକାଲ ଅଫିସରଙ୍କୁ ମିଶାଇ ମାତ୍ର ୪ ଜଣ ଡାକ୍ତର ଏଠାରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଡକ୍ତର ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି। ସମସ୍ତ ଡାକ୍ତର ସିଫ୍ଟ ଅନୁସାରେ ଡିୟୁଟି କରୁଛନ୍ତି। ପ୍ରତିଦିନ ସକାଳୁ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ରୋଗୀ ଡାକ୍ତରଖାନାକୁ ଆସୁଥିବା ବେଳେ ଉପସ୍ଥିତ ଥିବା ଜଣେ କି ୨ଜଣ ଡାକ୍ତର ଏତେ ସଂଖ୍ୟକ ରୋଗୀ ଦେଖିବା କଷ୍ଟକର ହୋଇପଡୁଛି। ରୋଗୀ ଡାକ୍ତରଙ୍କ ପରାମର୍ଶ ପାଇଁ ଲମ୍ବା ଲାଇନରେ ଦୀର୍ଘ ସମୟ ଧରି ଛିଡା ହୋଇ ରହୁଥିବା ଦେଖିବାକୁ ମିଳୁଛି। ଡାକ୍ତରଖାନାରେ ଡାକ୍ତର ଅଭାବଜନିତ ସମସ୍ୟା ଦୂର ପାଇଁ ପୂର୍ବରୁ ବିଧାୟକ, ଏମ୍‌ପି, ମନ୍ତ୍ରୀ, ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଯୁବ ସମାଜିକ କର୍ମୀ ଆମନ ଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ଅଞ୍ଚଳର ୧୩ ଜଣ ଜନପ୍ରତିନିଧି ଥିଲେ ମଧ୍ୟ କୌଣସି ଦିନ ଜନସାଧାରଣଙ୍କ ପାଇଁ ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ ନେଇ କୌଣସି ପଦକ୍ଷେପ ନେଇ ନ ଥିବା ସାଧାରଣରେ ଆଲୋଚନା ହେଉଛଇ। ଅଞ୍ଚଳର ଜନସଂଖ୍ୟା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଯଥାଶୀଘ୍ର ସ୍ଥାନୀୟ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ପାଇଁ ଅପେକ୍ଷାରତ ରୋଗୀ ।

## ଖରା, ଗୁଳୁଗୁଳି ସହ ଅଘୋଷିତ ବିଦ୍ୟୁତ୍ କାଟ୍ କରୁଛି କଲବଲ

ବାଲିଗୁଡା,୧୦।୫

(ସଞ୍ଜୟ କୁମାର ପାଣିଗ୍ରାହୀ)

ରାଜ୍ୟରେ ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବଢି ଚାଲିଛି। ଏହାର ପ୍ରଭାବ କନ୍ଧମାଳ ଜିଲା ବାଲିଗୁଡା ସହରରେ ମଧ୍ୟ ଦେଖିବାକୁ ମିଳିଛି। ପ୍ରବଳ ଖରା ଯୋଗୁ ସହରର ରାସ୍ତାଘାଟ ସମ୍ପୂର୍ଣ୍ଣ ଶୁନଶାନ୍ ରହୁଛି। ଦିନ ୧୧ଟା ବେଳକୁ ଏହା ଅସହ୍ୟ ହୋଇପଡୁଛି। ଖରା ଗରମ ପାଇଁ ଗାଡ଼ିମୋଟର ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି। ଗୁଳୁଗୁଳି ଯୋଗୁ ଲୋକେ ରାତି ଗୋଟାଏ ପର୍ଯ୍ୟନ୍ତ ଶୋଇପାରୁନାହାନ୍ତି। ଗତ ୫ଦିନ ହେଲା ବାଲିଗୁଡାରେ ତାପମାତ୍ରା ୪୦ରୁ ୪୨ ଡିଗ୍ରୀ ରହୁଥିବା ବେଳେ ଶନିବାର ତାପମାତ୍ରା ସର୍ବାଧିକ ୩୯ ଡିଗ୍ରୀ ରହିଥିଲା। ଖରା ଓ ଗୁଳୁଗୁଳି ଜାରି ରହିଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଲୋକଙ୍କୁ ଆହୁରି କଲବଲ କରୁଛି। ସହରରେ ବିଭାଗ ମନଇଚ୍ଛା ବିଦ୍ୟୁତ କାଟ କରୁଥିବାରୁ ଏନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ପୂର୍ବରୁ ତାର ଛିଡିଯିବା କହି ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ କାଟ୍ କରୁଥିବା ବେଳେ ଏବେ ମେଣ୍ଟେନାନ୍ସ କଥା କହି ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ କାଟ୍ କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଫୁଲବାଣୀ ସେକ୍ସନ ବିଦ୍ୟୁତ ବାରମ୍ବାର ଟ୍ରିପ ନେଉଛି, ଯାହାକି କଣ୍ଟ୍ରୋଲ କରି ହେଉନାହିଁ। ଏଥିଯୋଗୁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ହେଉଛି ବୋଲି ସେ କହିଥିଲେ।

## ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀଙ୍କ ନାଁରେ ମାମଲା

ଦିଗପହଣ୍ଡି,୧୦।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ବାସୁଦେବପୁର ପଞ୍ଚାୟତ ପଡିଆ ପୁରୁଷୋତ୍ତମପୁର ଗ୍ରାମର ପ୍ରିୟତମା ଧରଙ୍କୁ ତାଙ୍କ ସ୍ୱାମୀ ବଇଁଶୀଧର ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସ୍ୱାମୀଙ୍କ ମାଡ଼ରେ ପ୍ରିୟତମାଙ୍କ ନାକ ହାଡ଼ ଭାଙ୍ଗିଯାଇଛି। ଏନେଇ ଏତଲା ହେବା ପରେ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ନଂ.୧୬୯/୨୫ରେ ଏକ ମାମଲା ରୁଜୁ କରିଏସଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ପ୍ରୟତମା ଘର ଚଳାଇବାକୁ ବଇଁଶୀଙ୍କୁ ଟଙ୍କା ମାଗିବାରୁ ପାଟିତୁଣ୍ଡ କରି ବଇଁଶୀ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହେବା ପରେ ସେ ଶୁକ୍ରବାର ରାତିରେ ଥାନାରେ ଏତଲା ଦେଇଥିଲେ। ୧୩ ବର୍ଷ ତଳେ ପ୍ରିୟତମା ବଇଁଶୀଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ବଇଁଶୀ ତାଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିବା ଏତଲାରେ ଉଲ୍ଲେଖ କରିଛନ୍ତି।

## ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

ଦାରିଙ୍ଗବାଡ଼ି,୧୦।୫ (ଅରୁଣ ସାହୁ)

ବାର୍‌ହା ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଦାରିଙ୍ଗବାଡି ବନାଞ୍ଚଳ ସିମନବାଡ଼ି ସେକ୍ସନ ଲାଦାମାଲା ଗ୍ରାମର ମନୋଜ ପ୍ରଧାନ। ତାଙ୍କୁ ପ୍ରଥମେ ଦାରିଙ୍ଗବାଡ଼ି ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମନୋଜଙ୍କ ପରିବାର କହିଛନ୍ତି, ସେ ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ସେଠାରେ ତାଙ୍କୁ ବାର୍‌ହା ଆକ୍ରମଣ କରିଥିଲା। କେତେକ ଗ୍ରାମବାସୀ ବାର୍‌ହାକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲା ବେଳେ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। କିନ୍ତୁ ଏ ସମ୍ପର୍କରେ ଗାଁରେ ଅନ୍ୟକିଛି ଆଲୋଚନା ହେଉଛି। ପ୍ରକୃତରେ ସେମାନେ କୁଆଡ଼େ ଶିକାର କରିବାକୁ ଯାଇ ବାର୍‌ହାକୁ ଆକ୍ରମଣ କରିଥିଲେ। ଏହି ସମୟରେ ଘାଇଲା ବାର୍‌ହାଟି ପାଲଟା ଆକ୍ରମଣ କରିଥିଲା। ପରେ ତାକୁ ମାରିଦିଆଯାଇଥିବା ନେଇ ଆଲୋଚନା ହେଉଛି। ଏନେଇ ସିମନବାଡ଼ି ବନପାଳ ବନିତା ପ୍ରଧାନ କହିଛନ୍ତି, ଏ ସମ୍ପର୍କରେ ଶନିବାର ତଦନ୍ତ ଆରମ୍ଭ ହୋଇଛି। ପ୍ରକୃତ ଘଟଣା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ବିଡିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଧରାକୋଟ,୧୦।୫ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ୍‌ରେ କାର୍ଯ୍ୟରତ ବିଡିଓ ଡେନିସ ବେହେରା ଏଠାରୁ କେନ୍ଦୁଝର ଯୋଡ଼ା ବ୍ଲକ୍‌କୁ ବଦଳି ହେବା ପରେ ତାଙ୍କୁ ବ୍ଲକ୍ କର୍ମଚାରୀଙ୍କ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକ ସମ୍ମିଳନୀ କକ୍ଷରେ ଏବିଡିଓ ସୁଶୀଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପାଣିଗ୍ରାହୀ, ବରିଷ୍ଠ କିରାଣି ସତ୍ୟ ନାରାୟଣ ବେହେରା, ବରିଷ୍ଠ କିରାଣି ପ୍ରଶାନ୍ତ ଦାସ, କନିଷ୍ଠ ଯନ୍ତ୍ରୀ ବିକ୍ରମ ସୋରେନ, ଦୀପ୍ତିରେଖା ନାଥ, କନ୍ୟା ଦଣ୍ଡପାଟ, ଅର୍ଚ୍ଚନା ପଣ୍ଡା, ଜିପିଇଓ କିଶୋର ଚନ୍ଦ୍ର ସାହୁ, ବିଏସ୍‌ଏସ୍‌ଓଏ ସଚିନ ପାତ୍ର, ନିର୍ବାହୀ ଅଧିକାରୀ କାଳୁ ଚରଣ ସ୍ୱାଇଁ, ଦେବରାଜ ନାୟକ, ରମେଶ ଚନ୍ଦ୍ର ପୃଷ୍ଟି, ଇସାକ ପ୍ରଧାନ, ଅଶୋକ ସେଠୀ, ଅମୂଲ୍ୟ ରାଉଳ, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ଯୋଗାଣ ଅଧିକାରୀ ସଞ୍ଜୟ ମଲିକ, ସିଡିପିଓ ସୁନୀଲ ପ୍ରଭା ରଥ, ଏପିଓ ନନ୍ଦିନୀ ଦାସ, ଏସିପି ଅମେଶ ବେହେରା, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗର କୃଷ୍ଣକାନ୍ତ ପଣ୍ଡାଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ୧ ଲକ୍ଷ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିନି ଫସଲ ବୀମା ସହାୟତା

ଛତ୍ରପୁର,୧୦।୫ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାରେ ହୋଇଥିବା ଅଦିନିଆ ବର୍ଷାରେ ଚାଷୀଙ୍କ ବ୍ୟାପକ ଫସଲ କ୍ଷତି ହୋଇଥିଲା। ତେବେ କ୍ଷତିଗ୍ରସ୍ତ ଚାଷୀ ଫସଲବୀମା ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ନେଇ ଜିଲାର ଅଗ୍ରଣୀ ଚାଷୀ ସଙ୍ଗଠନ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଅଭିଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଚାଷୀଙ୍କ ସହଯୋଗରେ ଆଉ ଆସୁନି। କାରଣ ପ୍ରକୃତ ଚାଷୀ ପ୍ରିମିୟମ୍ ଦେଇ ସୁଦ୍ଧା ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ବଞ୍ଚିତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାଲାଗି ସଂଗଠନର ସମ୍ପାଦକ ସୀମାଞ୍ଚଳ ନାହାକ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ଏକ ଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି। ସୂଚନା ଅନୁସାରେ ଗତ ଡିସେମ୍ବର ମାସରେ ଗଞ୍ଜାମ ଜିଲାରେ ଅଦିନିଆ ବର୍ଷା ହୋଇଥିଲା। ଫଳରେ କଟା ହୋଇ ଜମିରେ ପଡ଼ିଥିବା ଧାନକୁ ପାଣିରୁ ଛାଣି ଆଣି ଶୁଖାଇବାରେ ଚାଷୀ ବ୍ୟସ୍ତ ରହିଥିଲେ। ହେଲେ ଜିଲାରେ ୧ଲକ୍ଷ ୪୫ହଜାର ଚାଷୀ ପ୍ରିମିୟମ ଦେଇଥିଲେ ସୁଦ୍ଧା ମାତ୍ର ୪୧ହଜାର ୫୯୫ଜଣ ଚାଷୀ ବୀମା ସହାୟତା ପାଇଥିବା ସମ୍ପାଦକ କହିଛନ୍ତି। ୧ଲକ୍ଷରୁ ଅଧିକ ଗରିବ ଚାଷୀ ଫସଲ ବୀମା ପ୍ରିମିୟମ ଦେଇ ସୁଦ୍ଧା ଫସଲ ବୀମା ସହାଯତା ପାଇ ନ ଥିବା ପରିତାପର ବିଷୟ ନିଶ୍ଚୟ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଜିଲା ପ୍ରଶାସନ ଯୁଗ୍ମ ସର୍ଭେ କରି ଜିଲାର ୫୦ଭାଗରୁ ଅଧିକ ଧାନ ଫସଲ କ୍ଷତି ହୋଇଛି ବୋଲି ଆକଳନ କରିଥିଲେ। କିନ୍ତୁ ବୀମା କମ୍ପାନୀର ଶସ୍ୟକାଟ ସର୍ଭେ ଚାଷୀଙ୍କ ଲାଗି ପ୍ରହେଳିକା ପାଲଟିଛି । ବୀମା କମ୍ପାନୀ ଗୁଡ଼ିକ ବ୍ୟକ୍ତିଗତ ଭାବେ ଅନ୍‌ଲାଇନରେ ପଞ୍ଜୀକରଣ କରିବା ପାଇଁ କୁହାଯିବା ଓ ତତ୍‌ପରେ କ୍ଷତିପୂରଣ ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ କହିବା ସହ ବୀମା କମ୍ପାନୀ ଚାଷୀଙ୍କୁ ଠକିବା ପାଇଁ ଏଭଳି କୁହାଯାଇଛି। ଅଧିକାଂଶ ଚାଷୀ ଉଚ୍ଚଶିକ୍ଷିତ ନ ଥିବାବେଳେ ଅନଲାଇନ ବିଷୟରେ ଜାଣନ୍ତି ନାହିଁ। ବୀମା କମ୍ପାନୀ ଏ ବିଷୟରେ ସଚେତନ କରିନି। ଏଣୁ ଜିଲା ପ୍ରଶାସନର ଆକଳନ ଅନୁଯାୟୀ ପୂର୍ବବର୍ଷ ଭଳି ଫସଲବୀମା ପ୍ରିମିୟମ ଦେଇଥିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲବୀମା ସହାୟତା ଦେବାକୁ ସରକାର ନିର୍ଦ୍ଦେଶ ଦେବାଲାଗି ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରେରଣ କରାଯାଇଛି।

## ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା, ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ

ବେଲଗୁଣ୍ଠା,୧୦।୫(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ମାଧବରୀଡ଼ା ଗ୍ରାମରେ ମା' ବୁଢୀ ଠାକୁରାଣୀଙ୍କ ମନ୍ଦିର ପୁନରୁଦ୍ଧାର ଏବଂ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗ୍ରାମରେ ଚବିଶ ପ୍ରହର ଅଖଣ୍ଡ ନାମ ଯଜ୍ଞ, ଅନ୍ନ ଯଜ୍ଞ ଏବଂ ଘୃତ ଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଛି। ୨୪ ପ୍ରହର ଅଖଣ୍ଡ ନାମଯଜ୍ଞରେ ତୁଳସୀ ପଲୀ, ଗେରେଡ଼ା, ଜିଲୁଣ୍ଡି, ସୋଲଣ୍ଡି ଏବଂ ଜଗନ୍ନାଥପ୍ରସାଦ କଇଠ ସାହିର ନାମ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

## ମୁଜାଗଡ଼, ଲାଲ୍‌ସିଂରେ ଠାକୁରାଣୀ ଯାତ୍ରା ଆରମ୍ଭ

ଭଞ୍ଜନଗର,୧୦।୫(ବାବୁଲା ପ୍ରଧାନ)– ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ମୁଜାଗଡ଼, ଲାଲ୍‌ସିଂରେ ଶୁକ୍ରବାର ରାତିରୁ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ୨୧ ଦିନ ଧରି ଚାଲିବ। ଉଭୟ ଗ୍ରାମବାସୀ ଦେବୀଙ୍କୁ ବିଭିନ୍ନ ସ୍ଥାୟୀ ମନ୍ଦିରରୁ ନିମନ୍ତ୍ରଣ କରି ଆଣି ଅସ୍ଥାୟୀ ମଣ୍ଡପରେ ବିଜେ କରାଇଛନ୍ତି। ଦେବୀ ବିଭିନ୍ନ ଦିବସରେ ନଗର ପରିକ୍ରମା କରିବେ। ଶନିବାର ମୁଜାଗଡ଼ରେ ଦେବୀଙ୍କ ଅସ୍ଥାୟୀ ମଣ୍ଡପ ସମ୍ମୁଖରେ ହୋମଯଜ୍ଞ ହୋଇଥିଲା। ରବିବାର ମଧ୍ୟ ହୋମଯଜ୍ଞ ହେବ। ସୋମବାରଠାରୁ ଦେବୀ ନଗର ଭ୍ରମଣ କରିବେ।

## ଚାମଣ୍ଡା ଠାକୁରାଣୀ ବିଗ୍ରହ ପ୍ରତିଷ୍ଠା


କଳସ ଶୋଭାଯାତ୍ରା

ରମ୍ଭା,୧୦।୫(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତ ମଧୁରଚୁଆ ସାନ ସାହିରେ ଚାମଣ୍ଡା ଠାକୁରାଣୀଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ ୨୪ପ୍ରହର ନାମଯଜ୍ଞ ଶନିବାର ଅନୁଷ୍ଠିତ ହୋଇଛି। ରମ୍ଭା ସହର ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ନେଳୀ ବନ୍ଧରୁ ମଧୁରଚୁଆ ସାନ ସାହିର ମହିଳାମାନେ କଳସ ଧରି ପୋଖରୀ ତୁଠରେ ପୂଜାର୍ଚ୍ଚନା କରି ସାହି ପରିକ୍ରମା କରିଥିଲେ। ତତ୍ ସହିତ ମା' ବିରୁଳି ଚାମଣ୍ଡାଙ୍କ ନବ ବିଗ୍ରହ ପ୍ରସାଦ ପ୍ରତିଷ୍ଠା କାର୍ଯ୍ୟକ୍ରମ ପ୍ରଥମର୍ଦ୍ଧାରେ ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଛି। ଯାନବାହନର ସୁରକ୍ଷା ଯାତାୟତ ପାଇଁ ଗ୍ରାମର ପରିଚାଳନା କମିଟି, ଶାନ୍ତି ଶୃଙ୍ଖଳା କମିଟି ଓ ରମ୍ଭା ପୋଲିସର ସହାୟତା କ୍ରମେ ଏହି କଳସ ଯାତ୍ରା ସମାପନ ହୋଇଥିଲା। ଆସନ୍ତା ୧୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଗ୍ରାମର ଚବିଶି ପ୍ରହର ନାମଯଜ୍ଞ ଆରମ୍ଭ ହୋଇ ୪ ଦିନ ପର୍ଯ୍ୟନ୍ତ ଚାଲିବ। ଏହାପରେ ବିଭିନ୍ନ ଦିନରେ ଘୃତ ଯଜ୍ଞ, ନାମଯଜ୍ଞ, ସହିତ ଅନେକ କାର୍ଯ୍ୟକ୍ରମ ହେବାର ସ୍ଥିରୀକୃତ ହୋଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଗଜପତି ଜିଲା ସ୍କାଉଟ୍‌ସ ଗାଇଡ୍‌ସକୁ ତୃତୀୟ ଥର ପାଇଁ ରାଜ୍ୟପାଳ ପୁରସ୍କାର

ପାରଳାଖେମୁଣ୍ଡି,୧୦।୫(ଗିରିଧାରୀ ପରିଚ୍ଛା)

ଭୁବନେଶ୍ୱରସ୍ଥିତ ରାଜଭବନ ଅଭିଷେକ ହଲ୍‌ରେ ୨୦୨୪ ଶିକ୍ଷାବର୍ଷର ରାଜ୍ୟପାଳ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଜପତି ଜିଲାକୁ ରାଜ୍ୟପାଳ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟର ପ୍ରଥମ ଗାଇଡ୍ସ ତଥା ରାଜ୍ୟପାଳଙ୍କ ପତ୍ନୀ ଜୟଶ୍ରୀ କମ୍ଭମ୍‌ପାଟି, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମୁଖ୍ୟ କମିଶନର ଡ. କାଳୀ ପ୍ରସାଦ ମିଶ୍ର, ପଦ୍ମଶ୍ରୀ ଦେବୀ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍କାଉଟ୍‌ସ ଓ ଗାଇଡ୍ସର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗଜପତିର ସ୍କାଉଟ୍‌ସ ଓ ଗାଇଡ୍ସକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଲଗାତର ଭାବେ ତୃତୀୟବର୍ଷ ପାଇଁ ଗଜପତି ଶ୍ରେଷ୍ଠ ଜିଲା ଭାବେ ବିବେଚିତ ହୋଇଛି। ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ମୁଖ୍ୟ କମିଶନର ଡ. ମାୟାଧର ସାହୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ରାଜ୍ୟପାଳଙ୍କଠାରୁ ଗ୍ରହଣ କରିଛନ୍ତି। ଏଥିସହିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟରଞ୍ଜନ ସାହୁ ରାଜ୍ୟପାଳଙ୍କଠାରୁ ମାନପତ୍ର ଓ ପୁରସ୍କାର ଗ୍ରହଣ କରିଛନ୍ତି। ସମ୍ପାଦକ ସୁରେନ୍ଦ୍ର ପାତ୍ର ଗଜପତି ଜିଲା ସ୍କାଉଟ୍‌ସ ଆଣ୍ଡ ଗାଇଡ୍ସର ପ୍ରଗତି ଓ ବିକାଶ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ରାଜ୍ୟପାଳଙ୍କଠାରୁ ମାନପତ୍ର ଓ ପୁରସ୍କାର ଗ୍ରହଣ କରିଛନ୍ତି।



ଅତିଥିମାନେ ଗଜପତି ଜିଲାକୁ ପୁରସ୍କୃତ କରୁଛନ୍ତି।

## ୯ମ ଦିନରେ ମା' ଶୀତଳା ଠାକୁରାଣୀଙ୍କ ଯାତ୍ରା
# ଅସ୍ଥାୟୀ ମଣ୍ଡପରେ ଦର୍ଶନ ଦେଉଛନ୍ତି ମା'

ଗଞ୍ଜାମ,୧୦।୫(ବିଦ୍ୟାଧର ସାହୁ)– ଗଞ୍ଜାମ ଜିଲା କାଇଁଚପୁରରେ ଆରମ୍ଭ ହୋଇଥିବା ମା' ଶୀତଳା ଠାକୁରାଣୀଙ୍କ ଯାତ୍ରା ଶନିବାର ନବମ ଦିନରେ ପହଞ୍ଚିଛି । ନଦୀ ନିକଟ ଏକ ଅସ୍ଥାୟୀ ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ମା'। ସେଠାରେ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି । ଠାକୁରାଣୀ ଯାତ୍ରା ଉପଲକ୍ଷେ ଗ୍ରାମର ବିଭିନ୍ନ ସାହିରେ ୪ଟି ରାମାୟଣ ନାଟକ ମଞ୍ଚସ୍ଥ ହେଉଛି। ଭିଡ଼କୁ ଦୃଷ୍ଟିରେ ରଖି ଗଞ୍ଜାମ ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଗତ ଶୁକ୍ରବାର ମା'ଙ୍କୁ ଫୁଲ ଚଢ଼ାଯାଇଥିଲା । ଯାତ୍ରା ପରିଚାଳନା କମିଟି ସଭାପତି ରୂପେ ଜିଲା ପରିଷଦ ସଭ୍ୟ ସନାତନ ବେହେରା, ସମ୍ପାଦକ ଭାଗ୍ୟ ରେଡ୍ଡୀ, କୋଷାଧ୍ୟକ୍ଷ ପି. କ୍ରିଷ୍ଣା ରେଡ୍ଡୀ, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ୍ଡୀ, ଶାନ୍ତି କମିଟି ସଦସ୍ୟ କେ. ରଜନୀ ରେଡ୍ଡୀ, ରାବଣା ରେଡ୍ଡୀ, ମାସେନୁ ରେଡ୍ଡୀ, ଈଶ୍ୱର ସେଠୀ, ଶିବଶଙ୍କର ସେଠୀ, ଲୋକନାଥ ବେହେରା, ପୀତାମ୍ବର ବେହେରା, ଦଣ୍ଡ ବେହେରା, ଗ୍ରାମ ଠାକୁରାଣୀଙ୍କ ପୂଜକ ଲକ୍ଷ୍ମମନ ରେଡ୍ଡୀ ପ୍ରମୁଖ ଯାତ୍ରା ପରିଚାଳନା କରୁଛନ୍ତି। ସୂଚନାଯୋଗ୍ୟ, ଏହି ଯାତ୍ରା ତିନିବର୍ଷରେ ଥରେ ହେଉଥିଲା। ପରେ କୌଣସି କାରଣରୁ ଏହା ବନ୍ଦ ହୋଇଯାଇଥିଲା । ବାର ବର୍ଷ ପରେ ଚଳିତ ବର୍ଷ ମା'ଙ୍କ ଯାତ୍ରା ପୁଣି ଆରମ୍ଭ ହୋଇଛି।

## ଦୁଇ ସନ୍ତାନ ସହ ବିବାହିତା ନିଖୋଜ ଘଟଣା
## ଏସ୍‌ଆଇଙ୍କ ଦୁର୍ବ୍ୟବହାର ସମ୍ପର୍କରେ ଅଭିଯୋଗ କଲେ ଗ୍ରାମବାସୀ

ଦିଗପହଣ୍ଡି,୧୦।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗ୍ରାମର ଜଣେ ବିବାହିତା ମହିଳା ତାଙ୍କର ଦୁଇ ସନ୍ତାନଙ୍କ ସହ ଗତ ରବିବାରଠାରୁ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ତାଙ୍କ ସ୍ୱାମୀ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଜଣେ ଏସ୍‌ଆଇ ଘଟଣାର ତଦନ୍ତ ପାଇଁ ସମ୍ପୃକ୍ତ ଗ୍ରାମକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ପ୍ରତିବାଦରେ ଶନିବାର ଗ୍ରାମର ବହୁ ବ୍ୟକ୍ତି ଦିଗପହଣ୍ଡି ଥାନାରେ ପହଞ୍ଚି ଅସନ୍ତୋଷ ପ୍ରକାଶ କରିଥିଲେ। ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଗ୍ରାମବାସୀଙ୍କୁ ବୁଝାଶୁଝା କରି ଖୁବ୍‌ଶୀଘ୍ର ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ଥାନାରୁ ଫେରିଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଏକ ନିଖୋଜ ମାମଲା (ନଂ.୨୦/୨୫) ରୁଜୁ ହୋଇଥିବା ଜଣାପଡ଼ିଛି। ଗତ ୧୩ ବର୍ଷ ତଳେ ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳର ଜଣେ ଯୁବତୀ ଦିଗପହଣ୍ଡି ଥାନା ଅଞ୍ଚଳର ସମ୍ପୃକ୍ତ ଗ୍ରାମରେ ବିବାହ କରିଥିଲେ। ତାଙ୍କର ଜଣେ ୧୩ ବର୍ଷର ପୁଅ ଏବଂ ୪ ବର୍ଷର ଏକ କନ୍ୟାସନ୍ତାନ ରହିଛି। ପରକୀୟା ପ୍ରୀତିକୁ ନେଇ ଗତ କିଛିବର୍ଷ ହେଲା ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିରହୁଥିଲା। ସ୍ତ୍ରୀ ସ୍ୱାମୀଙ୍କ ଅଗୋଚରରେ ଏକ ମୋବାଇଲ ଫୋନ୍ ବ୍ୟବହାର କରୁଥିଲେ। ଗତ ୩ ତାରିଖରେ ଫୋନ୍‌ଟି ସ୍ୱାମୀଙ୍କ ନଜରରେ ପଡ଼ିବାରୁ ଏହା କାହାର ବୋଲି ସେ ସ୍ତ୍ରୀଙ୍କୁ ପଚାରିଥିଲେ। ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ଯୁକ୍ତିତର୍କ ଲାଗି ସ୍ୱାମୀ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଘଟଣା ପରଦିନଠାରୁ ସ୍ତ୍ରୀ ଓ ଝିଅପୁଅ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ଅନ୍ୟପକ୍ଷରେ କିଛି ଯଥେଷ୍ଟ କାରଣ ନ ଥାଇ ତାଙ୍କ ଝିଅଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ମିଳୁଥିଲା ବୋଲି ନିଖୋଜ ମହିଳାଙ୍କ ମା' ପୋଲିସକୁ କହିଛନ୍ତି। ଝିଅ ଓ ନାତୁଣୀ ନାତିଙ୍କ ନିଖୋଜ ଘଟଣାରେ ଜ୍ୱାଇଁଙ୍କ ହାତ ଥିବା ସେ ଅଭିଯୋଗ କରିଛନ୍ତି।

# ୪ ସ୍ଥାନରେ ୩୭୧୩ ମାମଲା ଫଇସଲା

ଭଞ୍ଜନଗର,୧୦।୫ (ବାବୁଲା ପ୍ରଧାନ)

ଗଞ୍ଜାମ ଓ ଗଜପତି ଜିଲାରେ ଶନିବାର ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅନୁଷ୍ଠିତ ହୋଇଛି। ଏହି ଦୁଇ ଜିଲାର ୪ଟି ସ୍ଥାନରେ ହୋଇଥିବା ଲୋକ ଅଦାଲତରେ ମୋଟ ୩୭୧୩ଟି ମାମଲା ଫଇସଲା ହୋଇଛି। ଆବଶ୍ୟକସ୍ଥଳେ ଜରିମାନା ଆଦାୟ କରାଯାଇଛି। ଗଞ୍ଜାମ ଜିଲାର ଭଞ୍ଜନଗର ଏଡିଜେ କୋର୍ଟରେ ହୋଇଥିବା ରାଷ୍ଟ୍ରୀୟ ଲୋକ ଅଦାଲତ ତାଲୁକ ଆଇନ ସେବା କମିଟି ପକ୍ଷରୁ ହୋଇଥିଲା। ଅତିରିକ୍ତ ଜିଲା ଜଜ ଶେଖ ମହମ୍ମଦ କଏସ, ବରିଷ୍ଠ ଦେୱାନି ବିଚାରପତି ଦେବାଶିଷ ବିଷୋୟୀ, ମାଜିଷ୍ଟ୍ରେଟ ସୌମ୍ୟ ରଞ୍ଜନ ପୃଷ୍ଟି, ମାଜିଷ୍ଟ୍ରେଟ ଭିଏନା ନାୟକ ଯୋଗଦେଇ ବିଭିନ୍ନ ମାମଲାର ଫଇସଲା କରିଥିଲେ। ମୋଟ ୨୧୪୫ ମାମଲା ଫଇସଲା ହୋଇଥିଲା। ମୋଟର ଦୁର୍ଘଟଣାଜନିତ ୨ଟି ମାମଲା ଫଇସଲା କରାଯାଇ ୧୬ ଲକ୍ଷ ୫୦ ହଜାର ଟଙ୍କା, ଚେକ ବାଉନ୍ସ ମାମଲା ୨ଟି ଫଇସଲା କରାଯାଇ ୯ ଲକ୍ଷ ୨୦ ହଜାର ଟଙ୍କା ହିତାଧିକାରୀଙ୍କୁ ଫେରାଇବାକୁ କୁହାଯାଇଛି। ରାଜସ୍ୱ ମାମଲା ୨୦୯୬ଟି ଫଇସଲା ହୋଇଛି । ବ୍ୟାଙ୍କ ସଂପର୍କିତ ୨ଟି ମାମଲାରୁ ୪ ଲକ୍ଷ ୯୧ ହଜାର ୮୬୬ ଟଙ୍କା ଆଦାୟ କରାଯାଇଛି। ୩ଟି ବୈବାହିକ ମାମଲା ଫଇସଲା ହୋଇଛି । ଲୋକ ଅଦାଲତ ବେଞ୍ଚ ସଦସ୍ୟ କୃତ୍ତିବାସ ବିଶ୍ୱାଳ, ଓକିଲ ରମେଶ ଚନ୍ଦ୍ର ପଣ୍ଡା, ଅଳକା ମଞ୍ଜରୀ ପଟ୍ଟନାୟକ, ସଂଘ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ଆଇନଜୀବୀ ବଂଶୀଧର ପ୍ରଧାନ ଓ ଅନ୍ୟମାନେ ସହଯୋଗ କରିଥିଲେ।


ଛତ୍ରପୁରରେ ଚାଲିଥିବା ଲୋକ ଅଦାଲତ ।

**ଛତ୍ରପୁର, (ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ):** ଛତ୍ରପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ଛତ୍ରପୁର ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ଜଜ୍ ମନୋରଞ୍ଜନ ଦାସ, ସିନିୟର୍ ସିଭିଲ ପୂଜା ଦେ, ଏସ୍‌ଡିଜେଏମ ପ୍ରୀତିଶ ରଥ, ଜେଏମଏଫସି ସ୍ୱାଗତିକା ସ୍ୱାଇଁ ଉପସ୍ଥିତ ଥିଲେ। ୧୭୧ଟି ମାମଲାର ବିଚାର ହୋଇ ୪୦ଟିରେ ସମାଧାନ ହୋଇଛି। ବେଞ୍ଚ ମେମ୍ବର ଗୋକୁଳ ଚନ୍ଦ୍ର ପଣ୍ଡା , ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ ପାଢ଼ୀ, ଓକିଲ ସୁରେଶ ପଣ୍ଡା, ନିରାକାର ମାଳ ଓ ଅନ୍ୟମାନେ ମାମଲା ପରିଚାଳନା କରିଥିଲେ।

**ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର):** ଦିଗପହଣ୍ଡି କୋର୍ଟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ୨୩ଟି ଫୌଜଦାରି ଏବଂ ୨ଟି ଦେୱାନି ମାମଲାର ଫଇସଲା ହୋଥିବା ଜଣାପଡିଛି। ସେହିପରି ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକଙ୍କ ପକ୍ଷରୁ ଋଣ ବାବଦରେ ୭୯ ହଜାର ୫୭ ଟଙ୍କା ଅଦାଲତରେ ଆଦାୟ କରାଯାଇଛି। ମାଜିଷ୍ଟ୍ରେଟ ନିଲିମା ଷଡଙ୍ଗୀ ମାମଲାଗୁଡିକର ଶୁଣାଣି କରିଥିଲେ। ପ୍ରଦୀପ ପୁରୋହିତ, ଆଇନଜୀବୀ ଏବଂ ସସ୍ମିତା ମହାରଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ପାରଳାଖେମୁଣ୍ଡି,(ଗିରିଧାରୀ ପରିଚ୍ଛା):** ପାରଳାଖେମୁଣ୍ଡି ସମେତ ଆର. ଉଦୟଗିରି, କାଶୀନଗର ଓ ମୋହନା ଲୋକ ଅଦାଲତରେ ମୋଟ ୧୫୦୩ଟି ମାମଲାର ତ୍ୱରିତ ସମାଧାନ କରାଯାଇଛି। ୨୧ଲକ୍ଷ ୮୨ହଜାର ୯୫୦ ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଛି। ଜିଲା ତଥା ଦୌରାଜଜ୍ ଜଗଦିଶ ପ୍ରସାଦ ମହାନ୍ତି କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରାଧିକରଣ ସଚିବ ବିମଳ ରାଉଳ ସହଯୋଗ କରିଥିଲେ। ପରିବାର ଅଦାଲତ ଜଜ୍ ଅଶୋକ ପାଢ଼ି, ଅତିରିକ୍ତ ଜିଲା ଜଜ୍ ପ୍ରଦୀପ ସାମଲ,ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନରୋତ୍ତମ ସେଠୀ, ସିଭିଲ କୋର୍ଟ ରେଜିଷ୍ଟ୍ରେର ସନ୍ତୋଷ ଅଗ୍ରୱାଲ, ମହିଳା କୋର୍ଟ ବରିଷ୍ଠ ଦେୱାନି ଅଧିକାରିଣୀ ରଶ୍ମିତା ସାହୁ, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକରିଣୀ ବିଷ୍ଣୁପ୍ରିୟା ସାମନ୍ତରାୟ ଉପସ୍ଥିତ ରହି ନିଜ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଆର. ଉଦୟଗିରି ଲୋକ ଅଦାଲତରେ ସବଜଜ୍ ପୁଣ୍ୟଶ୍ଲୋକ ରଥ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ତରୁଣ ସେଠୀ, କାଶୀନଗର ଗ୍ରାମ୍ୟ ନ୍ୟାୟାଳୟରେ ମୋନାଲିସା ବେହେରା ଆଗତ ମାମଲାଗୁଡିକର ଫଇସଲା କରିଥିଲେ।

**ମୋହନା (ମନ୍ମଥ ମିଶ୍ର):** ମୋହନା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶୁଭଜିତ୍ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୩ଟି ମାମଲା ବିଚାର ହୋଇଥିଲା। ଇଣ୍ଡିଆନ ବ୍ୟାଙ୍କ ଓ ଆରୋହନ ଫାଇନାନ୍ସ ପକ୍ଷରୁ ଏକକାଳୀନ ସମାଧାନ ପାଇଁ ୭୧ ହଜାର ଟଙ୍କା ଆଦାୟ କରାଯାଇଥିଲା।

# କେନ୍ଦ୍ରାପଡ଼ା ସମୁଦ୍ର ତଟରେ ହାଇ ଆଲର୍ଟ

■ ଜଳପଥରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
■ ସମୁଦ୍ରପଥରେ ସନ୍ଦିଗ୍ଧ ଅନୁପ୍ରବେଶକାରୀଙ୍କ ପ୍ରବେଶ ଆଶଙ୍କା


ସମୁଦ୍ରରେ ହାଇ ସ୍ପିଡ୍ ବୋଟରେ ପୋଲିସ ପଇଁତରା ମାରୁଛି।

ମହାକାଳପଡ଼ା, ୧୦।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କିଛିଦିନ ହେବ ପାକିସ୍ତାନ ଆତଙ୍କବାଦୀ ନିପାତ ବିରୋଧରେ ଭାରତ ତା'ର ଆଭିମୁଖ୍ୟ ପରିବର୍ତ୍ତନ କରିଛି। ଭାରତ ସରକାର ଆତଙ୍କବାଦୀମାନଙ୍କୁ ସମୂଳେ ନିପାତ କରିବା ପାଇଁ ସଂକଳ୍ପବଦ୍ଧ। ଏ ନେଇ ଭାରତ ଏୟାର ଷ୍ଟ୍ରାଇକ୍‌ରେ ମିଶାଇଲ ନିକ୍ଷେପକରି ସେମାନଙ୍କ ବଙ୍କରକୁ ଧ୍ୱଂସ କରିଥିଲା। ଏଥିରେ ଅନେକ ଆତଙ୍କବାଦୀ ନିପାତ ହୋଇଥିଲେ। ତଥାପି ପାକିସ୍ତାନ ଆତଙ୍କବାଦୀ ସଙ୍ଗଠନକୁ ସମର୍ଥନ ଜାରି ରଖିଛି। ଅପରପକ୍ଷରେ ୨ ଦେଶ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଭାରତ ସରକାରଙ୍କ ପକ୍ଷରୁ ସମୁଦ୍ର ଉପକୂଳ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସମୁଦ୍ର ଉପକୂଳ ଅଞ୍ଚଳରେ ୨ଟି ଅତି ସମ୍ବେଦନଶୀଳ ଅଞ୍ଚଳ ରହିଛି। ଯଥା ଉତ୍ତରରେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଓ ଦକ୍ଷିଣରେ ପାରାଦୀପ ବୃହତ୍ ବନ୍ଦର ଓ ଶିଳ୍ପାଞ୍ଚଳ ରହିଛି। ସେଥିପାଇଁ ଏହି ଅଞ୍ଚଳର ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ବଙ୍ଗୋପସାଗର କୂଳରେ ସୁରକ୍ଷା ବ୍ୟବସ୍ଥା ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ କଡ଼ାକଡ଼ି କରାଯିବା ସହ ଦୈନିକ ପଇଁତରା ମାରୁଥିବା ଦେଖିବାକୁ ମିଳୁଛି। ସେହିପରି ସମୁଦ୍ରରେ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅତ୍ୟାଧୁନିକ ଯନ୍ତ୍ର ବା କ୍ୟାମେରା ସହାୟତାରେ ନିରୀକ୍ଷଣ କରାଯାଉଛି। ସମୁଦ୍ରପଥରେ ଆତଙ୍କବାଦୀମାନେ ମତ୍ସ୍ୟଜୀବୀ ବେଶରେ ରହି ଏହି ଅଞ୍ଚଳରେ ଅନୁପ୍ରବେଶକୁ ସୁରକ୍ଷା ଅଧିକାରୀମାନେ ଟିକିନିଖି ନଜର ରଖିଛନ୍ତି। ଏହି ଅବସରରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଟିମ୍ ଶନିବାର ପୂର୍ବାହ୍ନରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ହାଇ ସ୍ପିଡ୍ ବୋଟ୍‌ରେ ପଇଁତରା ମାରୁଥିବା ଦେଖିବାକୁ ମିଳୁଛି। ଏହି ସ୍ୱତନ୍ତ୍ର ସୁରକ୍ଷା ଟିମ୍ ସମୁଦ୍ରରେ ଚଳାଚଳ କରୁଥିବା ବୋଟ୍, ଟ୍ରଲର, ମତ୍ସ୍ୟଜୀବୀ ଓ ଅନ୍ୟାନ୍ୟ ଦିଗ ପ୍ରତି ଅନୁଧ୍ୟାନ କରିଥିଲା। କୌଣସି ଅନୁପ୍ରବେଶକାରୀ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ସମୁଦ୍ରରେ ଦେଖିବା ମାତ୍ରେ ତୁରନ୍ତ ନିକଟସ୍ଥ ଥାନା ଓ ଜିଲା ପୋଲିସ ନିୟନ୍ତ୍ରଣ କକ୍ଷକୁ ଖବର ଦେବାକୁ କୁହାଯାଇଛି। ଏ ସମ୍ପର୍କରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ବିଶ୍ୱାଳଙ୍କୁ ପଚାରିବାରେ ଉପକୂଳ ଅଞ୍ଚଳରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ବୋଲି ସେ କହିଛନ୍ତି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜିତ୍


@ ପ୍ରତାକ୍


@ ପ୍ରିୟଙ୍କା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏନ୍‌ଏଚ୍‌ଆର୍‌ସି ମାଗିଲା ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ରିପୋର୍ଟ


ସାତଭାୟା ବିସ୍ଥାପିତ ଲୋକେ ବଗପାଟିଆରେ ଘରକରି ରହିଛନ୍ତି।

## ମୌଳିକ ସମସ୍ୟାରେ ବଗପାଟିଆ ମାମଲା

କେନ୍ଦ୍ରାପଡ଼ା, ୧୦।୫(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବଗପାଟିଆରେ ଅବସ୍ଥାପିତ ସାତଭାୟାବାସୀ ଏବେ ବି ମୌଳିକ ସମସ୍ୟାରେ ଅଛନ୍ତି। ଜୀବନଯାପନ ଅତ୍ୟନ୍ତ ଦୁର୍ବିସହ ହୋଇଛି। ଏହି ଅଭିଯୋଗ ଆଣି ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ଅଭିଯୋଗ କରିଥିଲେ। ଗତ ୫ ତାରିଖରେ ଏହାର ଶୁଣାଣି ହୋଇ ଆସନ୍ତା ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ ପାଇଁ ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆଇନଜୀବୀ ତ୍ରିପାଠୀଙ୍କ ଅଭିଯୋଗ ଅନୁଯାୟୀ, ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ସମୁଦ୍ର ତଟକ୍ଷୟର ଶିକାର ହୋଇଛନ୍ତି ସାତଭାୟାବାସୀ। ୨୦୦୮ରେ ସାତଭାୟାବାସୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ୨୦୨୦ ମସିହାରେ ଏଠାକାର ୫୭୧ ପରିବାରକୁ ସ୍ଥାନାନ୍ତର କରାଯାଇଛି। ତେବେ ସ୍ଥାନାନ୍ତର ହୋଇଥିବା ବଗପାଟିଆରେ ଏବେବି ଅଧିବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ସାମାନ୍ୟ ବର୍ଷାରେ ରାସ୍ତା ବେହାଲ ହେଉଛି। ପାନୀୟ ଜଳ, ଶିକ୍ଷା ବ୍ୟବସ୍ଥା ଆଦିର ଭିତ୍ତିଭୂମି ଅଭାବରୁ ଏଠିକାର ଅଧିବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିବେଶ ପରିମଳ, ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଅବହେଳା ହେଉଥିବା ଆଇନଜୀବୀ ତ୍ରିପାଠୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଇଟାରେ ପିଟି ସ୍ତ୍ରୀଙ୍କୁ ହତ୍ୟା

ଦଶରଥପୁର, ୧୦।୫(ସୁଶାନ୍ତ କୁମାର ବେହୁରିଆ):

ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ପରିପଦା ଗ୍ରାମରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର କିଶୋର ସାହୁ(୫୨) ତାଙ୍କ ସ୍ତ୍ରୀ ରାଜଶ୍ରୀ ସାହୁ(୪୪)ଙ୍କୁ ଇଟାରେ ପିଟି ହତ୍ୟା କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ କିଶୋରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସନ୍ଧ୍ୟା ପ୍ରାୟ ୭ଟା୩୦ରେ କିଶୋର ନିଶାଶକ୍ତ ହୋଇ ଘରକୁ ଫେରିଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ ମୋବାଇଲ ଫୋନ ଯୋଗେ କାହା ସହ କଥା ହେଉଥିଲେ। ଏହାଦେଖି କିଶୋର ଉତ୍ତେଜିତ ହୋଇ ଘର ନିକଟରେ ପଡ଼ିଥିବା ଇଟା ଓ ପଥର ସାହାଯ୍ୟରେ ତାଙ୍କ ସ୍ତ୍ରୀ ମୁଣ୍ଡକୁ ପଛରୁ ପିଟି ଦେଇଥିଲେ। ରାଜଶ୍ରୀ ତଳେ ପଡ଼ି ଯାଇଥିଲେ। ଏହାପରେ କିଶୋର ପୁନର୍ବାର ତାଙ୍କ ମୁଣ୍ଡକୁ ଇଟା ଓ ପଥର ସାହାଯ୍ୟରେ ପିଟି ଚାଲିଥିଲେ। ଫଳରେ ଘଟଣାସ୍ଥଳରେ ରାଜଶ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଷ୍ଟୋନ କ୍ରଶର ପାଇଁ ନୂଆ ନିୟମାବଳୀ ଜାରି



■ ଉଲ୍ଲଂଘନ କଲେ ଅନୁମତି ରଦ୍ଦ
■ ୩ ବର୍ଷ ହେଲା ଭିତ୍ତିପ୍ରସ୍ତରରେ ସୀମିତ କ୍ଲଷ୍ଟର ୟୁନିଟ

ଯାଜପୁର, ୧୦।୫(ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲା ଦେଇ ଯାଇଥିବା ୫୩ନଂ.ଜାତୀୟ ରାଜପଥର ଚଣ୍ଡିଖୋଲ ଡାକବଙ୍ଗଳା ଛକଠାରୁ ଚଢ଼େଇଧରା ପର୍ଯ୍ୟନ୍ତ ଏକାଧିକ ବେଆଇନ ଷ୍ଟୋନ କ୍ରଶର ଚାଲିଛି। ସେଠାରେ ବିଭିନ୍ନ ସମୟରେ ଶ୍ରମିକମାନଙ୍କ ମୃତ୍ୟୁ ହେଉଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଏପରିକି ଅନୁମତିଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ ସହିତ କ୍ରଶର ୟୁନିଟ୍‌ରେ ମେଟାଲ, ବୋଲଡର ଇତ୍ୟାଦି କ୍ରଶ କରାଯାଇ ବେଆଇନ ପରିବହନ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଷ୍ଟିଲ ଏବଂ ମାଇନ୍ସ ବିଭାଗ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜୋର(ଏସ୍‌ଓପି) ଓ ଷ୍ଟୋନ କ୍ରଶର ପଞ୍ଜୀକରଣ ପାଇଁ ଏକ ନୂତନ ନିୟମାବଳୀ ପ୍ରସ୍ତୁତ କରାଯାଇଛି। ଏହି ମର୍ମରେ ଷ୍ଟିଲ ଓ ମାଇନ୍ସ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଦୌଲତ ଚନ୍ଦ୍ରକାର ନିୟମ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ୫।୫।୨୦୨୫ରେ ଲଘୁ ଖଣି ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଥିବା ବେଆଇନ ଷ୍ଟୋନ କ୍ରଶରଗୁଡିକ ଉପରେ ୨୦୧୫ରୁ ଏଯାଏ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଥର ପ୍ରଶାସନିକ ଚଢାଉ ହୋଇ ସାରିଛି। ଏଥିରେ ପରିବେଶଗତ ଅନୁମତି, ଟ୍ରାନ୍‌ଜିଟ ପାସ୍, ବିକ୍ରୀ ରସିଦ ଇତ୍ୟାଦି ଯାଞ୍ଚ ହେଉଛି। ହେଲେ ଚଢାଉ ହୁଏ, କିନ୍ତୁ ସରକାରଙ୍କ ପାଖକୁ ରାଜସ୍ୱ ମିଳେନି କିମ୍ବା ପରବର୍ତ୍ତୀ ସମୟରେ ଖିଲାପି କ୍ରଶର ମାଲିକଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବାର ନଜିର ନାହିଁ। ସରକାର ପରିବର୍ତ୍ତନ ହେବା ପରେ ଗତ ଜୁଲାଇରେ ଲଘୁ ଖଣି ବିଭାଗ ପକ୍ଷରୁ ୯୯ କ୍ରଶରରେ ଚଢାଉ କରାଯାଇଥିଲା। ଏଥର ବିଭିନ୍ନ ଆଇନଗତ ଖିଲାପି କ୍ରଶର ମାଲିକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇପାରେ ବୋଲି ଆଶା କରାଯାଇଥିଲା। କିନ୍ତୁ ଅଞ୍ଚଳବାସୀଙ୍କ ଆଶା ଫସର ଫାଟିଥିଲା। ପରିବେଶ ନିୟମ ଓ ସାଇଟିଂ କ୍ରାଇଟେରିଆ ବହିର୍ଭୂତ କରି ବିନା ପ୍ରମାଣପତ୍ରରେ ଚାଲୁଥିବା ପଥର ଭଙ୍ଗା କ୍ରଶରଗୁଡ଼ିକୁ ଉଚ୍ଛେଦ ଓ ସିଲ୍ କରିବାର କେଇଦିନ ଯାଉଛି କି ନାହିଁ ତାହା ପୁଣି ଜୋରସୋରରେ ଚାଲୁଛି। କ୍ରଶରଗୁଡିକର ଉତ୍କଟ ପ୍ରଦୂଷଣରେ କୋମଳମତି ସ୍କୁଲ ପିଲାମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ସ୍କୁଲ ଠାରୁ ୫୦୦ ମିଟର ଦୂରତା ମଧ୍ୟରେ କୌଣସି ଷ୍ଟୋନ କ୍ରଶର ପ୍ରତିଷ୍ଠା ହୋଇ ପାରିବ ନାହିଁ ବୋଲି ଆଇନ ରହିଛି। କିନ୍ତୁ ଏଠାରେ ଏହିସବୁ ଆଇନ କେବଳ କାଗଜପତ୍ରରେ ସୀମିତ ରହିଛି ବୋଲି ଅଭିଯୋଗ ହେଉଛି। ଏହି କ୍ରମରେ କ୍ରଶର ୟୁନିଟ ସ୍ଥାପନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସକାଶେ ଜମି ଯୋଗାଇ ଦେବାକୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଏହାପରେ ଆରୁହା ଇଣ୍ଡଷ୍ଟ୍ରିଆଲ ଅଞ୍ଚଳର ବରଡା, ଅଞ୍ଜିରା, ଅଲାଖିଆଠାରେ ଜମି ଚିହ୍ନଟ କରାଯାଇ ୨୯।୬।୨୦୨୨ରେ ତତ୍କାଳୀନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଦ୍ୱାରା କ୍ରଶର ୟୁନିଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ହେଲେ ଉକ୍ତ କ୍ରଶର ୟୁନିଟ ଏଯାଏ କାର୍ଯ୍ୟକ୍ଷମ ହେଉ ନ ଥିବା ମତପ୍ରକାଶ ପାଉଛି। ଏଭଳି ଭାବେ କ୍ରଶର ଭଙ୍ଗା ଏବଂ ପରେ ପୁଣି ଚାଲିବା ଅନୁମତି ମାଲିକଙ୍କ ପାଇ ପୁଷମାସ ହୋଇଛି। ମେଗା କ୍ରଶରଗୁଡିକରେ ଅତ୍ୟଧିକ କଳାପଥର ମହଜୁଦ ରହୁଛି। ଯେଉଁ ପରିମାଣରେ ସରକାରୀ ଅନୁମତି ନେଇ ପଥର ଖାଦାନ ଚାଲି ନାହିଁ ତାହାଠାରୁ ବହୁ ଗୁଣରେ ଅଧିକ କଳାପଥରର କ୍ରଶରଗୁଡିକରେ ଦେଖିବାକୁ ମିଳୁଛି। ଏହି କ୍ରମରେ ଏହି ବେଆଇନ କାର୍ଯ୍ୟକୁ ନିୟନ୍ତ୍ରଣ କରିବାକୁ ଷ୍ଟୋନ କ୍ରଶର୍ ୟୁନିଟ ପଞ୍ଜୀକରଣ ପାଇଁ ଅନୁମୋଦିତ ଏସ୍‌ଓପି ପ୍ରକ୍ରିୟା ଉଲ୍ଲେଖ କରାଯାଇଛି। ଏଥିରେ ଆବଶ୍ୟକ ଅନୁମତି ଏବଂ ଇ-ଟ୍ରାନ୍ସିଟ ପାସ, କ୍ରଶର ୟୁନିଟକୁ ପ୍ରାରମ୍ଭ କରିବା ପୂର୍ବରୁ ବିଭାଗୀୟ ଅଧିକାରୀଙ୍କଠାରୁ ଅନୁମତି ଏବଂ ଆଇ୪ଏମ୍‌ଏସ୍ ସିଷ୍ଟମ ଦ୍ୱାରା ଇ-ଟ୍ରାନଜିଟ ପାସ ଉପଲବ୍ଧ କରିବା ଅବଶ୍ୟକ, କ୍ରଶର ୟୁନିଟ ଦ୍ୱାରା କେତେ ଷ୍ଟୋନ ପ୍ରାପ୍ତ ହୋଇଛି, କେତେ କ୍ରଶ ହେବା ସହିତ କେଉଁଠି ପଠାଯାଇଛି, ସେ ସମସ୍ତ ତଥ୍ୟ ଫର୍ମ-ସି ରେ ଦର୍ଶାଇବା, ପ୍ରତି ମାସର ପ୍ରଥମ ସପ୍ତାହରେ ଫର୍ମ-ସି ପୁସ୍ତିକା ପ୍ରଦାନ କରିବ, କ୍ରଶର ୟୁନିଟ ଯେମିତି ତାଙ୍କର ସମସ୍ତ ଖାତା ଓ ରିପୋର୍ଟ ଅପଡେଟ ରଖିବା ଏବଂ ଏହାକୁ କେଉଁ ସମୟରେ ନିରୀକ୍ଷକଙ୍କୁ ଦେଖାଇବା ଅବଶ୍ୟକ, କ୍ରଶର ୟୁନିଟରେ ପରିବେଶ ନିୟମ ପାଳନ କରିବା, ଅଧିକାରୀଙ୍କୁ ଷ୍ଟକ ଓ ଖାତା ଯାଞ୍ଚ କରିବାକୁ ଅନୁମତି ଦେବା। ପ୍ରତ୍ୟେକ କ୍ରଶର ୟୁନିଟରେ ସିସିଟିଭି ଏବଂ ଚେକ୍‌ଗେଟ ଲାଗିବା ଏବଂ ସେଗୁଡିକୁ ସର୍ବଦା ଚାଲୁ ରଖିବା ଇତ୍ୟାଦି ନିୟମ ରହିଛି। ଯଦି କୌଣସି କ୍ରଶର ୟୁନିଟ ଉପରୋକ୍ତ ସର୍ତ୍ତଗୁଡିକୁ ଅନୁସରଣ କରିନାହାଁନ୍ତି ତେବେ ତାଙ୍କର ପଞ୍ଜୀକରଣ ରଦ୍ଦ କରାଯିବ ବୋଲି ଷ୍ଟିଲ ଏବଂ ମାଇନ୍ସ ବିଭାଗ ପକ୍ଷରୁ ନିୟମାବଳୀ ପ୍ରସ୍ତୁତ କରାଯାଇଛି।

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-19: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୧୩।୦୫।୨୦୨୫ରିଖ (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୦୯।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ
ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0108/2526

**ବିଜ୍ଞାପନ**

No. C-301: ଏତଦ୍ୱାରା କଟକ ମହାନଗର ନିଗମ ଅଞ୍ଚଳରେ ହୋର୍ଡ଼ିଂ ବ୍ୟବସାୟ କରୁଥିବା ନିଗମ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସମସ୍ତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଯେଉଁ ସଂସ୍ଥା ବା ବ୍ୟକ୍ତିବିଶେଷ ସେମାନଙ୍କ ସପକ୍ଷରେ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଥିବା ବକେୟା ଅର୍ଥ ପୈଠ କରିନାହାନ୍ତି ସେମାନେ ଆସନ୍ତା ତା୧୬।୦୫।୨୫ରିଖ ସୁଦ୍ଧା ମହାନଗର ନିଗମ କାର୍ଯ୍ୟାଳୟ, ଚୌଧୁରୀ ବଜାର ଲାଇସେନ୍ସ ବିଭାଗରେ ସେମାନଙ୍କ ସପକ୍ଷରେ ଥିବା ଧାର୍ଯ୍ୟ ଅର୍ଥ ତୁରନ୍ତ ପୈଠ କରନ୍ତୁ। ଯେଉଁମାନେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ବକେୟା ଅର୍ଥ ପୈଠ ନ କରିବେ ସେମାନଙ୍କ ହୋର୍ଡ଼ିଂ ଗୁଡ଼ିକ ଉଚ୍ଛେଦ କରିବା ସହିତ ବକେୟା ଅର୍ଥ ଫାଇନ ସହିତ ଆଦାୟ କରାଯିବ ଓ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏତତ୍ ସହିତ ଯେଉଁ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ତାଙ୍କର ବକେୟା ଅର୍ଥ ପୈଠ ନ କରନ୍ତି ତେବେ ସେମାନଙ୍କୁ ଭବିଷ୍ୟତରେ ସି.ଏମ୍.ସି. ସହିତ କୌଣସି କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ କିମ୍ବା କୌଣସି ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ଅନ୍ତର୍ଭୁକ୍ତ କରାଯିବ ନାହିଁ।

ସ୍ୱା./- ଉପ ଆୟୁକ୍ତ (ଲାଇସେନ୍ସ)
OIPR-13031/11/0180/2526 — କଟକ ମହାନଗର ନିଗମ

**GOVERNMENT OF ODISHA** No.C-283
**OFFICE OF THE SUPERINTENDING ENGINEER, P.H. DIVISION, SAMBALPUR**
Email ID : eephdsbp@gmail.com
**NOTICE INVITING TENDERS**
**National Competitive Bidding Through e-Procurement**
**Bid Identification No. SEPHSBP-01/2025-26 Dt.07.05.2025**

| | | |
|---|---|---|
| 01. | Name of the Work | : 1 Nos Work |
| 02. | Type of Bid | : Single Bid System |
| 03. | Estimated Cost | : Rs.18.92 lakh |
| 04. | Period of Completion | : 2 (Two) Calendar Months |
| 05. | Date & Time of availability of bid document in the portal | : From 11.00 A.M. of dt.14.05.2025 to 5.00 P.M. of 28.05.2025 |
| 06. | Last date / time of receipt of bids in the portal | : 5.00 P.M. of 28.05.2025 |
| 07. | Date & Time of opening of technical bids | : At 11.30 A.M. of 29.05.2025 |
| 08. | Name and Address of the Officer Inviting Bid | : Superintending Engineer, P.H. Division, Sambalpur, Near V.S.S. Stadium, Brooks Hill, Dist.-Sambalpur-768 001 |

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Superintending Engineer
P.H. Division, Sambalpur
OIPR-13026/11/0009/2526

**GOVERNMENT OF ODISHA** NO.A-140
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**BALANGIR IRRIGATION CIRCLE, BALANGIR**
E-mail : sebalangir@gmail.com
**"e-Procurement Notice"**
**Bid Identification No. : ACE, BOIC-01/2025-26**
**Procurement Details**

| Pkg. No. | Name of works | Approx. Tender Cost in lakh | Class of Contractor | Bid Security/EMD-(online)-(in INR) | Cost of tender document (online)-(in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Flood Protection works at the right bank of river Salki near daily market at Baghiapada GP of Boudh Block (working RD 00M to 135M.) | Rs.117.51 Lakh (excluding G.S.T) | 'A' & 'B' Class | Rs.1,17,520/- | Rs.10,000/- | 12(Twelve) Calendar Months |
| 2 | Construction of Flood Protection wall/stone patching in River Salki from the existing stone patching at Gupteswar mandir upto 500m in the U/S and 100M in the D/S in village Khaliapali under Brahmanipali G.P. of Boudh Block(working RD 00M to 140M U/S and RD 171M to 231M D/S) | Rs.154.25 Lakh (excluding G.S.T) | 'A' & 'B' Class | Rs.1,54,260/- | Rs.10,000/- | 12(Twelve) Calendar Months |
| 3 | Flood Protection work to right bank of river Mahanadi from RD 75.00M to 675.00M [D/S to ghat to muhana] near village Kodasingha of Harbhanga G.P of Harbhanga Block (working RD 75M to 358M.) | Rs.184.41 Lakh (excluding G.S.T) | 'A' & 'B' Class | Rs.1,84,420/- | Rs.10,000/- | 12(Twelve) Calendar Months |

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC - 01/2025-26 | Dt.13.05.2025 at 10.00 hours | Dt.02.06.2025 up to 17.30 hours | Dt.13.05.2025 to Dt.20.05.2025 At Office during office hours. (In working days) | Dt.03.06.2025 at 11.00 Hours | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in"

Sd./- Additional Chief Engineer
Balangir Irrigation Circle, Balangir
OIPR-32347/11/0003/2526

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer, Drainage Circle, Balasore.**
Email ID: sedcbls@yahoo.com
**"e" PROCUREMENT NOTICE NO.- ACEDCBLS - 03/2025-26**
NO.A-135

| Procurement Officer/ Name & address of the officer inviting Bids. | Name of work | Bid Identification Number | Tender Cost (in INR) (excluding G.S.T) of individual work | Bid Security/ EMD- (online)- (in INR) | Cost of tender document- (online)- (in INR) | Class of Contractor (Odisha PWD or equivalent class of other licensing authority) | Period of completion | Bid document available on-line for bidding From | To | Date of opening of the Technical Bid (Cover-I) |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| Additional Chief Engineer, Drainage Circle, Balasore. | Improvement to link drains of Nuanai Nalla including structure in Tihidi Block under Doab No. XII | ACEDCBLS/ DDBDK-01- 03/2025-26 | Rs.2,34,42,985/- | Rs.2,34,430/- | Rs.10,000/- | "B" and "A" Calss Contractor | 11 (Eleven) Calendar months | 14.05.25 | 28.05.25 | 29.05.25 |
| | Improvement to Kandia Drainage Channel from RD 00km to 27.00 km in Dhamnagar Block of Bhadrak District under Doab No. XIII. (Balance Work) | ACEDCBLS/ DDBDK- 02- 03/2025-26 | Rs.1,75,09,322/- | Rs.1,75,094/- | Rs.10,000/- | "B" and "A" Class Contractor | 11 (Eleven) Calendar months | 14.05.25 | 28.05.25 | 29.05.25 |
| | Improvement to Parbati and its link drain, Kanti D.C., Gohira D.C., D.C. from Mubarakpur to Jawnai and D.C. from Kubergodia to Jawnai in Bhandaripokhari Block of Bhadrak District under Doab No-XIII | ACEDCBLS/ DDBDK- 03- 03/2025-26 | Rs.4,22,95,633/- | Rs.4,22,960/- | Rs.10,000/- | "A" Class Contractor | 11 (Eleven) Calendar months | 14.05.25 | 28.05.25 | 29.05.25 |

Further details can be seen from the Govt. website www.tendersodisha.gov.in.

Sd./- Additional Chief Engineer,
Drainage Circle, Balasore
OIPR-32190/11/0016/2526

**झारखण्ड सरकार**
**पेयजल एवं स्वच्छता विभाग**
ई-प्रोक्योरमेन्ट सूचना
(द्वितीय आमंत्रण)
अति-अल्पकालिन निविदा सूचना संख्या – **DHN-1/02/2025-26** दिनांक – **10.05.2025**

| | | | | | | |
|---|---|---|---|---|---|---|
| 1 | NAME OF WORK:- RELOCATION OF 125/115 MM DIA DEEP DRILLED TUBE WELL OF 75 MTRS DEPTH WITH INSTALLATION OF INDIA MARK -II (IS:15500 PART -2/2004) HAND PUMP WITH LOWERING OF 32 MM DIA MEDIUM QUALITY GI PIPE & CONSTRUCTION OF PLATFORM & DRAIN IN DIFFERENT VILLAGES ON TURN KEY BASIS UNDER D.W.&S. DIVISION NO.1, DHANBAD UNDER DMFT HEAD. FOR THE YEAR 2025-26 | | | | | |
| | ग्रुप संख्या | ड्रिल्ड न० की संख्या | प्राक्कलित राशि (लाख में) | अग्रधन की राशि (लाख में) | परिमाण विपत्र का मूल्य (रूपये में) | कार्य पूर्ण करने की अवधि |
| | SR-KAN | 25 | 24.27350 | 0.50 | 5000.00 | 90 Days |
| | SR-NIR | 25 | 24.27350 | 0.50 | 5000.00 | 90 Days |
| | SR-KAL | 25 | 24.27350 | 0.50 | 5000.00 | 90 Days |
| | SR-EGY | 25 | 24.27350 | 0.50 | 5000.00 | 90 Days |
| 2 | वेबसाइट पर निविदा प्रकाशन की तिथि | | | | 13.05.2025 समय 04.00 बजे अपराहन तक | |
| 3 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | | | | 20.05.2025 समय 05.00 बजे अपराहन् तक | |
| 4 | सरकार के सचिव, सूचना प्रौद्योगिकी एवं ई- गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | | | | 20.05.2025 समय 05.00 बजे अपराहन् तक | |
| 5 | तकनीकी बिड खोलने की तिथि एवं समय | | | | 21.05.2025 समय 05.00 बजे अपराहन् | |
| 6 | तकनीकी बिड खोलने का स्थान | | | | कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद | |
| 7 | निविदा आमंत्रित करने वाले पदाधिकारी का नाम/पदनाम :- रणजीत कुमार ठाकुर, कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद | | | | | |
| 8 | निविदा आमंत्रित करने वाले कार्यालय का टेलिफोन नं० : 0326-3148874 | | | | | |
| 9 | ई- प्रोक्यूरमेन्ट सेल का हेल्प लाईन सं० : 0651-2480345 | | | | | |

नोट – (1) केवल ई निविदा ही स्वीकार किये जायेंगे।
(2) प्राक्कलित राशि घट-बढ़ सकती है तदनुसार अग्रधन की राशि एवं परिमाण विपत्र का मूल्य भुगतेय होगी।
अधिक जानकारी के लिए वेवसाईट http://jharkhandtenders.gov.in पर देखा जा सकता है।

कार्यपालक अभियन्ता
पेयजल एवं स्वचछता प्रमंडल सं.1, धनबाद
PR 352163 Drinking Water and Sanitation(25-26).D

# ନବ ନିର୍ମିତ ଶୌଚାଳୟରେ ତାଲା ଝୁଲୁଛି

**ଖଣ୍ଡପଡ଼ା, ୧୦।୫ (ଅଜୟ କୁମାର ମହାରଣା)**

ଖଣ୍ଡପଡା ସହର ୧ନଂ.ୱାର୍ଡ ଅଧୀନ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ନବ ନିର୍ମିତ ନୂତନ ଶୌଚାଳୟ ଓ ସ୍ନାନାଗାର ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଲାନାହିଁ । ଏବେ ସେହି ଶୌଚାଳୟ ଫାଟକରେ ତାଲା ଝୁଲୁଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଆଜକୁ ପ୍ରାୟ ବର୍ଷେ ତଳେ ସହରବାସୀଙ୍କ ଆବଶ୍ୟକତା ଓ ଯାତ୍ରୀବାହୀ ବସ ରହଣିସ୍ଥଳୀକୁ ଆଖି ଆଗରେ ରଖି ଲୋକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏନ୍‌ଏସି ଅଧିକାରୀଙ୍କ ଦ୍ୱାରା ନୂତନ ଶୌଚାଳୟଟି ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା । ୨ ମାସ ତଳେ ସୁଲଭ ଶୌଚାଳୟର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଅଦ୍ୟାବଧି ତାହା ପ୍ରଶାସନିକ ସ୍ଥାଣୁତା ଯୋଗୁ କାର୍ଯ୍ୟକ୍ଷମ ନ ହୋଇ ପଡ଼ି ରହିଛି । ଏଥିପାଇଁ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଖଣ୍ଡପଡ଼ା ଏନ୍‌ଏସି ଅଧିକ୍ଷା ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ୪୧୩୯ ମାମଲାର ସମାଧାନ





ରାଷ୍ଟ୍ରୀୟ ଲୋକ ଅଦାଳତରେ ସାମିଲ ହୋଇଥିବା ଆଇନଜୀବୀ ।

## ନୟାଗଡ଼ ଜିଲାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ନୟାଗଡ଼, ୧୦।୫ (ଲୋକନାଥ ମିଶ୍ର)**

ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣା ଏବଂ ସଚିବ ଅଞ୍ଜଳି ମଚ୍ଛଖଣ୍ଡଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି । ଲୋକ ଅଦାଲତରେ ୪୧୩୯ ମାମଲ ଫଏସଲା ହୋଇଛି। ନୟାଗଡ଼ ଜିଲାର ଲୋକ ଅଦାଲତରେ ମୋଟ ୯ ମୋଟର ଦୁର୍ଘଟଣା ଜନିତ ମାମଲା ଫଏସଲା କରାଯାଇ ୪୧,୪୯,୦୦୦ ଟଙ୍କା କ୍ଷତିପୂରଣ ବାବଦକୁ ପ୍ରଦାନ କରିବା ପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ୮୩ ଦେୱାନି ମକଦ୍ଦମାର ଫଏସଲା କରାଯାଇଛି । ଏନ୍.ଆଇ ଆକ୍ଟ ୪ଟି ଫଏସଲା କରାଯାଇ ୧,୧୧,୨୦୦ ଟଙ୍କା ଆଦାୟ କରାଯାଇଛି । ଅନ୍ୟାନ୍ୟ ଫୌଜଦାରୀ ମାମଲା ୩୫୭ଟିରୁ ୧୫୭ ଫଏସଲା କରାଯାଇ ୧୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ବ୍ୟାଙ୍କ ଋଣ ପରିଶୋଧ କରି ନ ଥିବା ୨୫୦୮ ଜଣଙ୍କ ମଧ୍ୟରୁ ୭୫ ଋଣଗ୍ରହିତାଙ୍କଠାରୁ ୨୮,୫୯,୭୧୬ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷର ହୋଇଛି । ସେହିପରି ୩୮୦୧ ରାଜସ୍ୱ ମାମଲା ଫଏସଲା କରାଯାଇ ୮,୦୧,୩୪୩ ଟଙ୍କା ଆଦାୟ କରାଯାଇଛି । ଜିଲା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତରେ ୨ଟି ମାମଲା ସମାଧାନ ହୋଇଯାଇଛି । ବିଦ୍ୟୁତ୍ ବିଲକୁ ନେଇ ୭୦ଟି ମାମଲାରୁ ଗୋଟିଏ ଫଏସଲା କରାଯାଇ ୪୦ହଜାର ଟଙ୍କା ଆଦାୟ କରାଯାଇଛି । ଲୋକ ଅଦାଲତରେ ଜିଲା ଓ ଦୌରା ଜଜ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ଓ ଦୌରାଜଜ ରିଜା ରାୟ, ଯେ ଏମ୍ ଶୃତିସ୍ନିଗ୍ଧା ଦାଶ, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି(ଏଲ ଆର ଆଣ୍ଡ ଏଲ ଟିଭି ) ରବି ନାରାୟଣ ବେହେରା, ସଚିବ ଅଞ୍ଜଳି ମଚ୍ଛଖଣ୍ଡ, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ସମାପିକା ସମଦର୍ଶିନୀ, ଜେଏମ୍ଏଫ୍‌ସି ଲଳିତା ପାତ୍ର, ଜେଏମ୍ଏଫ୍‌ସି ସମୃଦ୍ଧି ସାଗରିକା ବାରିକ, ଜେଏମ୍ଏସ୍‌ସି ସୁଶ୍ରୀତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ । ଏଥିସହିତ ରେଜିଷ୍ଟ୍ରାର ସୋନାଲୀ ସରିତା ଏବଂ ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ ( ମହିଳା ଅଦାଲତ) ସ୍ୱୟଂ ପ୍ରଭା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଲୋକ ଅଦାଲତକୁ ସଫଳ କରିବା ପାଇଁ ଅଷ୍ଟବକ୍ରା ଦଣ୍ଡପାଣି ସ୍ୱାଇଁ, ରମେଶ ଚନ୍ଦ୍ର ମହାରଣା,କାମାକ୍ଷା ପ୍ରସାଦ ଦାସ, ଅମନ ମିଶ୍ରଙ୍କ ସମେତ ସମସ୍ତ ନ୍ୟାୟ ଅସୀକାର ମିତ୍ର (ସାମାଜିକ ସକ୍ରିୟକର୍ତ୍ତା)ଏବଂ ଜିଲା ଆଇନ ସେବା ପ୍ରାଧରଣର କର୍ମଚାରୀମାନେ ସହଯୋଗ କରିଥିଲେ ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜିତ୍



@ ପ୍ରତୀକ୍



@ ପ୍ରିୟଙ୍କା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆପୋସ ଆଲୋଚନାରେ ୬୮ ମାମଲାର ସମାଧାନ



ଲୋକ ଅଦାଲତରେ ବିଚାରପତିଙ୍କ ଗହଣରେ ଆଇନଜୀବୀ ଓ ମାମଲାକାରୀମାନେ ।

## ଓଡ଼ଗାଁରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଓଡ଼ଗାଁ, ୧୦।୫(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ତାଲୁକ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଦେୱାନି ଅଦାଲତ ପରିସରରେ ଶନିବାର ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଏହି ଲୋକ ଅଦାଲତରେ ୧୦୮ ମାମଲା ମଧ୍ୟରୁ ୬୮ଟି ମାମଲାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇଯାଇଛି। ସେଥିମଧ୍ୟରୁ ଫୌଜଦାରୀ ସମ୍ବନ୍ଧୀୟ ୨୪ ,ଦେୱାନୀ ସମ୍ବନ୍ଧୀୟ ୪୦ ଓ ବୈବାହିକ ସମ୍ବନ୍ଧୀୟ ୩ ମାମଲା ରହିଛି। ମୋଟରଯାନ ଦୁର୍ଘଟଣା ସମ୍ବନ୍ଧୀୟ ଗୋଟିଏ ମାମଲାରେ ଦୁର୍ଘଟଣାରେ କ୍ଷତିଗ୍ରସ୍ତଙ୍କୁ ୧୮ ହଜାର ଟଙ୍କା କ୍ଷତି ପୂରଣ ସମ୍ପୃକ୍ତ ବୀମା ପ୍ରତିଷ୍ଠାନଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ୧୪ ବ୍ୟାଙ୍କ ସମ୍ବନ୍ଧୀୟ ମାମଲା ସମାଧାନ କରାଯାଇ ଖିଲାପିମାନଙ୍କଠାରୁ ୩ ଲକ୍ଷ ୯୭ହଜାର ୪ଶହ ଟଙ୍କା ଆଦାୟ କରାଯାଇଛି। ଆଜିର ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଓଡ଼ଗାଁ ଆଇନ ସେବା ପ୍ରାଧିକରଣ ସଚିବ ତଥା ଅତିରିକ୍ତ ଜିଲା ଦୌରାଜଜ ସଂଘମିତ୍ରା ଶର୍ମା, ଦେୱାନି (ବରିଷ୍ଠ) ଅଦାଲତର ବିଚାରପତି ଜନ୍ମେଜୟ ଦାସ, ଦେୱାନୀ (କନିଷ୍ଠ) ଅଦାଲତର ବିଚାରପତି ହରମୋହନ ଦାଶ ଓ ଗ୍ରାମ ନ୍ୟାୟାଳୟ ବିଚାରପତି ସୌମ୍ୟଶ୍ରୀ ମହାପାତ୍ର ସମ୍ପୃକ୍ତ ଅଦାଲତରେ ମାମଲାଗୁଡ଼ିକ ପରିଚାଳନା କରିଥିଲେ । ଓଡ଼ଗାଁ ଆଇନ ସେବା ପ୍ରାଧିକରଣ ସଂଯୋଜିକା ଶ୍ରଦ୍ଧାଞ୍ଜଳୀ ରଥ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରକାରୀ ଓକିଲ ଇନ୍ଦୁଭୂଷଣ ମିଶ୍ର, ପ୍ରମୋଦ କୁମାର ବିଶ୍ୱାଳ ଓ ବିଜୟ କୁମାର ରଥ, ଆଇଜୀବୀ ସୁଶାନ୍ତ କୁମାର ମିଶ୍ର, ରାଧାକୃଷ୍ଣ ମହାପାତ୍ର, ଚିତ୍ତରଞ୍ଜନ ଦାଶ ଓ ବିବେକାନନ୍ଦ ସରସ୍ୱତୀ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରସ୍ତାବିତ ରେଳ ଗଣଧାରଣା ସ୍ଥଗିତ

**ନୟାଗଡ଼, ୧୦।୫(ଲୋକନାଥ ମିଶ୍ର)**

ଭାରତ–ପାକିସ୍ତାନ ଯୁଦ୍ଧ ପରିପ୍ରେକ୍ଷୀରେ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ୧୧ ତାରିଖରେ ନୟାଗଡ଼ ଟାଉନ ରେଳ ଷ୍ଟେଶନରେ ହେବାକୁ ଥିବା ରେଳ ଗଣଧାରଣାକୁ ସ୍ଥଗିତ ରଖାଯାଇଛି। ପରିସ୍ଥିତି ସ୍ୱାଭାବିକ ହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ନାଗରିକ ମଞ୍ଚ ପକ୍ଷରୁ ସୂଚନା ଅନୁଯାୟୀ, ନୟାଗଡ଼ ହାୱ ଏବଂ ବାଙ୍ଗାଲୋରକୁ ରେଳ ସଂଯୋଗ କରାଯିବା, ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ମେମୁ ଟ୍ରେନ(ନଂ .୧୮୪୨୩/୧୮୪୨୪)କୁ କଟକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ଦଶପଲ୍ଲାରୁ ପୁରୀ ଯାଉଥିବା ପାସେଞ୍ଜର ଟ୍ରେନ(ନଂ.୬୮୪୪୯/୫୦)କୁ ବଦଳାଇ ମେମୁ ଟ୍ରେନ ପ୍ରଚଳନ କରିବା,ଚଳାଚଳ କରୁଥିବା ଟ୍ରେନର ବଗି ସଂଖ୍ୟା ବୃଦ୍ଧି କରିବା, ରେଳ ଷ୍ଟେଶନରେ ଆଉ ଏକ ଟିକେଟ କାଉଣ୍ଟର ଖୋଲିବା କିମ୍ବା ନୂତନ କରି ସ୍ଥାପିତ ହୋଇଥିବା ଟିକେଟ୍ ଭେଣ୍ଡିଂ ମେଶିନରେ କର୍ମଚାରୀ ନିଯୁକ୍ତି କରିବା ଆଦି ବିଭିନ୍ନ ଦାବି ନେଇ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା ।

# ଶ୍ରୀରଘୁନାଥଜୀଉଙ୍କୁ ଦର୍ଶନ କଲେ ହାଇକୋର୍ଟ ବିଚାରପତି



ହାଇକୋର୍ଟର ବରିଷ୍ଠ ବିଚାରପତି ବି. ନରସିଙ୍ଗା ପରିବାର ସହ ଶ୍ରୀଜୀଉଙ୍କ ଦର୍ଶନ କରୁଛନ୍ତି।

**ଓଡ଼ଗାଁ, ୧୦।୫ (ଆଦର୍ଶ କୁମାର ପଟ୍ଟନାୟକ)**

ଓଡ଼ିଶା ହାଇକୋର୍ଟର ଅନ୍ୟତମ ବରିଷ୍ଠ ବିଚାରପତି ବି. ନରସିଙ୍ଗା ଶନିବାର ସନ୍ଧ୍ୟାରେ ପରିବାର ସଦସ୍ୟଙ୍କ ସହ ଓଡ଼ଗାଁରେ ବିଜେ ଶ୍ରୀ ରଘୁନାଥଜୀଉଙ୍କ ଦର୍ଶନ କରିଛନ୍ତି। ଓଡ଼ଗାଁ ଠାରେ ପହଞ୍ଚିବା ପରେ ସ୍ଥାନୀୟ ଅଦାଲତ ବିଚାରପତିଙ୍କ ସହିତ ବରିଷ୍ଠ ଆଇନଜୀବୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଓଡ଼ଗାଁଠାରେ ବିଜେ ପ୍ରଭୁ ରଘୁନାଥ ଜୀଉଙ୍କ ମନ୍ଦିରରେ ପହଞ୍ଚିଥିଲେ। ରଘୁନାଥଜୀଉଙ୍କ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର ଓ ଅନ୍ୟମାନେ ବିଚାରପତିଙ୍କୁ ପ୍ରଭୁଙ୍କ ଦର୍ଶନ କରାଇ ତାଙ୍କର ମଙ୍ଗଳକାମନା କରିଥିଲେ । ଓଡ଼ଗାଁରେ ସେ ପହଞ୍ଚିବା ଖବର ପାଇ ନୟାଗଡ଼ ଜିଲା ଜଜ ସହିତ ଓଡ଼ଗାଁ ଅଦାଲତ ବିଚାରପତି ଓ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ରହି ଜଷ୍ଟିସଙ୍କ ସହ ପ୍ରଭୁଙ୍କ ଦର୍ଶନ ପାଇଥିଲେ ।

# ଚୋରା ଚାଲାଣବେଳେ ଗାଡ଼ି ସହ ୯ଗୋରୁ ଜବତ

## ପୋଲିସ ଦେଖି ଗାଡ଼ି ଚାଳକ ଫେରାର

**ଖଣ୍ଡପଡ଼ା, ୧୦।୫ (ଅଜୟ କୁମାର ମହାରଣା)**

ରାଜ୍ୟ ତଥା ରାଜ୍ୟ ବାହାରକୁ ଗୋ ଚାଲାଣ ହେଉଥିବା ଅଭିଯୋଗ ହେଉଛି । ଶନିବାର କଣ୍ଟିଲୋ ପୋଲିସ କୌଣସି ସୂତ୍ରରୁ ଖବର ପାଇଁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ସହ ୯ ଗୋରୁଙ୍କୁ ଜବତ କରିଛି । ପୋଲିସ ଚଢ଼ାଉ ଦେଖି ଚାଳକ କୌଶଳ କ୍ରମେ ଚମ୍ପଟ ମାରିଛନ୍ତି । ସୂଚନା ଅନୁଯାୟୀ, ଓଡି ୦୫ ବିଏକ୍ସ ୪୩୧୬ ନମ୍ବର ବିଶିଷ୍ଟ ପିକ୍‌ଅପ୍ ଭ୍ୟାନରେ ଗୋରୁ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ପିଛା କରିଥିଲେ । ସିଧାମୂଳା ମହାନଦୀ ସେତୁ ନିକଟରେ ଗାଡ଼ିକୁ ପୋଲିସ ଅଟକାଥିଲା । ହେଲେ କୌଶଳ କ୍ରମେ ଗାଡି ଚାଳକ ଚମ୍ପଟ ମାରିଥିଲେ । ପୋଲିସ ଉକ୍ତ ଗାଡ଼ିକୁ ଜବତ କରିବା ସେଥିରେ ଥିବା ୯ ଗୋରୁଙ୍କୁ ଉଦ୍ଧାର କରିଥିଲା । ଉକ୍ତ ଗୋରୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଖଣ୍ଡପଡ଼ା ଅଞ୍ଚଳରେ ଥିବା ଗୋଶାଳାକୁ ହସ୍ତାନ୍ତର କରାଯିବ ବୋଲି ଫାଣ୍ଡି ଅଧିକାରୀ ଦାସ କହିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।



## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

